

ଶପଥ ନେଲେ ନେପାଳ ପ୍ରଧାନମନ୍ତ୍ରୀ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 06 ଭାଗ ୩୪ | ସଂଖ୍ୟା ୦୬

Sautrday 28 March 2026 | Page 8 Rs. 5.00

ଭୁବନେଶ୍ୱର ଶନିବାର ୨୮ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ପଶ୍ଚିମ ଏସିଆ ସ୍ଥିତି ନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

# ‘ଟିମ ଇଣ୍ଡିଆ’ ସ୍ପିରିଟ୍‌ରେ କାମ କରିବାକୁ ଆହ୍ୱାନ

- ଅର୍ଥନୀତିରେ ସ୍ଥିରତା ବଜାୟ ଉପରେ ଗୁରୁତ୍ୱ
- ଲୋକଙ୍କ ସ୍ୱାର୍ଥ, ଶକ୍ତି ସୁରକ୍ଷା ଓ ଯୋଗାଣ ବ୍ୟବସ୍ଥାକୁ ପ୍ରାଥମିକତା
- ହୋର୍ଡିଂ ଓ ଲାଭଖୋରଙ୍କୁ ସାବାଡ୍ କରନ୍ତୁ
- ସାର ଯୋଗାଣ ପାଇଁ ଆଗୁଆ ପ୍ଲାନିଂ ଜରୁରୀ
- ମିଛ ଓ ଗୁଜବ ପ୍ରତି ସତର୍କତା ରହିବାକୁ ପରାମର୍ଶ
- କେନ୍ଦ୍ର ସହ ସମନ୍ୱୟ ରଖିବାକୁ ପ୍ରତିଶ୍ରୁତି



ନୂଆଦିଲ୍ଲୀ,୨୭।୩: ପଶ୍ଚିମ ଏସିଆରେ ଯୁଦ୍ଧ ସ୍ଥିତି ସୃଷ୍ଟି ହେବା ପରେ ପ୍ରଥମ ଥର ପାଇଁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ସହ ଆଲୋଚନା କରିଛନ୍ତି। ଦେଶ ଉପରେ ଏହି ଯୁଦ୍ଧର ପ୍ରଭାବ ଓ ଏହାର ମୁକାବିଲା ନେଇ ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀମାନଙ୍କ ସହ ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିଛନ୍ତି। କୋଭିଡ ଭଳି ବର୍ତ୍ତମାନ ମଧ୍ୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ‘ଟିମ ଇଣ୍ଡିଆ’ ଆଭିମୁଖ୍ୟ ରଖି କାମ କରିବାକୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଅପିଲ କରିଛନ୍ତି।

ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ସହ ଆଗାମୀ ଦିନରେ କିଭଳି ସମନ୍ୱିତ ଢଙ୍ଗରେ ଏବଂ ପ୍ରାକ-ପ୍ରସ୍ତୁତି ସହ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରାଯାଇପାରିବ, ତା’ ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବରୁ ମଧ୍ୟ ବିଶ୍ୱ ସ୍ତରରେ ସୃଷ୍ଟି ହୋଇଥିବା ଅସ୍ଥିର ସ୍ଥିତିର ମୁକାବିଲା ଭାରତ ସଫଳତାର ସହ କରିଛି। କୋଭିଡ ମହାମାରୀ କଥା ମନେ ପକେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେତେବେଳେ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ‘ଟିମ ➪ପୃଷ୍ଠା-୬

# ୧୦ ଟଙ୍କା କମିଲା ଉତ୍ପାଦ ଶୁଳ୍କ

- ପେଟ୍ରୋଲ୍ ଉପରେ ଏବେ ୩ ଟଙ୍କା, ଡିଜେଲ୍ ଉପରେ ଶୂନ
- ଇନ୍ଧନ ସଙ୍କଟ ମଧ୍ୟରେ ଆଶ୍ୱସ୍ତିକର ଖବର
- ପେଟ୍ରୋଲ, ଡିଜେଲ ଦର ଅପରିବର୍ତ୍ତିତ
- ସ୍ୱାଗତ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ





ନୂଆଦିଲ୍ଲୀ,୨୭।୩(ସଂଚାର ବ୍ୟୁରୋ): ଅଶୋଧିତ ତୈଳ ଯୋଗାଣ ସଙ୍କଟ ମଧ୍ୟରେ ତୈଳ କମ୍ପାନୀଗୁଡ଼ିକୁ ଆଜି ମିଳିଛି ବଡ଼ ଆଶ୍ୱସ୍ତି। ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି କେନ୍ଦ୍ର ସରକାର। ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କ ୧୩ ଟଙ୍କାରୁ ୩ ଟଙ୍କାକୁ ହ୍ରାସ କରାଯାଇଛି। ସେହିପରି ଡିଜେଲ ଉପରେ ଉତ୍ପାଦ ଶୁଳ୍କକୁ ଶୂନ୍ୟ କରିଦିଆଯାଇଛି। ସରକାର ତୈଳ କମ୍ପାନୀଗୁଡ଼ିକୁ ଆଶ୍ୱସ୍ତି ଦେବାକୁ ଏପରି ନିଷ୍ପତ୍ତି ନେଇଛନ୍ତି। କାରଣ ସଙ୍କଟ ସମୟରେ ସେମାନେ ଅଧିକ ମୂଲ୍ୟରେ ଅଶୋଧିତ ତୈଳ କିଣିବାକୁ ବାଧ୍ୟ ହେଉଛନ୍ତି। ତେବେ ପୂର୍ବଭଳି ରାଜ୍ୟ ସରକାରଙ୍କ ଭାଟ୍ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଜାରି ରହିବ। ପୂର୍ବରୁ ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କ ୧୩ ଟଙ୍କା ଓ ଡିଜେଲ ଉପରେ ୧୦ ଟଙ୍କା ପ୍ରତି ଲିଟର ଥିଲା। ଆଜି କେନ୍ଦ୍ର ସରକାର ଉଭୟରେ ➪ପୃଷ୍ଠା-୬

## ମଧ୍ୟପ୍ରାଚ୍ୟ ସଙ୍କଟ ▶ ଗଠନ ହେଲା ଆନ୍ତଃମନ୍ତ୍ରିସ୍ତରୀୟ କମିଟି



ନୂଆଦିଲ୍ଲୀ,୨୭।୩: ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଓ ଭାରତ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସୂଚନା ଅନୁଯାୟୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃ-ମନ୍ତ୍ରିସ୍ତରୀୟ କମିଟି ଗଠନ କରାଯାଇଛି, ଯାହା ପରିସ୍ଥିତି ଉପରେ ନଜର ରଖିବ ଓ ଆବଶ୍ୟକ ନିଷ୍ପତ୍ତି ପାଇଁ ସରକାରଙ୍କୁ ପରାମର୍ଶ ଦେବ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ ଏହି କମିଟିରେ ସଦସ୍ୟ ଭାବେ ରହିଛନ୍ତି। ଏହି କମିଟି ବିଶେଷ ଭାବରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ସହ ଜଡ଼ିତ ଅର୍ଥନୈତିକ, ସୁରକ୍ଷା ଓ ଶକ୍ତି ପ୍ରସଙ୍ଗଗୁଡ଼ିକ ଉପରେ ନଜର ରଖିବ। ପ୍ରକୃତରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏବଂ ପ୍ରମୁଖ ତୈଳ ଯୋଗାଣ ମାର୍ଗଗୁଡ଼ିକରେ ବଢୁଥିବା ଉତ୍ତେଜନା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବା ଆରମ୍ଭ କରିଛି। ଏହାକୁ ଦୃଷ୍ଟିରେ ରଖି ଯେକୌଣସି ଜରୁରୀକାଳୀନ ପରିସ୍ଥିତିରେ ତୁରନ୍ତ ଓ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ପାଇଁ ସରକାର ଏହି କମିଟି ଗଠନ କରିଛନ୍ତି।

ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଯୋଗାଣ ବ୍ୟାଘାତ କିମ୍ବା ହଠାତ୍ ମୂଲ୍ୟ ବୃଦ୍ଧିର ପ୍ରଭାବ ସାଧାରଣ ଲୋକ ଓ ଶିଳ୍ପ ଉପରୁ ହ୍ରାସ କରିବା। ଯଦି ➪ପୃଷ୍ଠା-୬

# ସୀମା ଟପିଲାଣି ଧର୍ମଶାଳା ଅରାଜକତା

- ସୁରକ୍ଷିତ ନୁହଁନ୍ତି ପୂର୍ବତନ ବିଧାୟକ
- ଘରେ ପଶି ଆକ୍ରମଣ ଓ ଧମକ
- ମାସିକିଆ ଦରମାରେ ପୋଷା ହୋଇଛନ୍ତି ଗୁଣ୍ଡା!



ଧର୍ମଶାଳା,୨୭।୩(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଅରାଜକତା ସବୁ ସୀମା ଟିପିଗଲାଣି। ଏଠି ଜନପ୍ରତିନିଧି ବି ନିଜକୁ ସୁରକ୍ଷିକ ମଣୁନାହାଁନ୍ତି, ସାଧାରଣ ଲୋକଙ୍କ କଥାକୁ କିଏ ପଚାରେ। କିଛି ଦିନ ତଳେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସରେ ପଶି ଆକ୍ରମଣ ହୋଇଥିଲା, ଆଉ ଆଜି ତାଙ୍କ ଘରେ ପଶି ତାଙ୍କ ଅଫିସ ଷ୍ଟାଫଙ୍କୁ ଆକ୍ରମଣ ସହ ଧମକ ଦିଆଯାଇଛି। ଏନେଇ ପୂର୍ବତନ ବିଧାୟକ ଥାନାରେ ଅଭିଯୋଗ କରିବା ସହ ସିସିଟିଭି ଫୁଟେଜ ମଧ୍ୟ ଦେଇଛନ୍ତି।

ଯାଜପୁର ଜିଲ୍ଲାର ଧର୍ମଶାଳା ନିର୍ବାଚନମଣ୍ଡଳୀ ଏବେ ବିଭିନ୍ନ କାରଣରୁ ସବୁବେଳେ ଚର୍ଚ୍ଚାରେ ରହିଆସୁଛି। କେତେବେଳେ ବେଆଇନ ପାହାଡ଼ ଖନନ ପାଇଁ ତ ଆଉ କେତେବେଳେ ପୂର୍ବତନ ବିଧାୟକଙ୍କୁ ଆକ୍ରମଣ ପାଇଁ। କିଛି ଦିନ ତଳେ ପୂର୍ବତନ ବିଧାୟକଙ୍କ ଫାର୍ମ ହାଉସରେ ତୁମୂଳ କାଣ୍ଡ ହୋଇଥିଲା। ପ୍ରଣବ ବଳବନ୍ତରାୟ ସରକାରୀ ଜମି ମାଡ଼ି ବସି ଫାର୍ମ ହାଉସ କରିଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ବିଭିନ୍ନ ସ୍ତରରେ ଅଭିଯୋଗ ହେବା ପରେ ହୋଇକୋର୍ଟଙ୍କ ନିର୍ଦ୍ଦେଶରେ ମାପଚୁପ ହୋଇଥିଲା। ସେଭିତରେ କିଛି ଦିନ ତଳେ ବିଜେଡି ଆଇଟି ସେଲ୍‌ର କିଛି କର୍ମକର୍ତ୍ତା ଭୋଜି କରୁଥିବା ସମୟରେ କେତେକ ଅସମାଜିକ ଯୁବକ ସେମାନଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ➪ପୃଷ୍ଠା-୬








90 YEARS

TRUST IS TIMELESS

BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road BERHAMPUR: Venkatraju Arcade, Sano Bazar CUTTACK: 558/834, Cantonment Road JAJPUR ROAD: Bank Street Road JHARSUGUDA: Sarbahal Road, Marwari Para PURI: Opp. Police Line, VIP Road ROURKELA: Kesar Bhawan, Main Road SAMBALPUR (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com 1800 3131 777 FOLLOW US ON:

SCAN TO KNOW MORE

## ତୁଳସୀ କ୍ଷେତ୍ରରେ ରାମନବମୀ ପାଳିତ



କେନ୍ଦ୍ରାପଡ଼ା,୨୭।୩(ସଂଚାର ବ୍ୟୁରୋ): ତୁଳସୀ କ୍ଷେତ୍ରରେ ରାମ ନବମୀ ପାଳିତ ହୋଇଯାଇଛି। ଆଜିଠୁ ନବଦିନ ବ୍ୟାପୀ ବିଜେ ପ୍ରତିମା ରାମ ଟୁଙ୍ଗି କୁ ଯାତ୍ରା କରିବେ । ତୁଳସୀ କ୍ଷେତ୍ର ର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉ ଙ୍କ ମନ୍ଦିର ରେ ରାମ ନବମୀ ନୀତି ପାଳନ ହୋଇ ଯାଇଚି ସକାଳ ଧୂପ ସମ୍ପନ୍ନ ପରେ ଶ୍ରୀଜୀଉ ଙ୍କୁ ଗୋପିଏ ସଜ୍ଜିତ ବେଶରେ ସଜ୍ଜିତ କରା ଯାଇ ମଙ୍ଗଳା ଅର୍ପଣ ଆଳତି ସମେତ ଭୋଗ ଲାଗି କରାଯାଇଥିଲା । ବେଢ଼ା ସମ୍ପନ୍ନ ପରେ ମନ୍ଦିର ବେଢ଼ା ରେ ବିରାଜମାନ ଥିବା ରାମ ଜୀଉଙ୍କୁ ସ୍ନାନ କରାଯାଇ ନୂତନ ବସ୍ତ୍ର ପୁଷ୍ପ ରେ ସଜ୍ଜିତ କରାଯାଇ ବିଭିନ୍ନ ପ୍ରକାର ଭୋଗ ଭକ୍ତ ମାନଙ୍କ ଦ୍ୱାରା ଅର୍ପଣ କରାଯାଇଥିଲା । ବେଢ଼ା ମଧ୍ୟରେ ଭକ୍ତଙ୍କ ଭିଡ଼ ହୋଇଥିଲା । ଆଜିଠୁ ନବଦିନ ବ୍ୟାପି ରାତ୍ର ଧୂପ ସମ୍ପନ୍ନ ପରେ ବିଜେ ପ୍ରତିମା ଗୋବିନ୍ଦ ଜୀଉ ମନ୍ଦିର ବାହାରେ ଥିବା ରାମ ଟୁଙ୍ଗି କୁ ଯାତ୍ରା କରିବେ। ମନ୍ଦିର ପ୍ରଶାସନ ସହଯୋଗ ରେ ସମ୍ପୂର୍ଣ୍ଣ ରାମାୟଣର ରାମଲୀଳା କାର୍ଯ୍ୟକ୍ରମ ରାତ୍ର ସମୟରେ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି ।

## ଶ୍ରୀରାମ ନବମୀ ଉତ୍ସବ ଆରମ୍ଭ



ରାଜନଗର, ୨୭।୩(ସଂଚାର ବ୍ୟୁରୋ): ଶ୍ରୀରାମଙ୍କ ପବିତ୍ର ଜୟନ୍ତୀ ଉତ୍ସବ ଆଜିଠାରୁ ରାଜନଗରରେ ଆରମ୍ଭ ହୋଇଛି। ରାଜନଗର ଦେବୀ ମଣ୍ଡପରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ନବଦିନ ବ୍ୟାପି ରାମଚରିତ ମାନସ ପାରାୟଣ ସହ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ଚଳିତବର୍ଷ ଧୂମଧାମରେ ପାଳନ କରାଯାଉଛି। ପଣ୍ଡିତ ବିଜୟ ନନ୍ଦ, ହରକୁମାର ମିଶ୍ର,ପ୍ରମୋଦ କୁମାର ପାଣି ରାମଚରିତ ମାନସ ପଠନ ସହ ପୂଜାର୍ଚ୍ଚନା କରୁଛନ୍ତି। ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀରାମଙ୍କ ଦର୍ଶନ କରୁଛନ୍ତି । ଆଜିଠାରୁ ଆରମ୍ଭହୋଇଥିବା ରାମାୟଣ ପାଠ ଓ ରାମ ନବାୟତନ ପୂଜା ଆସନ୍ତା ଅପ୍ରେଲ ୪ ତାରିଖ ଯାଏଁ ଚାଲିବ। ଆସନ୍ତାକାଲିଠାରୁ ପ୍ରତିଦିନ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ବଣିକ ସଂଘ ସଭାପତି ବାଇଧର ସେଠୀ ସୂଚନା ଦେଇଛନ୍ତି।

## ଗରାପୁର ହନୁମାନ ମନ୍ଦିରରେ ଶ୍ରୀରାମ ନବମୀ ପାଳିତ



କେନ୍ଦ୍ରାପଡ଼ା, ୨୭।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଞ୍ଚାୟତ ଗରାପୁର ସ୍ଥିତ ମହାବୀର ଆଶ୍ରମ ହନୁମାନ ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଶୁଭ ଜନ୍ମ ମହୋତ୍ସବ ଶ୍ରୀରାମ ନବମୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳେ ଓ ଅପରାହ୍ନରେ ଶ୍ରୀରାମଚରିତ ମାନସ ପାରାୟଣ, ତୁଳସୀ ରାମାୟଣ ପାରାୟଣ ଓ ସନ୍ଧ୍ୟାରେ ବିଭିନ୍ନ ସାଧୁସନ୍ଥ ଏବଂ ବିଜ୍ଞ ପ୍ରବଚକମାନଙ୍କ ଦ୍ୱାରା ଶ୍ରୀରାମ କଥାମୃତପ୍ରବଚନ ଅନୁଷ୍ଠିତ ହୋଇଯାଇଛି । ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ପହି ହନୁମାନଜୀଉ ଓ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କୁ ଦର୍ଶନ କରିବା ସହିତ ଆଶ୍ରିର୍ବାଦ ଭିକ୍ଷା କରିଥିଲେ । ସେହି ଅନୁଯାୟୀ ପ୍ରଭୁ ଶ୍ରୀରାମଙ୍କ କଥାମୃତ ଉପରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବୋଲି ଆଶ୍ରମ ପକ୍ଷରୁ ମନ୍ଦିର ପରିଚାଳନା କମିଟି ସଭାପତି ବାବାଜୀ ଚେତନାନନ୍ଦ ଦାସ ସୂଚନା ଦେଇଛନ୍ତି । ଶୁକ୍ରବାର ପ୍ରାତଃରୁ ପୂଜାର୍ଚ୍ଚନା କରାଯିବା ସହ ନାମ ସଙ୍କୀର୍ତ୍ତନ, ଭଜନ ଓ ର୍କୀନ ମଧ୍ୟ କରାଯାଉଛି । ଏହି ଅବସରରେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ମହାବୀର ଆଶ୍ରମରେ ପହି ଶ୍ରୀରାମଙ୍କ ଭକ୍ତ ହନୁମାନଜୀଉ ଓ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କୁ ଦର୍ଶନ କରି ଆଶିର୍ବାଦ ଭିକ୍ଷା କରିଥିଲେ ।

## ଲାପଟୁଆଁରେ ଶ୍ରୀରାମ ନବମୀ ପାଳିତ



ମାହାଙ୍ଗା, ୨୭।୩ (ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭେଡା ପଞ୍ଚାୟତ ସ୍ଥିତ ଲାପଟୁଆଁ ଠାରେ ଶ୍ରୀରାମ ନବମୀ ନଅ ଦିନ ବ୍ୟାପୀ ଅନୁଷ୍ଠିତ ହେଉଅଛି। ଏହି ଅବସରରେ କଳସ ପୂଜା, ସୂର୍ଯ୍ୟପୂଜା, ଅଖଣ୍ଡ ଦୀପ ପୂଜା ଓ ସ୍ଥାପନ, ପ୍ରଭୁ ରାମଚନ୍ଦ୍ରଙ୍କ ପୂଜା, ହନୁମାନଙ୍କ ପୂଜା, ରାମାୟଣ ପଠନ ଆଦି କାର୍ଯ୍ୟକ୍ରମ ଯଥାରୀତି ଅନୁଯାୟୀ ଅନୁଷ୍ଠିତ ହେଉଅଛି। ଏଥିରେ କର୍ତା ଭାବେ ରୁଷି କୁମାର ରାଉତ, କର୍ତ୍ତୀ ଭାବେ ଲକ୍ଷ୍ମୀପ୍ରିୟା ରାଉତ ପୂଜା କାର୍ଯ୍ୟରେ ବସିଥିବାବେଳେ ବରିଷ୍ଠ ପୂଜକ ଭାବେ ଶରତ ଚନ୍ଦ୍ର ମିଶ୍ର ଓ ତାଙ୍କ ସାଥି ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏଥିରେ ପ୍ରଭୂ ଶ୍ରୀରାମଙ୍କ ଶରଣାଶ୍ରିତ ଶ୍ରଦ୍ଧାଳୁ ଓ ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରୁଛନ୍ତି। ଏହି ଅବସରରେ ଭଜନ ଓ କୀର୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

### ବାଇକ ଧକ୍କାରେ ମହିଳାଙ୍କ ମୃତ୍ୟୁ

# ଚାଳକକୁ ଗିରଫ ଦାବିରେ ଶବ ରଖି ରାସ୍ତାରୋକ

କେନ୍ଦ୍ରାପଡ଼ା,୨୭।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା-ବସୁପୁର ରାସ୍ତାର କାଳିଆ ଛକରେ ଶୁକ୍ରବାର ପ୍ରାତଃ ପ୍ରାୟ ୫ଟା ବେଳେ ଏକ ଦ୍ରୁତଗାମୀ ବାଇକ ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ହୋଇଯାଇଛି । ଅଭିଯୋଗ ଅନୁଯାୟୀ କୁଜଙ୍ଗନଗରୀ ଥାନା ଅନ୍ତର୍ଗତ ମାହାରାକୁଳ ଗ୍ରାମର ଭାଗବତ ଦାସ ଓ ତାଙ୍କ ପତ୍ନୀ ସୁକାନ୍ତି ଦାସ(୫୭) ଦିଆନପାଟଣା (ଆଇଡିପୁର) ରୁ ଯାତ୍ରା ଦେଖି ଚାଲି ଚାଲି ଘରକୁ ଫେରୁଥିବା ବେଳେ ଶୁକ୍ରବାର ସକାଳେ ବିପରିତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ(ୟାମାହା ଏଫଜେଡ ନଂ- ଓଡି-୦୫-ବିଏଫ-୦୩୯୫) ସୁକାନ୍ତିଙ୍କୁ ଜୋରରେ ଧକ୍କା ଦେଇଥିଲା । ଫଳରେ ସୁକାନ୍ତି ରାସ୍ତା ଉପରେ ପଡିଯାଇଥିଲେ।



ସୁକାନ୍ତିଙ୍କ ମୁଣ୍ଡ ଫଚପଟ ରାସ୍ତାରେ ଜୋରରେ ପିଟିହୋଇଯାଇ ମୁଣ୍ଡ ଓ ନାକରୁ ରକ୍ତସ୍ରାବ ହୋଇଥିଲା। ବାଇକଟି ଧକ୍କାଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ସୁକାନ୍ତିଙ୍କ ସ୍ୱାମୀ ଭାଗବତ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ସେଠାରେ ପହଞ୍ଚି ସୁକାନ୍ତିଙ୍କୁ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ସୁକାନ୍ତିଙ୍କ ପୁଅ ଜଗନ କୁମାର ଦାସ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଛନ୍ତି ।

ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରେ ରାସ୍ତା ଉପରେ ସୁକାନ୍ତିଙ୍କ ଶବ ରଖି ରାସ୍ତାରୋକ କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମଟର ଗୁଡିକ ଅଟକି ରହିଥିଲା । ଖବର ପାଇ ଘଟଣାସ୍ଥଳରେ ସଦରଥାନା ଅଧିକାରୀ ପଲ୍ଲବୀ ପ୍ରଧାନ ପୁଲିସ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅଭିଯୁକ୍ତଙ୍କୁ ୩ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶୃତି ମିଳିବା ପରେ ରାସ୍ତାରୋକ ହଟିଥିଲା ।

## ସମୀର ଟିଭିଏସ ପକ୍ଷରୁ ଦହିପାଣି ବଣ୍ଟନ



କେନ୍ଦ୍ରାପଡ଼ା,୨୭।୩(ସଂଚାର ବ୍ୟୁରୋ): ପବିତ୍ର ଶ୍ରୀରାମନବମୀ ଉପଲକ୍ଷେ କେନ୍ଦ୍ରାପଡ଼ା ସହର ଉପକଣ୍ଠ ଦୁହୁରିଆସ୍ଥିତ ସମୀର ଟିଭିଏସ ପକ୍ଷରୁ ଲୋକମାନଙ୍କୁ ଦହିପାଣି ବନ୍ଟନ କରାଯାଇଛି । ସମୀର ଟିଭିଏସ ସମ୍ମୁଖ ରାସ୍ତାକଡରେ ଏକ ମେଗା ଜଳଛତ୍ର ଖୋଲାଯାଇଛି। ସେହି ଜଳଛତ୍ରରେ ରାସ୍ତାରେ ଯାଉଥିବା ବାଟୋଇଙ୍କ ସମେତ ବସ, ଟ୍ରକ, ଅଟୋ, ପିକଅପ୍ ଭ୍ୟାନ ଭଳି ବିଭିନ୍ନ ଗାଡିରେ ଯାଉଥିବା ଲୋକମାନଙ୍କୁ ଦହିପାଣି ଓ ଥଣ୍ଡା ପାଣି ବଣ୍ଟନ କରାଯାଉଛି। ପ୍ରଚଣ୍ଡ ଖରାରେ ରାସ୍ତାରେ ଯାଉଥିବା ଲୋକଙ୍କ ଶୋଷ ମେଣ୍ଟାଇବା ପାଇଁ ସମୀର ଟିଭିଏସ ପକ୍ଷରୁ ଏଭଳି ଏକ ସମାଜସେବା ମୂଳକ କାର୍ଯ୍ୟ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ସମୀର ଟିଭିଏସ ପରିବାରର ସମସ୍ତ ସଦସ୍ୟ ମିଳିମିଶି ସୁଚାରୁ ରୂପେ କରୁଛନ୍ତି ।

### ଶ୍ରୀ ବଳଦେବ ଜୀଉ ମନ୍ଦିର ସିଂହଦ୍ୱାରକୁ

# ଅବରୋଧ ମୁକ୍ତ କରାଯାଉ



କେନ୍ଦ୍ରାପଡା,୨୭।୩(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉ ଙ୍କ ମନ୍ଦିର ପ୍ରବେଶ ପଥ ଅରୁଣ ସ୍ତମ୍ଭ ନିକଟ ଚକଡା ଉପରେ ଦିନକୁ ଦିନ ବିଭିନ୍ନ ପସରା ଖୋଲା ଯାଉଥିବାରୁ ଅବରୋଧ ହୋଇ ଚାଲିଛି। ବିଭିନ୍ନ ପୂଜା ପାର୍ବଣ ଓ ବିଶେଷ ଦିନ ମାନଙ୍କରେ ଶ୍ରୀ ଜୀଉ ମାନଙ୍କୁ ଦର୍ଶନ କରିବା ପାଇଁ କେନ୍ଦ୍ରାପଡା ସହର ସମେତ ଦୂର ଦୂରାନ୍ତରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ମନ୍ଦିରକୁ ଆସିଥାନ୍ତି। ଏପରିକି ମକର ସଂକ୍ରାନ୍ତି, ଶ୍ରୀରାମ ନବମୀ, ଗହ୍ମା ପୂର୍ଣ୍ଣିମା ପ୍ରଭୃତି ଦିନ ମାନଙ୍କରେ ହଜାର ହଜାର ସଂଖ୍ୟକ ଭକ୍ତ ମନ୍ଦିରରେ ସମବେତ ହୋଇଥାନ୍ତି।

ଏବେ ଅରୁଣ ସ୍ତମ୍ଭ ନିକଟରେ ଥିବା ଚକଡା ଉପରେ ଏହି ଦିନ ମାନଙ୍କରେ ବିଭିନ୍ନ ବ୍ୟବସାୟ ସଂସ୍ଥା ପକ୍ଷରୁ କେତେବେଳେ ଭୋଗ ଦୋକାନ, ଟଙ୍କ ତୋରାଣୀ ଦୋକାନ ପ୍ରଭୃତି ଖୋଲା ଯାଉଥିବାରୁ ମନଦିର ପ୍ରବେଶ ପଥ ସଂକୁଚିତ ହୋଇ ଅଯଥା ଭିଡ ଓ ଗହଳି ସୃଷ୍ଟି ହେଉଥିବାରୁ ଭକ୍ତ ମାନଙ୍କ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି । ଏହା ସହ ପ୍ରବେଶ ପଥରେ ଅଯଥା ଗହଳି ଓ ପଥ ଅବରୋଧ ଯୋଗୁଁ ଛିନତାଇ, ପକେଟମାର ପ୍ରଭୃତି କାଣ୍ଡ ଘଟାଇବା ପାଇଁ ଅସାମାଜିକ ବ୍ୟକ୍ତିମାନେ ଏହାର ସୁଯୋଗ ନିଅନ୍ତି। ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତନ୍ଙ୍କ ଯିବା ଉପରେ ଦୃଷ୍ଟି ଦେଇ ପ୍ରବେଶ ପଥକୁ ସମ୍ପୂର୍ଣ୍ଣ ମୁକ୍ତ କରିବା ଓ ଚକଡା ଉପରେ କୌଣସି ପସରା ନ ଖୋଲାବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହ କରିବା ପାଇଁ ସାଧାରଣରେ ଦାବି ହେଉଛି ।

ମନ୍ଦିର ଭିତରେ ପ୍ରଶସ୍ତ ଯାଗା ଥିବାବେଳେ ମନ୍ଦିର ପ୍ରବେଶ ପଥକୁ ଅବରୋଧ ମୁକ୍ତ କରିବା ମନ୍ଦିର ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜିବୀ ମାନେ ଦାବି କରିଛନ୍ତି ।

## ବଦଳିବ ନେହରୁ ବଙ୍ଗଳାର ଚିତ୍ର



ପାରାଦୀପ, ୨୭।୩ (ସଂଚାର ବ୍ୟୁରୋ): ବଦଳିବ ପାରାଦୀପ ନେହେରୁ ବଙ୍ଗଳାର ଚିତ୍ର। ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ଯୋଡିହେବ ଆଉ ଗୋଟିଏ ଫର୍ଦ୍ଦ। ଆକୃଷ୍ଟ ହେବେ ଆଗନ୍ତୁକ। ଉଠାଇ ପାରିବେ ବୋଟିଂର ମଜା। ଆଧୁନିକ ପାର୍କ ସହ ଜଳ କ୍ରୀଡାର ସୁବିଧା ମଧ୍ୟ ରହିବ ଏଠାରେ। ଆଜି ଏଭଳି ସୂଚନା ଦେଇଛନ୍ତି ପାରାଦୀପ ବିଧାୟକ ତଥା ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ରାଜନଗର ଡିଏଫଓ ଓ ପାରାଦୀପ ବନ୍ଦର ପ୍ରସାଶନିକ ଅଧିକାରୀଙ୍କ ସହ ମନ୍ତ୍ରୀ ଆଜି ନେହେରୁବଙ୍ଗଳା ବୁଲିବା ସହ ସରକାରୀ ସ୍ତରରେ ଏକ ଯୋଜନା ପ୍ରସ୍ତୁତ କରାଯାଉଥିବା ପ୍ରକାଶ କରିଛନ୍ତି |

ନେହେରୁ ବଙ୍ଗଳାର ଅପୂର୍ବ ଶୋଭାରାଜିରେ ଅନେକ ସମୟରେ ଏଠାକୁ ଆସୁଥିବା ପର୍ଯ୍ୟଟକ ବେଶ ଆନନ୍ଦ ଲାଭ କରିଥାନ୍ତି | ପଥର ବନ୍ଧ ସାଙ୍ଗକୁ ମହାନଦୀ ଓ ସମୁଦ୍ରର ମିଳନ ସ୍ଥଳ ଅନେକଙ୍କୁ ଆନମନା ମଧ୍ୟ କରିଥାଏ | ଏହାକୁ ଆହୁରି ଆଦୃତ କରିବା ପାଇଁ ଓଡିଶା ସରକାର ଚେଷ୍ଟା ଆରମ୍ଭ କରିଥିବା ମନ୍ତ୍ରୀ ପ୍ରକାଶ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଏଠାରେ ଏକ ରିସୋର୍ଟ ସ୍ଥାପନ କରାଯିବା ସହ ପାରାଦୀପ ସମୁଦ୍ର କୂଳରେ ୱାଟର ପାର୍କ ନିର୍ମାଣ କରା ଯିବାପାଇଁ ପ୍ରସ୍ତାବ ରହିଥିବା ବେଳେ ପାରାଦୀପ ସମୁଦ୍ର କୂଳରେ ବ୍ଲ୍ୟୁ ଫ୍ଲାଗ ବିଚ ପ୍ରତିଷ୍ଠା ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି | ଆଗକୁ ପାରାଦୀପ କେବଳ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୁହେଁ ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଅଗ୍ରଗତି କରୁଥିବା ମନ୍ତ୍ରୀ ପ୍ରକାଶ କରିଛନ୍ତି।

## ସୁଭଦ୍ରା ଶକ୍ତି ମେଳାର ତୃତୀୟ ସନ୍ଧ୍ୟା

କେନ୍ଦ୍ରାପଡ଼ା, ୨୭।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାରେ ଚାଲିଥିବା ସୁଭଦ୍ରା ଶକ୍ତି ମେଳାର ଆଜି ତୃତୀୟ ସନ୍ଧ୍ୟା ବିଭିନ୍ନ କାର୍ଯ୍ୟକ୍ରମ ଓ ସାଂସ୍କୃତିକ ଉତ୍ସବମୁଖର ପରିବେଶରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲୀକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂ ଓ ଜିଲ୍ଲା ଓ ଅନ୍ୟାନ୍ୟ ମାଣ୍ଡିଆ ଆଧାରିତ ଖାଦ୍ୟ ପ୍ରସ୍ତୁତ କରି ଆତ୍ମନିର୍ଭରତାର ଉଦାହରଣ ସୃଷ୍ଟି କରିଛନ୍ତି। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଖ୍ୟାତନାମା ଗାୟିକା ପ୍ରଜ୍ଞା ହୋତା ତାଙ୍କର ସୁମଧୁର ସଙ୍ଗୀତରେ ଦର୍ଶକମାନଙ୍କୁ ମନୋରଞ୍ଜନ କରିଥିଲେ। ଏହା ସହିତ ଓଡିଶାର ପ୍ରସିଦ୍ଧ କମେଡିୟାନ ପପୁ ପମ ତାଙ୍କର ହାସ୍ୟରସରେ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ




ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ନିଜ ସଫଳତା କାହାଣୀ ଉପସ୍ଥାପନ କରିଥିଲେ ଶିବ ପାର୍ବତୀ ଉତ୍ପାଦକ ଗୋଷ୍ଠୀର ସନ୍ଧ୍ୟାରାଣୀ ନାୟକ (କାଇଁଚ ତିଆରି ପଦାର୍ଥ) ଓ ଡେରାବିଶ ବ୍ଲକର ଦଧି ବାବନଜୀଉ ଉତ୍ପାଦକ ଗୋଷ୍ଠୀର ଶୁଭାଶିନୀ ଭଦ୍ର, ଯେଉଁମାନେ ମାଣ୍ଡିଆ ବିସ୍କୁଟ ରଘୁରାମ ଆର ଆୟର ପ୍ରଜ୍ଞା ହୋତା ଓ ପପୁ ପମଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ସହିତ ଅନ୍ୟାନ୍ୟ ଅଧିକାରୀ ଓ ବିପୁଳ ସଂଖ୍ୟକ ଦର୍ଶକମାନେ ଉପସ୍ଥିତ ଥିଲେ। ସମଗ୍ର କାର୍ଯ୍ୟକ୍ରମ ଉତ୍ସାହ, ଆନନ୍ଦ ଓ ମହିଳା ସଶକ୍ତିକରଣର ସନ୍ଦେଶରେ ପୂର୍ଣ୍ଣ ଥିଲା।

## ଦୃଢ଼ ସଂଗଠକ ଭାବେ ଜ୍ୟୋତିରଞ୍ଜନ ସମ୍ବର୍ଦ୍ଧିତ




କେନ୍ଦ୍ରାପଡ଼ା,୨୭।୩ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲାରେ ଆୟୋଜିତ ହେଉଥିବା ଶୁଭଦ୍ରା ଶକ୍ତି ମେଳା ଓ ପ୍ରାଣୀ ସମ୍ପଦ ମେଳାରେ ଦୃଢ଼ ସଂଗଠକ ଭାବେ ଜୋତିରଞ୍ଜନ ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଡେରାବିଶ ବ୍ଲକ ପ୍ରାଣୀ ବିଭାଗ ଅଧୀନରେ କାର୍ଯ୍ୟ କରିଥିବା ଜୋତି ରଞ୍ଜନ ପ୍ରାଣୀ ସମ୍ପଦ ମେଳାକୁ ସଫଳ ଦେବା ପାଇଁ ବହୁ ଉଦ୍ୟମ କରିଛନ୍ତି । ଶ୍ରୀ ଜେନା ଏହି ମେଳା ଗୋ ସମ୍ପଦ ଚାଷ ପାଇଁ ଡେରାବିଶର ବିଭିନ୍ନ ଅଞ୍ଚଳରୁ ଚାଷୀମାନଙ୍କ ପାଖରୁ ଉନ୍ନତ ଓ ଶଙ୍କର ପ୍ରଜାତିର ଗାଈ, ମଇଁଷି ଓ ଛେଳି ମେଣ୍ଢା ଆଣିଛନ୍ତି। ଶ୍ରୀ ଜେନା କହିଛନ୍ତି ଏହି ଚାଷ ମାଧ୍ୟମରେ ଚାଷୀ ଅଧିକ କ୍ଷୀର ଓ ମାଂସ ପାଇଁ ପାରିବ ଫଳରେ ସେ ଅନେକ ଲାଭବାନ ହୋଇପାରିବ । ଆଜି ଏହି ମେଳାରେ ଏହି ଜୀବନ୍ତ ପଶୁମାନଙ୍କୁ ଆଣି ଲୋକମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା । ତାଙ୍କର ଏହି ଉଦ୍ୟମକୁ ଜିଲ୍ଲାପ୍ରଶାସନ ପ୍ରଶଂସା କରିବା ସହ ଆଜି ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛି ।

## ପିଏମଶ୍ରୀ ନାଗା ନାରାୟଣ ଛାତ୍ରଛାତ୍ରୀଙ୍କ ଅନ୍ୱେଷଣ ଯାତ୍ରା

ରାଜନଗର, ୨୭।୩ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳସ୍ଥିତ ପିଏମଶ୍ରୀ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଶତାଧିକ ଛାତ୍ରଛାତ୍ରୀ ୯ଟି ବସରେ ଭୁବନେଶ୍ୱର, ନନ୍ଦନକାନନ ଓ ରିଜିଓନାଲ ସାଇନ୍ସ ସେଣ୍ଟର ପରିଭ୍ରମଣ କରିଥିଲେ । ଏହି ପରିଭ୍ରମଣରେ ପ୍ରତ୍ୟକ୍ଷ ଭାବେ ବିଜ୍ଞାନ ଭିତ୍ତିକ ଗବେଷଣାତ୍ମକ ଜ୍ଞାନ ହାସଲ କରିବା ସହିତ ନନ୍ଦନକାନନ ଚିଡ଼ିଆଖାନାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଜୀବଜନ୍ତୁ ସରୀସୃପ ଦେଖି ଆମୋଦିତ ହୋଇଥିଲେ। ସରକାରଙ୍କ ତରଫରୁ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଯାତାୟତ ସୁବିଧା ସହିତ ଖାଦ୍ୟ ପାନୀୟର ସୁବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମର ବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ର, ପରିଚାଳନା କମିଟି ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ବେହେରା, ପରିଚାଳନା କମିଟିର ସଭ୍ୟ ସଭ୍ୟା, ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ସାମିଲ ହୋଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳାର ସହ ପରିଦର୍ଶନରେ ସହଯୋଗ କରିଥିଲେ।




## ରାମ ନବମୀରେ ମାଣିକପଟଣା ଉତ୍ସବମୁଖର

ଆଳି,୨୭।୩(ସଂଚାର ବ୍ୟୁରୋ): ଆଳି ବ୍ଲକ୍ ମନ୍ଦିର ମାଳିନୀ ମାଣିକପାଟଣା ରେ ମର୍ଯ୍ୟାଦା ପୁରୁଷୋତ୍ତମ ରାମ ନବମୀ ପାଇଁ ଉତ୍ସବ ମୁଖର ହୋଇଛି ପୁରା ଗାଁ ରୁ ସହର।ସାରା ଦେଶ ରେ ପାଳିତ ହୋଇଛି ପବିତ୍ର ରାମ ନବମୀ ।ଏହାକୁ ଧୁମ ଧାମ ରେ ରାମ ନବମୀକୁ ପାଳନ କରିଛନ୍ତି ସନାତନି ଭାଇ ଭଉଣୀ ମାନେ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ମାଣିକପଟଣା ରେ ଶ୍ରୀରାମ ଙ୍କ ଭବ୍ୟ ମନ୍ଦିର ରେ ନଅ ଦିନ ବ୍ୟାପି ରାମ ନବମୀ ଉତ୍ସବ ମହା ଆଡମ୍ବର ରେ ପାଳିତ ହୋଇଥାଏ। ସବୁଠୁ ବଡ କଥା ହେଲା ଏଠି କାହାକୁ ନିମନ୍ତ୍ରଣ କରାଯାଏ ନାହିଁ କାହାକୁ ବାରଣ କରାଯାଏ ନାହିଁ । ସମସ୍ତେ ସ୍ୱତପ୍ରବୃତ୍ତ ଭାବେ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥାଆନ୍ତି। ଏହି ଉପଲକ୍ଷେ ବାଜା ବାଣ ସହ ନୃତ୍ୟ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥାଏ ।ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରା ରେ ବିରାଟ ପଟୁଆରରେ ବ୍ରାହ୍ମଣୀ ନଦୀରୁ ଜଳ ଉଠାଇବା ପରେ ମନ୍ଦିରରେ ସମସ୍ତ ନୀତିକାନ୍ତି ମଧ୍ୟରେ ପୂଜାର୍ଚନା କାର୍ଯ୍ୟକ୍ରମ କରାଯାଇଥାଏ ।ଭକ୍ତିମୟ ପରିବେଶରେ ଶତାଧିକ ଶ୍ରଦ୍ଧାଳୁ ଙ୍କ ସମାଗମ ରେ ମନୋଜ୍ଞ ପରିବେଶ ସୃଷ୍ଟି ହେଇଥିବା ବେଳେ ପୁରା ଅଞ୍ଚଳ ରାମ ମୟ ପରିବେଶ ସୃଷ୍ଟି ହୋଇଥାଏ ।

## ରାମ ମନ୍ଦିର ପରିସରରେ ଶ୍ରୀରାମ ନବମୀ ପାଳିତ

କେନ୍ଦ୍ରାପଡ଼ା,୨୭।୩ (ସଂଚାର ବ୍ୟୁରୋ): ଆଜି କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ତିନିମୁହାଣୀ ସ୍ଥିତ ରାମ ମନ୍ଦିର ପରିସରରେ ମନ୍ଦିର କମିଟିର ସଭାପତି ବିବେକାନନ୍ଦ ମହାରଣାଙ୍କ ସଭାପତିତ୍ୱରେ ଶ୍ରୀରାମ ନବମୀ ମହା ଧୁମ ଧାମରେ ପାଳନ ହୋଇ ଯାଇଛି । ରାମ ମନ୍ଦିର ପରିସରରୁ ଏକ ବିରାଟ କଳସ ଶୋଭାଯାତ୍ର ବାହାରି ଗୁଲନଗର ପଞ୍ଚାୟତ ସୁଜାନଗର ଗ୍ରାମ ସ୍ଥିତ ଗୋବରୀନଦୀ ମହାବୀର ତୁଠ ପର୍ଯ୍ୟନ୍ତ ଯାଇଥିଲା । ସେଠାରୁ ଭକ୍ତମାନେ କଳସରେ ପାଣି ଆଣିବା ପରେ ଶୋଭାଯାତ୍ରାରେ ପତ୍ୟାବର୍ତନ କରିଥିଲେ। ଏହି ଶୌଭାଯାତ୍ରାରେ ଘଣ୍ଟ,ଘଣ୍ଟା, ନାମ ସଂର୍କୀନ, ହରିବୋଲ, ଶଙ୍ଖ, ହୁଳହୁଳି ଶବ୍ଦ ମଧ୍ୟରେ ତିନିମୂହାଣୀ ରାମ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା । ସେଠାରେ କଳସ ସ୍ଥାପନ ହେବା ପରେ ବିଧି ଅନୁସାରେ ସମସ୍ତ ପୂଜାଅର୍ଚ୍ଚନା କାଯାଇଥିଲା । ଏହି ଶୌଭାଯାତ୍ରାରେ କୁନିକୁନି ପିଲାମାନେ ରାମ, ଲକ୍ଷଣ, ହନୁମାନ, ସୀତା ବେଷରେ ସାମିଲ ହୋଇଥିଲେ । କେନ୍ଦ୍ରାପଡା ସହର ଓ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁମାନେ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ବିଜେପି ନେତା ଭୁବନ ମୋହନ ଜେନା, ବିକ୍ରମ କେଶରୀ ରାଉତ, ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ପୂର୍ବତନ ବିଜେପି ବିଧାୟକ କିଶୋର ତରାଇ, ସାମାଜସେବୀ ରଞ୍ଜିତ ସାହୁ, ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା, ସୁନାକାର ବେହେରା, କନ୍ତିଆ ମଠର ବାବା ସିଦ୍ଧାର୍ଥ ଶଙ୍କର ଦାସ, ଛେଦରା ମଠର ମଠାଧୀଶ ଯଶୋବନ୍ତ ଦାସ ମହାରାଜ, ବାବାଜୀ ଅଦ୍ୱିତ୍ୟ ଦାସ ମହନ୍ତ ମହାରାଜମୁଖ ଉପସ୍ଥିତି ରହି ହଜାର ହଜାର ଭକ୍ତଙ୍କ ସହିତ ମିଶି ଶ୍ରୀରାମ ନବମୀ ଉତ୍ସବ ପାଳନ କରିଥିଲେ ।

# ବିଜେପି ସହ କଂଗ୍ରେସ ନେତାଙ୍କ 'ଭିତିରି ସମ୍ପର୍କ' ନେଇ ଚର୍ଚ୍ଚା

ଯାଜପୁର ଟାଉନ,୨୭।୩ (ସଂଚାର ବ୍ୟୁରୋ): ଓଡ଼ିଶାରେ ରାଜନୀତିକ ସମୀକରଣ ଦିନକୁ ଦିନ ବଦଳୁଥିବା ବେଳେ, ଯାଜପୁର ଜିଲ୍ଲାରେ ଏକ ଭିନ୍ନ ଓ ଚର୍ଚ୍ଚିତ ପରିସ୍ଥିତି ଦେଖାଯାଉଛି। ରାଜ୍ୟସ୍ତରରେ ବିଜେଡି ଓ କଂଗ୍ରେସ ମଧ୍ୟରେ ସମ୍ଭାବ୍ୟ ନିକଟତା ନେଇ ରାଜନୀତିକ ମଞ୍ଚ ଗରମ ଥିବା ସମୟରେ, ଯାଜପୁରରେ କଂଗ୍ରେସର କିଛି ନେତାଙ୍କ ଆଚରଣ ଉପରେ ଚର୍ଚ୍ଚା ତୀବ୍ର ହୋଇଯାଇଛି।

ସ୍ଥାନୀୟ ସୂତ୍ର ଓ ରାଜନୀତିକ ମହଲରେ ଚାଲୁଥିବା ଚର୍ଚ୍ଚା ଅନୁସାରେ, କଂଗ୍ରେସର କିଛି ଆଗଧାଡ଼ିର ନେତା ସରକାରୀ ପ୍ରକଳ୍ପ, ଠିକା କାର୍ଯ୍ୟ ଓ ପ୍ରଶାସନିକ ସୁବିଧା ପାଇଁ ବିଜେପି ସହ ସମ୍ପର୍କ ରଖୁଥିବା ଅଭିଯୋଗ ଉଠିଛି। ଯାଜପୁରରେ ଏହାକୁ ନେଇ ଚର୍ଚ୍ଚା ବଢ଼ି ଚାଲିଛି। ଏହାକୁ କେହି ରାଜନୀତିକ ଚାଲ ବୋଲି କହୁଥିବା ବେଳେ, ଆଉ କେହି ଏହାକୁ



ଗଭୀର ଭିତିରି ସମସ୍ୟାର ସଙ୍କେତ ଭାବେ ଦେଖୁଛନ୍ତି। ଯାଜପୁର ଜିଲ୍ଲା କଂଗ୍ରେସ ସଭାପତି ମାଗୁଣି ଜେନା ଦଳକୁ ସୁଦୃଢ଼ କରିବା ଓ ପୁନର୍ଗଠନ ପାଇଁ ଦିନ ରାତି ଚେଷ୍ଟା କରୁଥିବା ବେଳେ ଏପରି ଅଭିଯୋଗ ଦଳର ଶିଷ୍ଟାଚାର ଓ ନେତୃତ୍ୱ କ୍ଷମତାକୁ ପ୍ରଶ୍ନରେ ରଖିଛି।

ରାଜନୀତି ବିଶ୍ଳେଷକମାନଙ୍କ ମତ - ଏପରି ପରିସ୍ଥିତି ଦଳର ଭିତରୁ ଏକତାକୁ କମଜୋର କରିପାରେ। କାର୍ଯ୍ୟକର୍ତ୍ତାଙ୍କ ମନୋବଳ ହ୍ରାସ ପାଇପାରେ। ଲୋକଙ୍କ ମନରେ ଅସ୍ପଷ୍ଟତା ଓ ଅବିଶ୍ୱାସ ବଢ଼ିପାରେ ବୋଲି ଏବେ ସବୁଆଡେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି।

କଂଗ୍ରେସର ଯାଜପୁର ରଣନୀତି କ'ଣ?

ଏହି ପରିସ୍ଥିତି ଏବେ ଜିଲ୍ଲା ଓ ରାଜ୍ୟ କଂଗ୍ରେସ ନେତୃତ୍ୱ ପାଇଁ ଏକ 'ଲିଟମସ ଟେଷ୍ଟ' ସମାନ। ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ଚର୍ଚ୍ଚାର ରାଜନୀତିକ ଗୁରୁତ୍ୱ ବଢ଼ିଯାଇଛି।

ରାଜନୀତିକ ପର୍ଯ୍ୟବେକ୍ଷକମାନଙ୍କ ମତରେ— ଏପରି ଅଭିଯୋଗ ଭୋଟରଙ୍କ ମନୋଭାବକୁ ପ୍ରଭାବିତ କରିପାରେ। ସ୍ଥାନୀୟ ରାଜନୀତିକ ସମୀକରଣକୁ ବଦଳାଇପାରେ। ଦଳମାନଙ୍କ ଭିତରୁ ଏକତାକୁ ପରୀକ୍ଷାରେ ପକାଇପାରେ। ସ୍ଥାନୀୟ ଭୋଟରମାନେ ଏବେ ଏହି ପରିସ୍ଥିତିକୁ ଗୁରୁତ୍ୱ ସହିତ ନଜର ରଖୁଛନ୍ତି। ଯାଜପୁରରେ ଚାଲୁଥିବା ଏହି ଚର୍ଚ୍ଚା ଏବେ ରାଜ୍ୟ ରାଜନୀତିରେ ମଧ୍ୟ ପ୍ରଭାବ ପକାଉଛି।

## ଅଧାପନ୍ତରିଆ ଅବସ୍ଥାରେ ପଡ଼ିଛି ରାସ୍ତା, ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଲୋକେ

କୋରେଇ,୨୭।୩ (ସଂଚାର ବ୍ୟୁରୋ): କୋରେଇ ବ୍ଲକ୍ ଅନ୍ତର୍ଗତ କୋରେଇ କଲେଜ ଛକ ଠାରୁ ପଣ୍ଡୁଳା ଛକ ପର୍ଯ୍ୟନ୍ତ ରାସ୍ତା କାମ ହୋଉନଥିବାରୁ ଲୋକମାନେ ଯାତାୟାତରେ ହଇରାଣ ହେଉଛନ୍ତି। ଏହି ରାସ୍ତାଟି ଖାଲଖମା ଥିବାରୁ କଲେଜ, ସ୍କୁଲର ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ସାଧାରଣ ଲୋକ ଚଳାଚଳରେ ହଇରାଣ ହେଉଛନ୍ତି। ରାସ୍ତାରେ ମେଂଟାଲ, ଗୋଟି ରାସ୍ତାର ଉପରକୁ ମିନିଆ ହୋଇ ଦେଖାଯାଉଥିବା ଯୋଗୁଁ ଏହି ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ହୀନସ୍ତା ଭୋଗୁଛନ୍ତି। ଆର ଆଣ୍ଡ ବି ରୋଡ଼ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ। ଯାହାକୁ ନେଇ ଅଂଚଳର ଜନସାଧାରଣ ମାନେ ଅନେକ ଥର ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ ମଧ୍ୟ



ଖାଲି ପ୍ରତିଶ୍ରୁତି ମିଳିଛି ବୋଲି ଜଣାଇଛନ୍ତି। ତେଣୁ ଏହି କାର୍ଯ୍ୟ ପାଇଁ କୋରେଇ ବିଧାୟକ, ଜିଲ୍ଲାପାଳ ଓ ବ୍ଲକ ବିଡିଓ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି।



ପବିତ୍ର ରାମ ନବମୀ ଅବସରରେ ବିଭିନ୍ନ ହିନ୍ଦୁ ସଂଗଠନ ପକ୍ଷରୁ ଜନପଥରେ ବିଶାଳ ଶୋଭାଯାତ୍ରା।

# କଟକ ବିଜେଡି ଗଡ଼ ସମ୍ଭାଳିବେ ପ୍ରତାପ

## ଦୁଇ ପ୍ରଭାତଙ୍କୁ କାଉଣ୍ଟର ପାଇଁ ପ୍ରତାପଙ୍କ ସମାନ୍ତରାଳ ମେଳି



ଭୁବନେଶ୍ୱର, ୨୭।୩ (ସଂଚାର ବ୍ୟୁରୋ) : କଟକ ବିଜେଡି ଏବେ ବିଭାଜନ ମୁହାଁ ହୋଇଛି। ବିଜେଡିରୁ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପୁଅ ସୌଭିକ ବିଧାୟକ ବିଶ୍ୱାଳକଙ୍କ ନିଲମ୍ବନ ପରେ କଟକ ମହାନଗର ନିଗମର ପ୍ରାୟ ୧୪ କର୍ପୋରେଟର ଗତ ଦୁଇ ଦିନ ଧରି ମେଳି କରୁଥିଲେ। ଏହି ଅସନ୍ତୁଷ୍ଟ କର୍ପୋରେଟରମାନେ କଟକ ମହାନଗର ନିଗମ ମେୟରଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ମଧ୍ୟ ଯୋଜନା କରୁଛନ୍ତି। ସେପଟେ ପ୍ରଭାତ ବିଶ୍ୱାଳ ଓ ପ୍ରଭାତ ତ୍ରିପାଠୀଙ୍କ ନେତୃତ୍ୱରେ କଟକ ବିଜେଡି ସଂଗଠନରେ ବିଭାଜନ ପାଇଁ ଚାଲିଥିବା ପ୍ଲାନିଂକୁ ଭଣ୍ଡୁର କରିବାକୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଦାୟିତ୍ୱ ଦେଇଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ।

ଆଜି ପ୍ରତାପ ଜେନାଙ୍କ ନେତୃତ୍ୱରେ କଟକର ୪୪ ନମ୍ବର ୱାର୍ଡର ବିଜେଡି କର୍ପୋରେଟ ପ୍ରଦୀପ ଖୁଣ୍ଟିଆଙ୍କ ଘରେ ପ୍ରତାପ ଜେନା କିଛି କର୍ପୋରେଟରଙ୍କୁ ନେଇ ମେଳି କରୁଛନ୍ତି। ଏଥିରେ ବର୍ତ୍ତମାନର ୮ରୁ ୧୦ କର୍ପୋରେଟରଙ୍କ ସହ କିଛି ପୂର୍ବତନ କର୍ପୋରେଟର ମଧ୍ୟ ସାମିଲ ହୋଇଥିବା ଜଣାପଡିଛି। ଚର୍ଚ୍ଚା ହେଉଛି କିଛି ବିଜେଡି କର୍ପୋରେଟର ଖୁବଶୀଘ୍ର ଇସ୍ତଫା ଦେଇ ବିଜେପିରେ ସାମିଲ ହେବେ। ସେମାନଙ୍କର ସେହି ଯୋଜନାକୁ କାଉଣ୍ଟର କରିବାକୁ ପ୍ରତାପ ଜେନା ସମାନ୍ତରାଳ ବୈଠକ ଡାକିଛନ୍ତି। ତେବେ ଏହି ବୈଠକକୁ ରାତି ୧୦ଟା ସୁଦ୍ଧା କଟକ ମେୟର ଯାଇନଥିଲେ।

ସିଏମସିର ୫୯ କର୍ପୋରେଟର ଆସନ ମଧ୍ୟରୁ ଚୌଦ୍ୱାର କଟକରେ ରହିଛି ୧୪ଟି ସିଟ। ବିଜେଡିର ମୋଟ କର୍ପୋରେଟର ଅଛନ୍ତି ୪୨ ଜଣ। କଟକ ଚୌଦ୍ୱାର ସବୁ କର୍ପୋରେଟରଙ୍କ ଦାୟିତ୍ୱ ପ୍ରଭାତ ବିଶ୍ୱାଳ ନେଇଥିବା ବେଳେ କଟକ ବାରବାଟୀର ସବୁ କର୍ପୋରେଟଙ୍କ ଦାୟିତ୍ୱ ନେଇଛନ୍ତି ପ୍ରଭାତ ତ୍ରିପାଠୀ। ଆଗକୁ ଦୁଇ ପ୍ରଭାତ ମିଶି ସିଏମସିରେ ଭୂମିକମ୍ପ ସୃଷ୍ଟି କରିବାକୁ ବଡ ଯୋଜନା କରିଛନ୍ତି। ଏମାନେ ମିଳିତ ବାବେ ମେୟର ସୁବାସ ସିଂଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିପାରନ୍ତି। କଂଗ୍ରେସରୁ ୮ ଜଣ ଏବଂ ବିଜେପିରୁ ମଧ୍ୟ ୮ ଜଣ କର୍ପୋରେଟରଙ୍କ ସହ ୨ ଜଣ ସ୍ୱାଧୀନ କର୍ପୋରେଟର ମଧ୍ୟ ନିର୍ବାଚିତ ହୋଇଛନ୍ତି। ତେଣୁ ବିଜେପି ଓ ସ୍ୱାଧୀନ କର୍ପୋରେଟରଙ୍କ ସହାୟତାରେ ଅନାସ୍ଥା ଆଣିବାକୁ ଯୋଜନା ହେଉଥିବା ବେଳେ ପ୍ରତାପ ଗଡ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଛନ୍ତି।

# ‘ଜନଗଣନାରୁ ଜନକଲ୍ୟାଣ’, ଲୋଗୋ ସହ ସଚେତନତା ବାର୍ତ୍ତା




**ବଦଳିଲା ଓମ୍‌ଫେଡ୍ ପ୍ରିମିୟମ୍ ଦୁଗ୍ଧ ପ୍ୟାକେଟ୍‌ର ପ୍ରିଣ୍ଟିଂ**

ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ): ନୂଆ ପ୍ୟାକରେ ବଜାରକୁ ଆସିଲା ଓମ୍‌ଫେଡ୍ ପ୍ରିମିୟମ ମିଲ୍କ। ‘ଜନଗଣନାରୁ ଜନକଲ୍ୟାଣ’ କାର୍ଯ୍ୟକ୍ରମକୁ ଆଗେଇ ନେବା ଦିଗରେ ସଚେତନତା ସୃଷ୍ଟି ପାଇଁ ଓମ୍‌ଫେଡ୍ ପକ୍ଷରୁ କରାଯାଇଛି ଏକ ସ୍ୱତନ୍ତ୍ର ଉଦ୍ୟମ। ସମ୍ପ୍ରତି ଭାରତ ସରକାରଙ୍କ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା ଜନଗଣନା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସହଭାଗିତାର ହାତ ବଢ଼ାଇଛି ଓମ୍‌ଫେଡ୍। ଓଡ଼ିଶାରେ ଜାରି ରହିଥିବା ଡିଜିଟାଲ ଜନଗଣନାରେ ସ୍ୱ-ଗଣନା ଓ ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା କାର୍ଯ୍ୟକ୍ରମରେ ଆଜିଠାରୁ ଆନୁଷ୍ଠାନିକ ଭାବେ ସାମିଲ ହୋଇଛି ଓମ୍‌ଫେଡ୍। ସେଥିପାଇଁ କମ୍ପାନୀ ତା’ର ପ୍ରିମିୟମ ଦୁଗ୍ଧ ପ୍ୟାକେଟର ପ୍ରିଣ୍ଟିଂକୁ ସମ୍ପୂର୍ଣ୍ଣ ଭାବେ ପରିବର୍ତ୍ତନ କରିଛି। ଏହାଦ୍ୱାରା ଜନସାଧାରଣ ଜନଗଣନା ସମ୍ପର୍କରେ ସଚେତନ ହୋଇପାରିବେ ବୋଲି ଆଶା କରାଯାଉଛି।

ଆଜି ସ୍ଥାନୀୟ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉକ୍ତ ପ୍ରିମିୟମ୍ ଦୁଗ୍ଧ ପ୍ୟାକେଟ୍‌ର ଲୋକାର୍ପଣ ହୋଇଛି। ଏଥିରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପଭ୍ୱନ କଲ୍ୟାଣ, ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ, ହାରାଧନ କର୍ମୀ, ଡକ୍ଟର ଅଭୟ ନାରାୟଣ ନାୟକ, ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀଙ୍କ ସହ ଡେପୁଟି ମ୍ୟାନେଜର (ପିଆର୍, ପ୍ରୋକ୍ୟୁରମେଣ୍ଟ) ଡକ୍ଟର ବିଶ୍ୱରଞ୍ଜନ ତ୍ରିପାଠୀ, ଡେପୁଟି ମ୍ୟାନେଜର (ଫାଇନାନ୍ସ) ତାପସ ରଞ୍ଜନ ମିଶ୍ର ଓ ଅନ୍ୟାନ୍ୟ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

# କଟକରେ ଜଣ୍ଡିସ୍ ସଂକ୍ରମଣ ଭୟ

- ମେଡିକାଲ ଟିମ ସହ ସ୍ଥିତି ପରଖିଲେ ମେୟର ଓ କମିଶନର
- ବସ୍ତିରୁ ଜଳ ଓ ରକ୍ତ ନମୁନା ସଂଗ୍ରହ
- ପାଞ୍ଚଦିନ ଯାଏଁ ନମୁନା ଯାଞ୍ଚ ନିର୍ଦ୍ଦେଶ



କଟକ,୨୭।୩(ସଂଚାର ବ୍ୟୁରୋ): କଟକରେ ଜଣ୍ଡିସ୍ ସଂକ୍ରମଣ ହୋଇଥିବା ଖବର ପାଇବା ପରେ ମେଡିକାଲ ଟିମକୁ ନେଇ ଗ୍ରାଉଣ୍ଡରେ ସ୍ଥିତି ପରଖିଛନ୍ତି ସିଏମସି ମେୟର ସୁବାସ ସିଂହ ଏବଂ କମିଶନର କିରନଦୀପ୍ କୌର ସହୋତା। ସିଡିଏ ସେକ୍ଟର-୮ସ୍ଥିତ ବାଇଗଣୀ ଓ ଗାଙ୍ଗୁଲି ବସ୍ତିରେ ଜଣ୍ଡିସ ସଂକ୍ରମଣ ହୋଇଥିବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ମେୟର ଖବରର ସତ୍ୟତା ସହ ସ୍ଥିତି ପରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଖୋଦ୍ ମେୟର ଓ କମିଶନର୍ ଡାକ୍ତରୀ ଦଳକୁ ସାଥିରେ ନେଇ ଦୁଇ ବସ୍ତି ଗସ୍ତ କରିଥିଲେ।

ସେଠାରେ କାହାକୁ ଜଣ୍ଡିସ୍ ହୋଇନଥିବା ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି। ତଥାପି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଉଭୟ ବସ୍ତିରୁ ଜଳ ଏବଂ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଏହାକୁ ପରୀକ୍ଷା ପାଇଁ ପଠାଯିବ। ଏଥିସହ ସେ ଅଞ୍ଚଳରେ ଓଆରଏସ୍ ଏବଂ ହାଲୋଜେନ୍ ବଣ୍ଟନ କରାଯିବା ସହ ଆଗାମୀ ପାଞ୍ଚ ଦିନ ଯାଏଁ ଘରକୁ ଘର ବୁଲି ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର। ଯାଞ୍ଚ ରିପୋର୍ଟ ନ ଆସିବା ଯାଏଁ ପାଣି ଫୁଟାଇ ପିଇବାକୁ ଲୋକମାନଙ୍କୁ ପରାମର୍ଶ ଦେଇଛନ୍ତି ମେୟର।

ଗସ୍ତ ସମୟରେ ମହାନଗର ନିଗମର ମେୟର ଓ କମିଶନରଙ୍କ ସହ ଉପ ଆୟୁକ୍ତ (ପରିମଳ) ଜୁବୁଲି ଚରଣ ବେହେରା, ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୃପେନ୍ଦ୍ର ଶତପଥୀ, ଖାଦ୍ୟ ସୁରକ୍ଷା ଅଧିକାରୀ, ସ୍ଥାନୀୟ କର୍ପୋରେଟର ପ୍ରଦୀପ ରାଉତ, ପ୍ରିୟମ୍ବଦା ମହାନ୍ତି ଏବଂ ଷଣ୍ଢପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରୀ ଦଳ ଉପସ୍ଥିତ ଥିଲେ।




# ବଡ଼ଗଡ଼ ଥାନା ଓଡ଼ିଶାରେ ଶ୍ରେଷ୍ଠ

ଛତ୍ରପୁର,୨୭।୩(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଞ୍ଜାମ ପୁଲିସ ଜିଲ୍ଲାର ବଡ଼ଗଡ଼ ଥାନା ୨୦୨୫ ବର୍ଷ ପାଇଁ ଓଡ଼ିଶାର ଶ୍ରେଷ୍ଠ ପୁଲିସ ଥାନା ବିବେଚିତ ହୋଇଛି। ପୁଲିସ ସେବା ଓ କାର୍ଯ୍ୟଦକ୍ଷତାକୁ ଭିତ୍ତି କରି ପ୍ରତିବର୍ଷ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରେଷ୍ଠ ପୁଲିସ ଥାନାଗୁଡ଼ିକୁ ଚୟନ କରାଯାଇଥାଏ। କେତେକ ନିର୍ଦ୍ଦିଷ୍ଟ ମାନଦଣ୍ଡ ବା ପାରାମିଟର ଆଧାରରେ ମିଳିଥାଏ ଏହି ପୁରସ୍କାର। ଶ୍ରେଷ୍ଠ ପୁଲିସ ଥାନା ହେବା ପରେ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଉକ୍ତ ଥାନାଧିକାରୀ ବିମଳ କହଁର, ଇନ୍ସପେକ୍ଟର ଶୁଭ୍ରଜିତ୍ ସାମନ୍ତରାୟ ଓ ଆସିକା ଏସଡିପିଓ ସନ୍ତୋଷ କୁମାର ଜେନାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏନେଇ ସେ ସୋସିଆଲ୍ ମିଡିଆ ‘ଏକ୍ସ’ରେ ଜଣାଇଛନ୍ତି।

# ବସନ୍ତପୁର ସାଇ ମନ୍ଦିରରେ ଶ୍ରୀରାମ ନବମୀ



ଗରଦପୁର,୨୭।୩(ସଂଚାର ବ୍ୟୁରୋ): ଆଜି ଥିଲା ପବିତ୍ର ରାମ ନବମୀ ଅବସରରେ ମର୍ଯ୍ୟାଦା ପୁରୁଷ ପୁରୁଷୋତମ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନରେ ସାରା ଦେଶ ଉତ୍ସବ ମୁଖର ହୋଇଛି। ଏହି ପବିତ୍ର ଅବସରରେ ଗରଦପୁର ବ୍ଲକ୍ ଅଧିନ ତେଣ୍ଡାକୁଡ଼ା ପଂଚାୟତ ଅନ୍ତର୍ଗତ ବସନ୍ତପୁରଠାରେ ପ୍ରତିଷ୍ଠିତ ଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ରାମ ନବମୀ ମହୋତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ସାଢ଼େ ୫ ଟାରେ କାକଡ଼ ଆରତି, ସାଢ଼େ ୬ ଟାରେ ସ୍ନାନ ଆରତି,୯ ଟାରେ ମହାଭିଷେକ ପୂଜା, ହୋମ ଓ ୧୨ ଟାରେ ମଧ୍ୟାହ୍ନ ଆରତି ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଦିବସ ଅବସରରେ ମନ୍ଦିର ପରିସରରେ ଏକ ହାଇମାଷ୍ଟ ଲାଇଟ୍ ଉଦଘାଟିତ ହୋଇଥିଲା। ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ରୁଦ୍ର ମହାନ୍ତି , ସମ୍ପାଦକ ସୁନିଲ ମହାନ୍ତି, ଟ୍ରଷ୍ଟ ସଦସ୍ୟ ସ୍ୱରୂପ ମହାନ୍ତି, କମଳ ମହାନ୍ତି, ଆଶିଷ ମହାନ୍ତି,ଦେବୀପ୍ରସାଦ ମହାନ୍ତି,ଅମିୟ କୁମାର ଦାସ, ସଂଯୁକ୍ତା ବିଶ୍ୱାଳ, ଜିତେନ୍ଦ୍ର ନାଥ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ବ୍ରାହ୍ମଣ ପଣ୍ଡିତ ସନ୍ତୋଷ କୁମାର ଦାଶ ପୂଜାର୍ଚ୍ଚନା କରିବା ପରେ ସାମ୍ବାଦିକ ଡ଼କ୍ଟର ଦୀପ୍ତିରଂଜନ କାନୁନଗୋ ନଡ଼ିଆ ବାଡ଼େଇ ହାଇମାଷ୍ଟ ଲାଇଟର ଉଦଘାଟନ କରିଥିଲେ।

# ବିଜେବି ଆଲୁମନିର ସ୍ୱେଚ୍ଛାକୃତ ସଫେଇ



ଭୁବନେଶ୍ୱର, ୨୭।୩ (ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଜେବି ଅଟୋନମସ କଲେଜର ଆଲୁମନି ଆସୋସିଏସନର ନବନିର୍ବାଚିତ କାର୍ଯ୍ୟକାରିଣୀ ସଦସ୍ୟମାନେ ଗତ ୨୩ ତାରିଖରେ ଶପଥ ଗ୍ରହଣ କରିଥିଲେ। ଶପଥ ଗ୍ରହଣ ପରେ ସେମାନେ ତାଙ୍କର ପ୍ରଥମ କାର୍ଯ୍ୟ ଭାବେ କଲେଜ ପରିସର ସଫେଇ ଅଭିଯାନ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ବିଜେବି ଫ୍ରେଣ୍ଡସର ପରଲୋକଗତ ସମସ୍ତ ଆଲୁମନି ସଦସ୍ୟମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଗୋଟିଏ ମିନିଟ୍ ପ୍ରାର୍ଥନା କରାଯାଇଥିଲା। ପରେ ପବିତ୍ର ରାମନବମୀ ଅବସରରେ ଆଲୁମନି ଆସୋସିଏସନର ୪୦ରୁ ଅଧିକ ସଦସ୍ୟ କଲେଜ ପ୍ରାଙ୍ଗଣକୁ ସଫା କରିବା ପାଇଁ ସ୍ୱଇଚ୍ଛାରେ ଯୋଗଦେଇଥିଲେ। ସେମାନଙ୍କର ଏହି ସମାଜସେବାମୂଳକ ପଦକ୍ଷେପକୁ ସ୍ଥାନୀୟ ଲୋକେ ଓ କଲେଜ ପରିବାର ପ୍ରଶଂସା କରିଛନ୍ତି। ଆଲୁମନି ଆସୋସିଏସନର ସଦସ୍ୟମାନେ ଆଗାମୀ ଦିନରେ ମଧ୍ୟ ଏଭଳି ସେବାମୂଳକ କାର୍ଯ୍ୟ ଜାରି ରଖିବା ସହ କଲେଜର ଉନ୍ନତି ଓ ସମାଜର ମଙ୍ଗଳ ପାଇଁ ସଦା ନିବେଶିତ ରହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ୧୩ ଗୁଣ ବଢ଼ିଛି ଓଡ଼ିଶାକୁ ରେଳବାଇ ବ୍ୟୟବରାଦ



ସଂସଦରେ ରେଳମନ୍ତ୍ରୀଙ୍କ ସୂଚନା

ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ):ବିଗତ କିଛି ବର୍ଷ ମଧ୍ୟରେ ରେଳ ବଜେଟରେ ଓଡ଼ିଶାକୁ ଦିଆଯାଇଥିବା ବ୍ୟୟବରାଦ ଉଲ୍ଲେଖନୀୟଭାବେ ବୃଦ୍ଧି ପାଇଛି। ୨୦୦୯ରୁ ୨୦୧୪ ମଧ୍ୟରେ ଏହା ବାର୍ଷିକ ହାରାହାରି ୮୩୮ କୋଟି ଟଙ୍କା ଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରାୟ ୧୩ ଗୁଣ ବୃଦ୍ଧି ପାଇ ୧୦,୫୯୯ କୋଟି ଟଙ୍କାରେ ପହଞ୍ଚିଛି। ରାଜ୍ୟସଭାରେ ଆଜି ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ କେତେକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି।

ଯାତ୍ରୀଭଡ଼ା ଓ ମାଲଭଡ଼ା ବାବଦରେ ରେଳବାଇ ଓଡ଼ିଶାରୁ ପାଉଥିବା ରାଜସ୍ୱ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୂର୍ବତଟ ରେଳବାଇ, ଦକ୍ଷିଣ-ପୂର୍ବ ରେଳବାଇ ଓ ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇ ଜୋନ ଅଧିନରେ ଆସୁଛି। ୨୦୨୪-୨୫ ଆର୍ଥିକ ବର୍ଷରେ ପୂର୍ବତଟ ରେଳବାଇର ରାଜସ୍ୱ ୨୩,୭୯୬ କୋଟି ଟଙ୍କା ଥିବାବେଳେ ମୋଟ ଖର୍ଚ୍ଚ ୨୬,୨୫୪ କୋଟି ଟଙ୍କା ଥିଲା। ସେହିପରି ଦକ୍ଷିଣ-ପୂର୍ବ ରେଳବାଇର ରାଜସ୍ୱ ୧୯,୪୪୮ କୋଟି ଓ ବ୍ୟୟ ୨୬,୦୭୬ କୋଟି ଥିଲା। ସେହିପରି ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇର ମୋଟ ଆୟ ୨୦,୯୩୧ କୋଟି ଓ ବ୍ୟୟ ୨୦,୯୪୧ କୋଟି ଟଙ୍କା ଥିଲା। ୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାରେ ହାରାହାରି ବାର୍ଷିକ ୫୪ କିମି ହିସାବରେ ମୋଟ ୨୬୭ କିମି ନୂଆ ରେଳ ଲାଇନ ବିଛାଯାଇଥିବା ବେଳେ ୨୦୧୪-୨୫ ମଧ୍ୟରେ ହାରାହାରି ବାର୍ଷିକ ୧୯୫ କିମି ସହ ମୋଟ ୨୧୫୦ କିମି ରେଳଟ୍ରାକ୍ ବିଛାଯାଇଛି।

୧ ଏପ୍ରିଲ୍, ୨୦୨୫ ସୁଦ୍ଧା ମୋଟ ୪୦୧୦ କିଲୋମିଟର ଲମ୍ବ ଏବଂ ୬୭,୪୯୬ କୋଟି ଟଙ୍କା ମୂଲ୍ୟର ୪୯ଟି ପ୍ରକଳ୍ପ ମଞ୍ଜୁର କରାଯାଇଛି। ଏଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ଓଡ଼ିଶା ରାଜ୍ୟ ମଧ୍ୟରେ ଆସୁଛି। ଏଥିମଧ୍ୟରୁ ୧,୪୨୯ କିମି କାର୍ଯ୍ୟକ୍ଷମ ହୋଇଛି ଓ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୮,୦୪୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି।ଓଡ଼ିଶାରେ ନିକଟରେ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପଗୁଡ଼ିକ ହେଲା, ଦୈତାରୀ-ବାଂଶପାଣି ନୂଆ ଲାଇନ ଏବଂ ଜଖପୁରା- ହରିଦାସପୁର ତୃତୀୟ ଲାଇନ (୧୭୯ କିମି), ଝାରସୁଗୁଡ଼ା-ସାରଡେଗା ମଧ୍ୟରେ ଏମସିଏଲ୍ ସାଇଡିଂ ନୂଆ ଲାଇନ (୫୩ କିମି), ହରିଦାସପୁର- ପାରାଦୀପ ନୂଆ ଲାଇନ (୮୨ କିମି), ଅନୁଗୁଳ- ସୁକିନ୍ଦା ନୂଆ ଲାଇନ (୧୦୪ କିମି), ଚମ୍ପା- ଝାରସୁଗୁଡ଼ା ତୃତୀୟ ଲାଇନ (୧୫୨ କିମି), ସମ୍ବଲପୁର- ଟିଟିଲାଗଡ଼ ଦୋହରୀକରଣ (୧୮୨ କିମି), ରାଉରକେଲା- ଝାରସୁଗୁଡ଼ା ତୃତୀୟ ଲାଇନ (୧୦୧ କିମି), ବାଂଶପାଣି- ଦୈତାରୀ- ଟମକା- ଜଖପୁରା ଦୋହରୀକରଣ (୧୬୪ କିମି), ସମ୍ବଲପୁର- ତାଳଚେର ଦୋହରୀକରଣ (୧୭୪ କିମି), ରାୟପୁର- ତିତଲାଗଡ଼ ଦୋହରୀକରଣ (୨୦୩ କିମି), ଝାରସୁଗୁଡା- ସାରଡେଗା ଦୋହରୀକରଣ (୫୦ କିମି)।

# ଲାଞ୍ଚୁଆ ଏସ୍‌ଡିଓ ଗିରଫ

## ଠୁଳ କରିଛନ୍ତି ୩୩୪ ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି

ବ୍ରହ୍ମପୁର,୨୭।୩(ସଂଚାର ବ୍ୟୁରୋ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏସଡିଓଙ୍କୁ ଗିରଫ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜାମ ଭଞ୍ଜନଗର ଉହ ଜଳଭଣ୍ଡାରର ଏସଡିଓ ପଞ୍ଚୁ ବେହେରାଙ୍କ ଘର ଓ ଅଫିସ ସମେତ ୫ଟି ସ୍ଥାନରେ ଗତକାଲି ଏକକାଳୀନ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ଆଜି ଶେଷ ହେବା ପରେ ଶ୍ରୀ ବେହେରା ତାଙ୍କ ଆୟଠାରୁ ୩୩୪ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିବା ସ୍ପଷ୍ଟ ହୋଇଛି। ଗତକାଲି ତାଙ୍କ ସ୍ଥାନୀୟ ବସନ୍ତ ବିହାର ବାସଭବନରୁ ନଗଦ ୧୫ ଲକ୍ଷ ୧୩ ହଜାର, ଭଞ୍ଜନଗରସ୍ଥିତ ସରକାରୀ କାର୍ଯ୍ୟାଳୟରୁ ୩ ଲକ୍ଷ ୭୨ ହଜାର ୮୦୦ ଏହିପରି ମୋଟ ୧୮ ଲକ୍ଷ ୯୦ ହଜାର ୮୦୦ ଟଙ୍କା ଠାବ ହୋଇଥିଲା। ଏଥିସହ ତାଙ୍କ ନାମରେ ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ୫ଟି ଦାମୀ ପ୍ଲଟ ଥିବା ଜଣାପଡ଼ିଥିଲା। ଭିଜିଲାନ୍ସ କର୍ମଚାରୀମାନେ ତାଙ୍କ ଘରୁ ୫୬୮ ଗ୍ରାମ ଓଜନର ସୁନା ଓ ୧୭୮ ଗ୍ରାମ ସୁନା କଏନ୍ ଜବତ କରିବା ସହ ୯୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟାଲ ଜମା ଠାବ କରିଥିଲେ। ଏହାଛଡ଼ା ତାଙ୍କ ବାସଭବନରୁ ମିକ୍ସଚର ମେସିନ୍, ଏକ୍ସକାଭେଟର୍ ମଧ୍ୟ ଜବତ ହୋଇଛି।

# ଗ୍ୟାସ ସିଲିଣ୍ଡର ନିଆଁରେ ୩ ଗୁରୁତର

ଭଦ୍ରକ,୨୭।୩(ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ତିହିଡି ଥାନା ପାଳିଆବିନ୍ଧା ପଞ୍ଚାୟତ ଅଧୀନ ପାଳିଆ ଶାସନ ଗ୍ରାମରେ ଗତକାଲି ରାତିରେ ଗ୍ୟାସ ସିଲିଣ୍ଡର୍‌ରୁ ନିଆଁ ଲାଗିବା ଫଳରେ ଗୋଟିଏ ପରିବାରର ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନେ ହେଲେ ଭାର୍ଗବୀ ଶତପଥୀ (୪୦), ତାଙ୍କ ସ୍ୱାମୀ ଉଦୟ ନାରାୟଣ ଶତପଥୀ (୪୫)ଓ କନ୍ୟା ସ୍ନେହାଞ୍ଜଳି (୧୪)। ସେମାନେ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ପ୍ରକାଶ ଯେ ରାତିରେ ଭାର୍ଗବୀ ଗ୍ୟାସରେ ରୋଷେଇ କରୁଥିବା ସମୟରେ ଅଚାନକ ସିଲିଣ୍ଡର କ୍ୟାପ ବାହାରି ପଡ଼ିବାରୁ ଜୋରରେ ଗ୍ୟାସ ବାହାରି ନିଆଁ ଲାଗିଯାଇଥିଲା। ଏହି ନିଆଁ ଭାର୍ଗବୀଙ୍କ ଦେହରେ ନିଆଁ ଲାଗିବାରୁ ସେ ଚିତ୍କାର କରିଥିଲେ। ତାଙ୍କ ପାଟି ଶୁଣି ସ୍ୱାମୀ ଓ ଝିଅ ଆସି ଉଦ୍ଧାର କରିବାକୁ ଉଦ୍ୟମ କରୁଥିବା ସମୟରେ ସେମାନେ ମଧ୍ୟ ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ତିହିଡି ଓ ଭଦ୍ରକ ଡାକ୍ତରଖାନା ନିଆଯାଇଥିଲା।

# ଝାରସୁଗୁଡ଼ାରେ ୭ ଭିନ୍ନକ୍ଷମଙ୍କୁ ନିଯୁକ୍ତି ଦେଇଛି ବେଦାନ୍ତ

ଝାରସୁଗୁଡା,୨୭।୩(ସଂଚାର ବ୍ୟୁରୋ): ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ଝାରସୁଗୁଡାରେ ଥିବା ମେଗା ଆଲୁମିନିୟମ ପ୍ଲାଣ୍ଟରେ ୭ ଜଣ ଭିନ୍ନକ୍ଷମ ପେସାଦାରଙ୍କୁ ନିଯୁକ୍ତି ଦେଇଛି। ଏହାଦ୍ୱାରା ଭାରତର ଦୃଶ୍ୟ ଓ ବାକ୍-ସମ୍ବନ୍ଧୀୟ ଦୁର୍ବଳତା ଅନୁଭବ କରୁଥିବା ପେସାଦାରଙ୍କୁ ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟ୍ ଝାରସୁଗୁଡ଼ାରେ କମ୍ପାନୀର କାର୍ଯ୍ୟ ପରିଦର୍ଶନ ସମୟରେ ପୁଡୁଚେରୀର ପୂର୍ବତନ ଲେଫ୍ଟନାଣ୍ଟ୍ ଗଭର୍ଣ୍ଣର ଡକ୍ଟର କିରଣ ବେଦୀ ବ୍ୟକ୍ତିଗତ ଭାବେ

**ଡ. କିରଣ ବେଦୀ ପ୍ରଦାନ କରିଥିଲେ ପ୍ରସ୍ତାବପତ୍ର**



ଉତ୍ପାଦନ କ୍ଷେତ୍ରରେ ବେଦାନ୍ତ ଅଧିକ ଅନ୍ତର୍ଭୁକ୍ତିକରଣ ଆଣିବା ପାଇଁ ଏହାର ପ୍ରୟାସକୁ ତ୍ୱରାନ୍ୱିତ କରିଛି। ଏହି ପଦକ୍ଷେପ କାର୍ଯ୍ୟକ୍ଷେତ୍ରରେ ସମାନ ସୁଯୋଗ, ସୁଗମତା ଓ ମର୍ଯ୍ୟାଦାର ନୀତିକୁ ସୁଦୃଢ଼ କରିବା ସହ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତା ପ୍ରତି ଗୁରୁତ୍ୱ ଦେଉଛି।

ବିଭିନ୍ନ ପ୍ରକାରର ମୋଟର, ସେମାନଙ୍କୁ ପ୍ରସ୍ତାବପତ୍ର ପ୍ରଦାନ କରିଥିଲେ। ଏହି ପେସାଦାରମାନେ ଡିପ୍ଲୋମାଠାରୁ ଆରମ୍ଭ କରି ସ୍ନାତକ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାଗତ ପୃଷ୍ଠଭୂମିରୁ ଆସିଛନ୍ତି ଏବଂ ସେମାନେ ଶିକ୍ଷାଗତ ଓ ବୃତ୍ତିଗତ ଅଭିଜ୍ଞତା ଅନୁସାରେ ସିଫ୍ଟ ସଂଯୋଜକ, ଜୁନିଅର ଆସିଷ୍ଟାଣ୍ଟ୍, ଷ୍ଟୋରକିପର ଓ ସୁପରଭାଇଜର ଭଳି ପ୍ଲାଣ୍ଟ୍-ଆଧାରିତ ଭୂମିକା ତୁଲାଉଛନ୍ତି।

ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି ଯେ ଅନ୍ତର୍ଭୁକ୍ତି କେବଳ ଏକ ସାମାଜିକ ଦାୟିତ୍ୱ ପୂରଣ କରିବା ବିଷୟରେ ନୁହେଁ, ବରଂ ଏହା ଏକ ସଂଗଠନ ପାଇଁ ଶକ୍ତିର ଏକ ପ୍ରମୁଖ ଉତ୍ସ ବୋଲି ବେଦାନ୍ତ ବିଶ୍ୱାସ କରେ। କାରଣ ଏହା ଉତ୍ତମ ସଂଗଠନାତ୍ମକ ଦୃଷ୍ଟିକୋଣ ଓ ନିଷ୍ପତ୍ତି ଗ୍ରହଣକୁ ପ୍ରୋତ୍ସାହିତ କରେ। ଏହି ପଦକ୍ଷେପ ଏକ କର୍ମକ୍ଷେତ୍ର ସୃଷ୍ଟି କରିବା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନ, ସଶକ୍ତ ଓ ସମ୍ମାନ ସହ ଆଗକୁ ବଢ଼ିବାର ସୁଯୋଗ ଦିଆଯାଏ।

# କଳକାରଖାନା ପ୍ରତିଷ୍ଠା, ଜଙ୍ଗଲ ପଦା



ଭୁବନେଶ୍ୱର,୨୭।୩: ରାଜ୍ୟରେ କଳ କାରଖାନା ପ୍ରତିଷ୍ଠା ପାଇଁ ବିଗତ ୫ବର୍ଷ ମଧ୍ୟରେ ୧୭୭୨ ହେକ୍ଟର ଜଙ୍ଗଲ ପଦା ହୋଇଛି। ସେହିସବୁ ସ୍ଥାନରୁ ଗଛ କାଟି ସେଠାରେ କାରଖାନା ବସାଇବାକୁ ଖୋଦ୍ କେନ୍ଦ୍ର ସରକାର ଅନୁମତି ପ୍ରଦାନ କରିଛନ୍ତି।

ନିକଟରେ ଜଙ୍ଗଲ ଜମିରେ କଳକାରଖାନା ସ୍ଥାପନ ନେଇ ବିଧାନସଭାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ୧୭୭୨ ହେକ୍ଟର ଜମିରୁ ଜଙ୍ଗଲ ସଫା ହୋଇଥିବାବେଳେ ଏହା ବଦଳରେ କ୍ଷତିପୂରକ ବନୀକରଣ ପାଇଁ ଜଙ୍ଗଲ ବିଭାଗକୁ ୩୬୫୦ ହେକ୍ଟର ଜମି ଯୋଗାଇ ଦିଆଯାଇଛି। ଏଥି ମଧ୍ୟରୁ ୧୮୭୩ ହେକ୍ଟର ପରିମିତ ଜମିରେ କ୍ଷତିପୂରକ ବନୀକରଣ କରାଯାଇଛି। ଏହି ସୂଚନା ଅନୁଯାୟୀ ଅନୁଗୁଳ, କଟକ, ଯାଜପୁର ଓ ଢେଙ୍କାନାଳ ବନଖଣ୍ଡ ଅଞ୍ଚଳରେ ୫୦ ହେକ୍ଟର ଜଙ୍ଗଲ ଜମି ଅପସାରିତ ହୋଇଥିବାବେଳେଏଠାରେ ୩୦୨୯ଟି ଗଛ କଟାଯାଇଛି। ଏହି ଅଞ୍ଚଳରେ ରେଳ ପ୍ରକଳ୍ପ ସହିତ ଗ୍ୟାସ ପାଇପ୍ ଲାଇନ୍ ବିଛାଇବା, ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା ସହିତ ଅନ୍ୟ ଶିଳ୍ପସଂସ୍ଥା ପ୍ରତିଷ୍ଠାର ଯୋଜନା ରହିଛି।

ସେହିଭଳି ରାଉରକେଲା ସର୍କଲରେ ପାଖାପାଖି ୬୦୦ ହେକ୍ଟର ଜଙ୍ଗଲ ଜମି କଳକାରଖାନା, ଖଣି ଖାଦାନ କାମରେ ଲାଗିଛି। ଏଥିପାଇଁ ୬୦ହଜାରରୁ ଅଧିକ ଗଛ କଟାଯାଇଛି। ଭବାନୀପାଟଣା ସର୍କଲରେ ୧୫ ହେକ୍ଟର ଜଙ୍ଗଲ ଜମି ଦଖଲ ହୋଇଥିବାବେଳେଏଠାରେ ୧୨୩୩ ଟି ଗଛ କଟାଯାଇଛି। ଭୁବନେଶ୍ୱର ସର୍କଲରେ ୮୬ ହେକ୍ଟର ଜଙ୍ଗଲ ଜମି ଅପସାରିତ ହୋଇଥିବାବେଳେ ଏଠାରେ ୩୪୬୫ ଗଛ କଟାଯାଇଛି। କୋରାପୁଟ ସର୍କଲରେ ୩୮ ହେକ୍ଟର ଜଙ୍ଗଲ ଜମିରେ ୧୩୨୨ ଗଛ କଟାଯାଇଥିବାବେଳେ ବ୍ରହ୍ମପୁର ସର୍କଲରେ ୯୮୫ ହେକ୍ଟର ଜଙ୍ଗଲ ଜମିରୁ ୧୭୯୧ଟି ଗଛ କଟାଯାଇଛି। ବାରିପଦା ସର୍କଲରେ କଳ କାରଖାନା ପାଇଁ ୧୭୭୨ ହେକ୍ଟର ଜଙ୍ଗଲ ଜମି ଅଧିଗ୍ରହଣ ହୋଇଥିବାବେଳେ ଏଠାରେ ପାଖାପାଖି ୭୨ ହଜାର ଗଛ କଟାଯାଇଥିବା ସରକାରୀ ଭାବେ ଦର୍ଶାଯାଇଛି।

ଜଙ୍ଗଲ ଜମିକୁ ଅନ୍ୟ କାର୍ଯ୍ୟରେ ବ୍ୟବହାର ପାଇଁ ଅନୁମତି ପାଇବାକୁହେଲେ ପ୍ରସ୍ତାବିତ ପ୍ରକଳ୍ପ ସନ୍ଦର୍ଭରେ ସ୍ଥାନୀୟ ବନ୍ୟପ୍ରାଣୀ ପରିଚାଳନା ଯୋଜନା ପ୍ରସ୍ତୁତ କରାଯାଇ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପଠାଯାଇଥାଏ। ଉକ୍ତ ଯୋଜନାରେ ବନ୍ୟପ୍ରାଣୀ ଗତିପଥ ସୁରକ୍ଷା, ମାନବ-ବନ୍ୟପ୍ରାଣୀ ସଂଘର୍ଷ ହ୍ରାସ, ନିର୍ମାଣ ଆବଶ୍ୟକ ପ୍ରତିକାରମୂଳକ ବ୍ୟବସ୍ଥା ଓ ନିୟମିତ ନିରୀକ୍ଷଣ ବ୍ୟବସ୍ଥା ରହିଛି ଯାହା ପ୍ରକଳ୍ପ ପ୍ରତିଷ୍ଠା ସମୟରେ କଡାକଡି ଭାବେ କାର୍ଯ୍ୟକାରୀ ହୋଇଥାଏ। ସେହିପରି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ପରିବେଶ ଅନୁମୋଦନ ସର୍ତ୍ତାବଳୀ ଭାବେ ବନସ୍ଥପାନ, ପ୍ରଦୂଷଣ ନିୟନ୍ତ୍ରଣ, ଜଳ ଓ ଅବଶିଷ୍ଟ ବ୍ୟବସ୍ଥାପନ, ବନ୍ୟପ୍ରାଣୀ ସୁରକ୍ଷା ଓ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥାଏ। ଯାହାକୁ ପ୍ରକଳ୍ପ ପ୍ରତିଷ୍ଠା କରୁଥିବା ସଂସ୍ଥାମାନେ ମାନିବାକୁ ବାଧ୍ୟ। (ତଥ୍ୟ)

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର



# ଯୁଦ୍ଧରେ ଭାରତର ମଧ୍ୟସ୍ଥତା

ଫେବୃଆରୀ ୨୮, ୨୦୨୬ରେ ଆରମ୍ଭ ହୋଇଥିବା ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଆଜି ଚତୁର୍ଥ ସପ୍ତାହରେ ପଡ଼ିଛି। ଇରାନର କ୍ଷେପଣାସ୍ତ୍ର ବର୍ଷଣ, ଇସ୍ରାଏଲର ବାୟୁସେନା ଆକ୍ରମଣ ଏବଂ ହିଜବୁଲ୍ଲାହର ସମର୍ଥନରେ ଏହି ସଂଘର୍ଷ ମଧ୍ୟପ୍ରାଚ୍ୟକୁ ଏକ ବିପଜ୍ଜନକ



ପରିସ୍ଥିତିରେ ପକାଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଫଳରେ ବିଶ୍ୱ ତୈଳ ଯୋଗାଣ ବ୍ୟାହତ ହୋଇଛି, ମୂଲ୍ୟ ବୃଦ୍ଧି ପାଇଛି ଏବଂ ଭାରତର ଅର୍ଥନୀତି ଉପରେ ମଧ ପ୍ରଭାବ ପଡ଼ିଛି। ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଉଠିଛି ଭାରତ ଏହି ଯୁଦ୍ଧରେ ମଧ୍ୟସ୍ଥତା କରିବ କି? ଭାରତର କୌଶଳିକ ସ୍ୱାଧୀନତା ଏବଂ ବହୁମୁଖୀ ସମ୍ପର୍କ ଦୃଷ୍ଟିରୁ ଭାରତ ଏହା କରିପାରେ ଏବଂ କରିବା ଉଚିତ୍।

ଭାରତର ପାରମ୍ପରିକ ବିଦେଶ ନୀତି ହେଉଛି ସମତୁଲ ଏବଂ କୌଶଳିକ ସ୍ୱାଧୀନତା। ଇସ୍ରାଏଲ ସହ ରକ୍ଷା, ପ୍ରଯୁକ୍ତି ଏବଂ କୃଷି କ୍ଷେତ୍ରରେ ଘନିଷ୍ଠ ସହଯୋଗ ରହିଛି। ଇରାନ ସହ ଚାବାହାର ବନ୍ଦର, ଇଣ୍ଟରନ୍ୟାସନାଲ ନର୍ଥ-ସାଉଥ ଟ୍ରାନ୍ସପୋର୍ଟ କରିଡର (ଆଇଏନ୍ଏସ୍ଟିସି) ଏବଂ ପାରମ୍ପରିକ ସାଂସ୍କୃତିକ ସମ୍ପର୍କ ରହିଛି। ଉପସାଗରୀୟ ଦେଶଗୁଡ଼ିକ ସହ ଶକ୍ତିଶାଳୀ ଅର୍ଥନୈତିକ ସମ୍ପର୍କ ଏବଂ ମଧପ୍ରାଚ୍ୟରେ ପ୍ରାୟ ଏକ କୋଟି ଭାରତୀୟ ପ୍ରବାସୀ ରହିଛନ୍ତି। ଏହି ସମତୁଲ ସମ୍ପର୍କ ଭାରତକୁ ଏକ ଆଦର୍ଶ ମଧ୍ୟସ୍ଥତାକାରୀ କରିଛି। ଫିନଲ୍ୟାଣ୍ଡର ରାଷ୍ଟ୍ରପତି ଆଲେକ୍ଜାଣ୍ଡର ଷ୍ଟବ୍, ଆମେରିକାର ଅବସରପ୍ରାପ୍ତ ସୈନ୍ୟ ଅଧିକାରୀ ଡଗଲାସ ମ୍ୟାକଗ୍ରେଗର ଏବଂ ସଂଯୁକ୍ତ ଆରବ ଆମିରଶାହୀର ପୂର୍ବତନ ରାଷ୍ଟ୍ରଦୂତ ଏହି ମତ ପ୍ରକାଶ କରିଛନ୍ତି ଯେ ନରେନ୍ଦ୍ର ମୋଦୀ ଏହି ସଂଘର୍ଷର ସମାଧାନ ପାଇଁ ସର୍ବୋତ୍ତମ ମଧ୍ୟସ୍ଥ।

ପ୍ରଧାନମନ୍ତ୍ରୀ ମୋଦୀ ଏବଂ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଯୁଦ୍ଧ ଆରମ୍ଭ ହେବା ପରଠାରୁ ସକ୍ରିୟ କୂଟନୀତି ଚଳାଇଛନ୍ତି। ଇସ୍ରାଏଲ, ଇରାନ, ସଉଦି ଆରବ, ସଂଯୁକ୍ତ ଆରବ ଆମିରଶାହୀ, କୁଏତ, ଓମାନ ଏବଂ କତାରର ନେତାଙ୍କ ସହ ଫୋନରେ କଥାବାର୍ତ୍ତା ହୋଇଛି। ଭାରତ ସମସ୍ତ ପକ୍ଷକୁ ଶାନ୍ତି ଏବଂ କୂଟନୀତି ପଥ ଅନୁସରଣ କରିବାକୁ ଆହ୍ୱାନ ଦେଇଛି। ଲୋକସଭାରେ ମୋଦୀ କହିଛନ୍ତି, ଯୁଦ୍ଧ ମାନବତାର ସ୍ୱାର୍ଥରେ ନୁହେଁ। ସମସ୍ତ ପକ୍ଷ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆଲୋଚନା କରନ୍ତୁ। ଭାରତ ହର୍ମୁଜ ପ୍ରଣାଳୀରେ ଜଳଯାନ ସୁରକ୍ଷା ପାଇଁ ନୌସେନା ମୁତୟନ କରିଛି ଏବଂ ପ୍ରାୟ ତିନି ଲକ୍ଷରୁ ଅଧିକ ଭାରତୀୟଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରିଛି। ଏହା ସହିତ ଇରାନୀ ଯୁଦ୍ଧଜାହାଜକୁ କୋଚି ବନ୍ଦରରେ ଆଶ୍ରୟ ଦେଇଛି ଏବଂ ଇରାନୀ ଦୂତାବାସରେ ସମବେଦନା ପୁସ୍ତକରେ ସ୍ୱାକ୍ଷର କରିଛି। ଏହି ପଦକ୍ଷେପଗୁଡ଼ିକ ଭାରତର ନିରପେକ୍ଷତା ପ୍ରମାଣ କରୁଛି।

ତଥାପି ପ୍ରଶ୍ନ ଉଠେ ଭାରତ କେବଳ କୂଟନୀତି କରିବ ନା ଆନୁଷ୍ଠାନିକ ମଧ୍ୟସ୍ଥତା କରିବ? ପାକିସ୍ତାନ ମଧ୍ୟସ୍ଥତାର ଦାବି କରୁଥିବା ବେଳେ ଭାରତର ଅର୍ଥନୈତିକ ଶକ୍ତି, ଗ୍ଲୋବାଲ ସାଉଥର ନେତୃତ୍ୱ ଏବଂ କୌଶଳିକ ସ୍ୱାଧୀନତା ତାକୁ ଅଧିକ ଉପଯୁକ୍ତ କରୁଛି। ଯୁଦ୍ଧ ଚାଲିଥିବା ବେଳେ ଭାରତର ତୈଳ ଆମଦାନୀ, ବେପାର ଏବଂ ପ୍ରବାସୀ ସୁରକ୍ଷା ବିପନ୍ନ ହୋଇଛି। ଏହି ପରିସ୍ଥିତିରେ ମଧ୍ୟସ୍ଥତା କେବଳ ବିଶ୍ୱ ଶାନ୍ତି ପାଇଁ ନୁହେଁ, ଭାରତର ଜାତୀୟ ସ୍ୱାର୍ଥ ପାଇଁ ମଧ ଆବଶ୍ୟକ। ତେବେ ଏହାର ଚ୍ୟାଲେଞ୍ଜ ମଧ ରହିଛି। ଆମେରିକା ଏବଂ ଇସ୍ରାଏଲ ସହ ଘନିଷ୍ଠତା ଏବଂ ଇରାନ ସହ ସମ୍ପର୍କ ରକ୍ଷା କରିବା କଷ୍ଟକର। କିନ୍ତୁ ଭାରତର ଅତୀତ ଅନୁଭବ (ଯେପରି ଆଫଗାନିସ୍ତାନ ଏବଂ ଶ୍ରୀଲଙ୍କାରେ କୂଟନୀତି) ପ୍ରମାଣ କରୁଛି ଯେ ସେ ଏହି ଭୂମିକା ନିର୍ବାହ କରିପାରିବ।

ସର୍ବୋପରି ଭାରତ ଯଦି ମଧ୍ୟସ୍ଥତା କରେ ତେବେ ତାହା କେବଳ ଏକ ଦେଶର କୂଟନୀତି ନୁହେଁ, ବରଂ ଏକ ଉଠୁଥିବା ବିଶ୍ୱ ଶକ୍ତିର ଦାୟିତ୍ୱ ହେବ। ଯୁଦ୍ଧ କେବଳ ମଧପ୍ରାଚ୍ୟରେ ନୁହେଁ, ସମଗ୍ର ବିଶ୍ୱର ଅର୍ଥନୀତିକୁ କ୍ଷତି ପହଞ୍ଚାଉଛି। ଭାରତ ଏହି ସଙ୍କଟକୁ ସୁଯୋଗରେ ପରିଣତ କରି ଶାନ୍ତି ଏବଂ ସ୍ଥିରତାର ପ୍ରତୀକ ହୋଇପାରେ। ସମୟ ଆସିଛି ଯେ ମୋଦୀ ସରକାର ଆନୁଷ୍ଠାନିକ ଭାବେ ଏହି ଭୂମିକା ଗ୍ରହଣ କରି ବିଶ୍ୱ ମଞ୍ଚରେ ଭାରତର ନେତୃତ୍ୱ ପ୍ରତିଷ୍ଠା କରନ୍ତୁ।

# ଡିଗ୍ରୀଠାରୁ ଜ୍ଞାନ ମନୁଷ୍ୟର ଚରିତ୍ରରେ ପ୍ରତିଫଳିତ ହୁଏ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**



ଆଜିର ଯୁଗରେ, ଶିକ୍ଷା ବଜାର ସମୃଦ୍ଧ ହେଉଛି। ସବୁଠି ଡିଗ୍ରୀ ପାଇଁ ପ୍ରତିଯୋଗିତା ଚାଲିଛି। ଯେମିତି ବିଏ, ଏମଏ, ପିଏଚଡି, ଏମବିଏ, ଏମସିଏ ଇତ୍ୟାଦି ଇତ୍ୟାଦି - ଏହି ପଦବୀଗୁଡ଼ିକ ଜୀବନରେ ସଫଳତାର ପଥ ହୋଇଗଲାଣି। କିନ୍ତୁ ଏଗୁଡ଼ିକ କ'ଣ ପ୍ରକୃତରେ ସଫଳତାର ଚାବିକାଠି ? ନା, ଆଦୌ ନୁହାଁ ଯେପରି କୁହାଯାଏ - ଡିଗ୍ରୀ କେବଳ ଆମର ଶିକ୍ଷା ଖର୍ଚ୍ଚର ରସିଦ। ଜ୍ଞାନ ହେଉଛି ଯାହା ଆମର ଚରିତ୍ରରେ ପ୍ରତିଫଳିତ ହୁଏ। ଏହି ଉକ୍ତି ଆମକୁ ଗଭୀର ଭାବରେ ପ୍ରତିଫଳିତ କରିବାକୁ ପ୍ରେରଣା ଦିଏ। ଡିଗ୍ରୀ ହେଉଛି ପୁସ୍ତକ ପୃଷ୍ଠାରୁ ପ୍ରାପ୍ତି, ଯାହା ଅତୀତର ବିନିଯୋଗକୁ ପ୍ରମାଣିତ କରେ, କିନ୍ତୁ ପ୍ରକୃତ ଜ୍ଞାନ ହେଉଛି ଯାହା ଆମର ଆଚରଣ, ନିଷ୍ପତ୍ତି ଏବଂ ନୀତିଶାସ୍ତ୍ରରେ ପ୍ରତିଫଳିତ ହୁଏ। ବ୍ୟକ୍ତିତ୍ୱ ବିକାଶର ମୂଳ ଏହି ଜ୍ଞାନରେ ନିହିତ, ଯାହା ଡିଗ୍ରୀକୁ ଅତିକ୍ରମ କରି ଆମକୁ ଭଲ ମଣିଷ କରିଥାଏ। ପ୍ରଥମେ, ଡିଗ୍ରୀର ସୀମାକୁ ବୁଝିବା । ଡିଗ୍ରୀ ହେଉଛି ପରୀକ୍ଷା ସ୍କୋର ଉପରେ ଆଧାରିତ ଏକ କାଗଜ ପ୍ରମାଣପତ୍ର। ଏହା କେବଳ ପୁସ୍ତକ ଜ୍ଞାନର ଏକ ସଂଗ୍ରହ। ଉଦାହରଣ ସ୍ୱରୂପ, ଆବ୍ରାହମ ଲିଙ୍କନ କୌଣସି ଆନୁଷ୍ଠାନିକ ଶିକ୍ଷା ପାଇ ନଥିଲେ, ତଥାପି ସେ ଯୁକ୍ତରାଷ୍ଟ୍ରର ଜଣେ ମହାନ ରାଷ୍ଟ୍ରପତି ହୋଇଥିଲେ। ଭାରତରେ, ମହାତ୍ମା ଗାନ୍ଧୀଙ୍କ ପାଖରେ ଆଇନ ଡିଗ୍ରୀ ଥିଲା, କିନ୍ତୁ ତାଙ୍କର ପ୍ରକୃତ ଜ୍ଞାନ ଅହିଂସା ଏବଂ ସତ୍ୟାଗ୍ରହରେ ପ୍ରତିଫଳିତ ହୋଇଥିଲା। ତାଙ୍କ ପାଖରେ ଡିଗ୍ରୀ ଥିଲା, କିନ୍ତୁ ତାଙ୍କ ଚରିତ୍ର ତାଙ୍କୁ ଅମର କରିଦେଇଥିଲା। ଆଜିକାଲି ଯୁବକମାନେ ଚାକିରି ପାଇଁ ଡିଗ୍ରୀ ସଂଗ୍ରହ କରନ୍ତି, କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା, ସହନଶୀଳତା ଏବଂ ନେତୃତ୍ୱର ଅଭାବ ସେମାନଙ୍କୁ ବିଫଳ କରିଥାଏ। ପ୍ରକୃତ ଜ୍ଞାନ ଆଭ୍ୟନ୍ତରୀଣ - ଏହା ଆମ ମାନଙ୍କ କ୍ରୋଧ ଉପରେ ନିୟନ୍ତ୍ରଣ, ଅନ୍ୟମାନଙ୍କ ପ୍ରତି କରୁଣା ଏବଂ ଅସୁବିଧାର ସମ୍ମୁଖୀନ ହେବା ସମୟରେ ଧୈର୍ଯ୍ୟ ଭାବରେ ପ୍ରକାଶିତ ହୁଏ।

ଡିଗ୍ରୀ ଆମ ମାନଙ୍କୁ ଚାକିରି ଦେଇପାରେ, କିନ୍ତୁ ଚରିତ୍ର ଆମ ମାନଙ୍କୁ ସମ୍ମାନ ପ୍ରଦାନ କରେ। ନିଜକୁ ପଚାରନ୍ତୁ ଯେ ମୋର ଡିଗ୍ରୀ କ'ଣ ମୋର ଆଚରଣକୁ ପ୍ରତିଫଳିତ କରେ ? ପ୍ରାଚୀନ ଭାରତୀୟ ଦର୍ଶନରେ ଭଗବଦ ଗୀତା କହେ, "ଜ୍ଞାନମ୍ ବିଜ୍ଞାନସାହିତମ୍," ଅର୍ଥାତ୍ ଜ୍ଞାନ ହେଉଛି ଯାହା ଜ୍ଞାନୀ। ବ୍ୟକ୍ତିତ୍ୱ ବିକାଶ ପାଇଁ, ପ୍ରତିଦିନ ଆତ୍ମ-ମୂଲ୍ୟାଙ୍କନ ଅଭ୍ୟାସ କରିବା ଉଚିତ୍ । ଏକ ଡାଏରୀ ରଖିବା ଉଚିତ୍ , ଯାହା ଆଜି ଆମେ ମାନେ କେତେ ଜ୍ଞାନ ଅର୍ଜନ କରିଛନ୍ତି ତାହା ଲେଖି ରଖିବା ଦରକାର ଯାହା ଆମ ମାନଙ୍କ ଚରିତ୍ରକୁ ସୁଦୃଢ଼ କରିବ। ଉଦାହରଣ ସ୍ୱରୂପ, ଯଦି ଆମେ ମାନେ କ୍ଷୁବ୍ଧ, ତେବେ ଧ୍ୟାନ ଏବଂ ଯୋଗ ମାଧ୍ୟମରେ ଧୈର୍ଯ୍ୟ ବିକଶିତ କରିବା ଉଚିତ୍ । ଏହା ଆମର ଚରିତ୍ରକୁ ଉନ୍ନତ କରିବ, ଯାହା ଡିଗ୍ରୀ ଅପେକ୍ଷା ବହୁତ ମୂଲ୍ୟବାନ। ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ନୈତିକ ମୂଲ୍ୟବୋଧର ବିକାଶ। ଡିଗ୍ରୀ ବଜାରରେ ବିକ୍ରି ହୋଇପାରିବ, କିନ୍ତୁ ଚରିତ୍ର କେବେବି ନୁହେଁ। ଦୁର୍ନୀତି, ମିଛ ଏବଂ ସ୍ୱାର୍ଥପରତା ଆଜିର ଡିଗ୍ରୀଧାରୀ ପିଢ଼ିର ଅଭିଶାପ। ପ୍ରକୃତ ଜ୍ଞାନ ସଚ୍ଚୋଟତା ଶିଖାଏ। ସ୍ୱାମୀ ବିବେକାନନ୍ଦ କହିଥିଲେ, "ଉଠ, ଜାଗ୍ରତ ହୁଅ, ଏବଂ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ରୁହ ନାହିଁ।" କିନ୍ତୁ ଲକ୍ଷ୍ୟ କ'ଣ ? ଟଙ୍କା ରୋଜଗାର କରିବା ପାଇଁ ନୁହେଁ, ବରଂ ଚରିତ୍ର ଗଠନ କରିବା ପାଇଁ। ବ୍ୟକ୍ତିତ୍ୱ ବିକାଶ ପାଇଁ, ସେବାର ପଥ ଗ୍ରହଣ କରିବା ଉଚିତ୍ । ଜଣେ ଗରିବ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ଉଚିତ୍, ନିଜ ପଡ଼ୋଶୀଙ୍କ ସହିତ ସମନ୍ୱୟରେ ରଖିବା ଉଚିତ୍ । ଏହା ଆମର ଜ୍ଞାନକୁ ଚରିତ୍ରରେ ପରିଣତ କରିବ। ଏକ କାହାଣୀ ମନେ ପଡ଼େ- ଜଣେ ଗରିବ ଚାଷୀଙ୍କ ପାଖରେ ଡିଗ୍ରୀ ନଥିଲା, କିନ୍ତୁ ତାଙ୍କର କଠିନ ପରିଶ୍ରମ ଏବଂ ସାଧୁତା ତାଙ୍କୁ ତାଙ୍କ ଗାଁର ନେତା କରିଥିଲା। ଲୋକମାନେ ତାଙ୍କ ଚରିତ୍ର ଦ୍ୱାରା ଅନୁପ୍ରାଣିତ ହୋଇଥିଲେ, ତାଙ୍କ ଡିଗ୍ରୀ ଦ୍ୱାରା ନୁହେଁ।

ତୃତୀୟରେ ହେଉଛି ଦକ୍ଷତା ବିକାଶ ଏକ ମୁଖ୍ୟ କଥା। ଏହା ବ୍ୟକ୍ତିତ୍ୱର ତୃତୀୟ ସ୍ତମ୍ଭ। ଡିଗ୍ରୀ ତାତ୍ତ୍ୱିକ ଜ୍ଞାନ ପ୍ରଦାନ କରେ, କିନ୍ତୁ ବ୍ୟବହାରିକ ଦକ୍ଷତା ଚରିତ୍ରର ପ୍ରମାଣ। ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ ଏବଂ ସମସ୍ୟା ସମାଧାନ- ଏହି ଗୁଣଗୁଡ଼ିକ କାର୍ଯ୍ୟ ଜୀବନରେ ଝଲସୁଛି। ଆଜିର ଡିଜିଟାଲ ଯୁଗରେ, ଅନଲାଇନ୍ ପାଠ୍ୟକ୍ରମରୁ ଶିଖି , ସେଗୁଡ଼ିକୁ ଅଭ୍ୟାସରେ ପରିଣତ କରିବା ଉଚିତ୍ । ଉଦାହରଣ ସ୍ୱରୂପ, ଏପିଜେ ଅବଦୁଲ କଲାମଙ୍କର ଇଞ୍ଜିନିୟରିଂ ଡିଗ୍ରୀ ଥିଲା, କିନ୍ତୁ ପିଲାମାନଙ୍କୁ ପ୍ରେରଣା ଦେବାର ତାଙ୍କର କ୍ଷମତାରେ ତାଙ୍କର ଜ୍ଞାନ ପ୍ରତିଫଳିତ ହୋଇଥିଲା। ସେ କହୁଥିଲେ, "ସ୍ୱପ୍ନ ତାହା ନୁହେଁ ଯାହା ତୁମେ ଶୋଇବା ସମୟରେ ଦେଖ, ବରଂ ଯାହା ତୁମକୁ ଜାଗ୍ରତ ରଖେ।" ବ୍ୟକ୍ତିତ୍ୱ ବିକାଶ ପାଇଁ ସ୍ୱପ୍ନକୁ ଚରିତ୍ର ସହିତ ଲିଙ୍କ କରିବା ଉଚିତ୍ । ପ୍ରତିଦିନ ଏକ ନୂତନ କୌଶଳ ଶିଖିବା ଉଚିତ୍ - ତାହା ସାଧାରଣ ଭାଷଣ ହେଉ କିମ୍ବା ଭାବପ୍ରବଣ ବୁଦ୍ଧି। ଡିଗ୍ରୀ ଜୀବନର ଶେଷ ନୁହେଁ, ଏହା ଆରମ୍ଭ ଆଉ ଜ୍ଞାନର କୌଣସି ସୀମା ନାହିଁ। ଏଥିପାଇଁ ବହୁତ ପୁସ୍ତକ ପଢ଼ିବା ଉଚିତ, ତାହା ଆଧ୍ୟାତ୍ମିକ ପୁସ୍ତକ ହେଉ ଅବା ସାମାଜିକ ପଠନ ପୁସ୍ତକ ହେଉ । କିନ୍ତୁ ପଢ଼ିବା କେବଳ ଯଥେଷ୍ଟ ନୁହେଁ; ଏହାକୁ ଆମ ମାନଙ୍କ ଜୀବନରେ ପ୍ରୟୋଗ କରିବା ଉଚିତ୍ । କଷ୍ଟକୁ ସୁଯୋଗ ଭାବରେ ବିଚାର କରିବା ଉଚିତ୍ । ମହାମାରୀ ସମୟରେ ଅନେକ ଡିଗ୍ରୀ ହରାଇଥିଲେ, କିନ୍ତୁ ଯେଉଁମାନେ ଦୃଢ଼ ଚରିତ୍ର ବଜାୟ ରଖିଥିଲେ ସେମାନେ ଆଗକୁ ବଢ଼ିଲେ। ଶେଷରେ ମନେ ରଖିବା ଉଚିତ୍ ଯେ ଡିଗ୍ରୀ ଆଲମାରୀରେ ଧୂଳି ଜମା କରିପାରେ, କିନ୍ତୁ ଚରିତ୍ର ଜୀବନସାରା ଉଜ୍ଜ୍ୱଳ ହୁଏ। ବ୍ୟକ୍ତିତ୍ୱ ବିକାଶ ଏକ ଯାତ୍ରା ଯାହା ଡିଗ୍ରୀ ନୁହେଁ, ଆତ୍ମ-ଶୁଦ୍ଧି ସହିତ ଆରମ୍ଭ ହୁଏ। ଆଜି ହିଁ ପ୍ରତିଜ୍ଞା ନେବା ଉଚିତ୍ ଯେ - ଆମ ଜ୍ଞାନକୁ ଚରିତ୍ରର ଅଳଙ୍କାର କରିବା ଆଉ ଆମର ଚରିତ୍ର ଦୃଢ଼ ହେଲେ ହିଁ ରାଷ୍ଟ୍ର ନିର୍ମାଣ ସମ୍ଭବ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ:୮୨୪୯୫୦୨୭୭୬



# ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର



**ଡକ୍ଟର ଲକ୍ଷ୍ମଣ ସାହୁ**

"ନୀଳାମ୍ବୁଜ ଶ୍ୟାମଳ କୋମଳାଙ୍ଗମ୍/ସୀତା ସମାରୋପିତ ବାମଭାଗମ୍/ପାଣୌ ମହାଶାୟକ ଚାରୁଚାପମ୍/ନମାମି ରାମଂ ରଘୁବଂଶନାଥମ୍।"

ଭଗବାନ ଶ୍ରୀରାମଙ୍କ ନାମଠାରୁ ବଡ କେହି ନାହାଂତି। ରାମ' ଦୁଇଟି ମୂଳ ସଂସ୍କୃତ ଶବ୍ଦ 'ରମ୍' ଓ 'ଘମ୍'ରୁ ଉତ୍ପନ୍ନ। 'ରମ୍' ଅର୍ଥ ହେଉଛି 'ଆନନ୍ଦିତ' ହେବା ବା ନିହିତ ହେବା। ସେହିପରି 'ଘମ୍'ର ଅର୍ଥ ହେଉଛି 'ବ୍ରହ୍ମାଣ୍ଡର ଖାଲି ସ୍ଥାନ'। ତେଣୁ 'ରାମ'ର ଅର୍ଥ ହେଉଛି ସମଗ୍ର ବ୍ରହ୍ମାଣ୍ଡରେ ନିହିତ ହେବା। ଶାସ୍ତ୍ରରେ ଲେଖାଯାଇଛି ଯେ "ରମନ୍ତେ ଯୋଗିନଃ ଅସ୍ମିମ ସା ରାମଂ ଉଚ୍ୟତେ" ଅର୍ଥାତ୍ ଯୋଗୀମାନେ ଧ୍ୟାନରେ ଥିବାବେଳେ ଯେଉଁ ଶୂନ୍ୟରେ ଭ୍ରମଣ କରନ୍ତି ତାଂକୁ ରାମ କୁହାଯାଏ।

ରାମଙ୍କ ନାମ କାହିଁକି ଦୁଇ ଥର କୁହାଯାଏ। ଯେତେବେଳେ ଅଭିବାଦନ ଦିଆଯାଏ 'ରାମ-ରାମ' କୁହାଯାଏ। ଏହା ସର୍ବଦା ଦୁଇ ଥର କୁହାଯାଏ। ଏହା ପଛରେ ଏକ ବୈଦିକ ଦୃଷ୍ଟିକୋଣ ରହିଛି ବୋଲି ବିଶ୍ୱାସ କରାଯାଏ। ବୈଦିକ ଦୃଷ୍ଟିକୋଣ ଅନୁଯାୟୀ, ୧୦୮ ହେଉଛି ସମ୍ପୂର୍ଣ୍ଣ ବ୍ରହ୍ମର ଏକକ ଗୁଣବତ୍ତା। ରାମ-ରାମ ଶବ୍ଦକୁ ୨ ଥର କହିଦେଲେ ଏହା ପୂରା ହୋଇଯାଏ। କାରଣ "ର" ହେଉଛି ୨୭ ତମ ଅକ୍ଷର। 'ଆ' ହେଉଛି ଦ୍ୱିତୀୟ ଅକ୍ଷର ଓ 'ମ' ହେଉଛି ୨୫ ତମ ଅକ୍ଷର। ସବୁକୁ ଏକାଠି କଲେ ୨୭ + ୨ + ୨୫ = ୫୪, ଅର୍ଥାତ୍ ଗୋଟିଏ "ରାମ" ର ସମଷ୍ଟି ହେଉଛି ୫୪। ତେଣୁ ରାମ ରାମ ୨ ଥର କହିଦେଲେ ଏହା ୧୦୮ ହୋଇଯାଏ। ଯାହା ସମ୍ପୂର୍ଣ୍ଣ ବ୍ରହ୍ମକୁ ସୂଚିତ କରେ। ଯେତେବେଳେ ବି କେହି କିଛି ଜପ କରେ, ତା'ଙ୍କୁ ୧୦୮ ଥର ଜପ କରିବାକୁ କୁହାଯାଏ। କିନ୍ତୁ ୨ଥର ' ରାମ-ରାମ ' କହିଦେଲେ ସମଗ୍ର ମାଳା ଜପ ହୋଇଯାଏ।" ମହାମନ୍ତ୍ର ଯୋୟ ଜାପତ୍ ମହେସ୍ତୁ କାସିନ୍ ମୁକୁତି ହେତୁ ଉପାଦେସ୍ତୁ ମହିମା ଜାସୁ ଜାନ ଗୁନରାଓ୍ୱା ପ୍ରଥମ ପୂଜଉତ ନାମ ପ୍ରଭାଓ୍ୱା "

ଏହାର ଅର୍ଥଃ - ମହାନ ମନ୍ତ୍ର, ଯାହା ମହେଶ୍ୱର ଶ୍ରୀ ଶିବଙ୍କ ଦ୍ୱାରା ଜପ କରାଯାଏ ଓ କାଶୀରେ ପ୍ରଚାରର କାଶୀ ମୁକ୍ତିର କାରଣ। ଯାହାର ଗୌରବ ଗଣେଶଙ୍କ ଦ୍ୱାରା ଜଣାଶୁଣା, ଯାହାଙ୍କୁ ପ୍ରଥମେ ଏହି ନାମ 'ରାମ' ଦ୍ୱାରା ପୂଜା କରାଯାଇଥାଏ। " ରାମ ନାମ ଉଭୟ ହେଉଛି ମନ୍ତ୍ର-ଜପ ଓ ନାମ-ଜାପ।" ଗୋଟିଏ ନାମ ଜପ କରାଯାଏ ଓ ଗୋଟିଏ ମନ୍ତ୍ର ଜପ କରାଯାଏ। ରାମଙ୍କ ନାମ ହେଉଛି ଏକ ମନ୍ତ୍ର ଓ ଏକ ନାମ। ରାମ ରାମ ରାମଙ୍କ ନାମ ଏପରି ଜପ ହୁଏ। ଏହା ପଦ୍ଧତି ବିନା ଜପ କରିବା। ଏହି ଉପାୟରେ ଈଶ୍ୱରଙ୍କୁ ସମ୍ବୋଧନ କରିବା ଅର୍ଥ ହେଉଛି ଈଶ୍ୱରଙ୍କୁ ଡାକିବା। ଯାହା ଦ୍ୱାରା ଭଗବାନ ଈଶ୍ୱରଙ୍କ ଦର୍ଶନ ଆଡକୁ ଆକର୍ଷିତ ହୋଇଥାଏ। ଯେପରି ନବଜାତ ଶିଶୁ ନିଜ ମାତାଙ୍କୁ ମା' ବୋଲି ଡାକେ, ସେହି ପରି ଛୋଟ ସନ୍ତାନ ଥିବା ମା' ମାନଙ୍କର ମନ ମଧ୍ୟ ସେହି ପିଲା ପ୍ରତି ଆକର୍ଷିତ ହୋଇଯାଏ। ଯେତେବେଳେ ସେହି ମା' ଉଠି ଆଗ୍ରହ ସହ ତାକୁ ଆଲିଙ୍ଗନ କୋଳକୁ ଉଠେଇ ନିଏ ଓ ଶିଶୁଟି ତାଙ୍କୁ ମା' ବୋଲି ବିବେଚନା କରେ।

ନିର୍ବାଣ ବ୍ରହ୍ମା ଓ ସର୍ଗୁଣ ରାମ। ଭଗବାନଙ୍କ ପ୍ରତ୍ୟେକ ଲୋମରେ କୋଟି କୋଟି ବିଶ୍ୱ ବ୍ରାହ୍ମାଣ୍ଡ ବାସ କରନ୍ତି। ଦଶରଥଙ୍କ ଘରେ ଜନ୍ମ ହୋଇଥିବା ବ୍ୟକ୍ତି ମଧ୍ୟ ରାମ ଓ ସେହି ଭଗବାନଙ୍କ ନାମ ଯିଏ ବିନା ରୂପରେ ସବୁଠାରେ ବିଦ୍ୟମାନ। ନାମ ଉଭୟ ନିର୍ଗୁଣ ବ୍ରହ୍ମ ଓ ସର୍ଗୁଣ ରାମଙ୍କ ଠାରୁ ମହାନ୍ ଅଟନ୍ତି। ସେ ପରଂବ୍ରହ୍ମ ରାମ ନାମରେ ବିଦିତ। ଭଗବାନ ନିଜେ ପ୍ରସିଦ୍ଧ। ପୁନଶ୍ଚ ପରମ ପରମାତ୍ମା , ସେ ହେଉଛନ୍ତି ଅନାମ। ଅର୍ଥାତ୍ ତାଙ୍କର ନାମ କିମ୍ବା ରୂପ ନାହିଁ। କିନ୍ତୁ ତାଙ୍କୁ ଜାଣିବା ପାଇଁ ତାଙ୍କୁ ବହୁ ନାମରେ ସମ୍ବୋଧନ କରାଯାଏ। କାରଣ ନାମ ଆକାରରେ ସମ୍ବୋଧନ କରାଯାଏ, ସେଥିପାଇଁ ତାଙ୍କୁ ବ୍ରହ୍ମ ବୋଲି କହିଥାନ୍ତି। ଅସୀମ, ନିତ୍ୟାନନ୍ଦ ଓ ଚିନ୍ମୟ ପରମ ବ୍ରହ୍ମରେ , ଯେଉଁଥିରେ ଯୋଗୀମାନେ ଆନନ୍ଦ ଲାଭ କରନ୍ତି। ପରମ ବ୍ରହ୍ମ ରାମଙ୍କ ସମାନ ନାମରେ ଧ୍ୟାନ କରାଯାଇଥାଏ। ଅର୍ଥାତ୍ ରାମ ହେଉଛନ୍ତି ସ୍ୱୟଂ ପରମ ବ୍ରହ୍ମ।

ତାଙ୍କର ଅସୀମ ଅନନ୍ତ ନାମ ମଧ୍ୟରେ ମୁଖ୍ୟ ନାମ ହେଉଛି ରାମ । ଅନେକ ନାମ ଈଶ୍ୱରଙ୍କ ଗୁଣ ଇତ୍ୟାଦି ବିଷୟରେ କୁହାଯାଏ। ଯଦି ସେଗୁଡିକ ଜପ କରାଯାଏ, ଈଶ୍ୱରଙ୍କ ଗୁଣ, ପ୍ରଭାବ, ଉପାଦାନ, ଅତୀତ ଇତ୍ୟାଦି ମନେ ରହିବ। ପ୍ରଭୁଙ୍କ ନାମ ଆମକୁ ପ୍ରଭୁଙ୍କ ଚରିତ୍ର ଗୁଣ ବିଷୟରେ ମନେ ପକାଇ ଦେଇଥାଏ। ଭଗବାନଙ୍କ ଚରିତ୍ର ଅସୀମ। ସେହି ଚରିତ୍ର ସମ୍ବନ୍ଧରେ ନାମ ଜପ କରିବା ମଧ୍ୟ ଅସୀମ ଅନନ୍ତ ହେବ । ସମଗ୍ର ଅଖିଳ ବ୍ରହ୍ମାଣ୍ଡ ସୃଷ୍ଟି ରାମଙ୍କ ନାମରେ ଅଛି। ବାଲ୍ମିକୀ ଏକ ଶହ କୋଟି ଶ୍ଳୋକରେ ରାମାୟଣ ରଚନା କରିଥିଲେ। ତା'ପରେ ରାମାୟଣଙ୍କୁ ଏକ କୋଟି ଶ୍ଳୋକରେ ଭଗବାନ ଶଙ୍କରଙ୍କ ଆଗରେ ରଖିଥିଲେ ଯିଏ ସର୍ବଦା ରାମଙ୍କ ନାମ ଜପ କରନ୍ତି ଓ ପାର୍ବତୀଙ୍କୁ ଏହା କହିଥିଲେ।

ମହାଦେବ ଶିବ ରାମାୟଣକୁ ତିନୋଟି ବିଭାଗ କରି ଏହାକୁ ତ୍ରିଲୋକରେ ବିଭକ୍ତ କଲେ। ଯଦି ତିନି ଲୋକରେ ତେତିଶି କୋଟି କରି ଦିଆଯାଏ, ତେବେ ଗୋଟିଏ କୋଟି ବଳକା ହେବା ଫଳରେ ତାକୁ ମଧ୍ୟ ତିନି ଭାଗରେ ବିଭକ୍ତ ହେବା ପରେ ମଧ୍ୟ, ଏକ ଲକ୍ଷ ବାକି ରହିଲା। ସେ ଏହାକୁ ତିନି ଭାଗରେ ବିଭକ୍ତ କଲେ ଓ ଗୋଟିଏ ପଦ ବା ଶ୍ଳୋକ ଉଦ୍ଧାର ହେଲା। ରାମାୟଣର ଏକ କୋଟି ପଦର ତିନୋଟି ଅଂଶ କରିବାବେଳେ ଗୋଟିଏ ଅନାବଶ୍ୟକ ପଦ ବାକି ରହିଲା। ରଚିତ ଶ୍ଳୋକରେ ବତିଶ ଅକ୍ଷର ଅଛି, ଯେଉଁଥିରେ ଦଶ-ଦଶଟି ତିନି ଜଣଙ୍କୁ ଦିଆଯାଇଥିଲା। ଶେଷରେ କେବଳ ଦୁଇଟି ଅକ୍ଷର ବାକି ରହିଲା। ପ୍ରଭୁ ଶଙ୍କର ଏହି ଦୁଇଟି ଅକ୍ଷରକୁ 'ରା'୭ ଓ 'ମ ' ନିଜ ପାଖରେ ରଖିଥିଲେ। ସମଗ୍ର ରାମାୟଣ କେବଳ ରାମ ଶବ୍ଦରେ ଅଛି, ଏହା ହେଉଛି ସମ୍ପୂର୍ଣ୍ଣ ଶାସ୍ତ୍ର। ରାମଙ୍କ ନାମ ମଧ୍ୟ ବେଦ ସଦୃଶ୍ୟ। ରାମଙ୍କ ନାମ ବେଦ ଜୀବନ ପରି। ଶାସ୍ତ୍ର ଓ ବର୍ଣ୍ଣମାଳାର ମଧ୍ୟ ଜୀବନ ଅଛି। ପ୍ରଣବକୁ ବେଦର ଆତ୍ମା ଭାବରେ ବିବେଚନା କରାଯାଏ। ପ୍ରଣବ ତିନୋଟି କାଣ୍ଡ 'ଓମ୍ କାର୍ ପୂର୍ବରୁ ଦେଖା ଦେଇଥିଲା।ଥ ତତ୍ ତ୍ରିପଡା ଏଥିରୁ ଗାୟତ୍ରୀ ଓ ଏଥିରୁ ବେଦ୍ରାୟା ହୋଇଗଲା। ଋକ୍, ସାମ୍ୟ ଓ ଯଜୁଃ - ଏହି ତିନୋଟି ମୁଖ୍ୟ ବେଦ ହୋଇଗଲେ।

ଏହିପରି ଓମ୍ କାର ଅର୍ଥ ଓଁ [ପ୍ରଣବ] ହେଉଛି ବେଦମାନଙ୍କର ପ୍ରାଣ ସ୍ୱରୂପ ଜୀବନ। ରାମ ନାମର ଗୌରବ ଅଛି। ଜିଭ ସମ୍ବେଦନଶୀଳ, ରାମ ରାମ ଜପ କରି ଏହା ଏତେ ଅଲୌକିକ ହୋଇଯାଏ ଯେ ଏହାର ଇନ୍ଦ୍ରିୟ ଅଙ୍ଗ ଓ ଏହା ବାହାରେ ଭିତରେ ସୃଷ୍ଟିକର୍ତ୍ତା ତଥା ଭିତର କାରଣ, ପ୍ରକୃତି ବାହାରେ ଦିଆଯାଏ। ସେହି ଈଶ୍ୱରୀୟ ଉପାଦାନ ହେଉଛି ଶକ୍ତି। ରାମଙ୍କ ନାମ ମଣିଦୀପ ସଦୃଶ୍ୟ ଉତ୍ସ। ତେଲ ଦୀପକୁ ମଣିଦୀପ କୁହାଯାଏ, ଏହା ସ୍ୱୟଂଚାଳିତ ଭାବରେ ଆଲୋକିତ ହୁଏ। ମଣିଦୀପ ଥିବା ପ୍ରଦୀପ କଦାପି ଲିଭିବ ନାହିଁ। ଯେପରି କବାଟ ଦୁଆର ବନ୍ଧରେ ଏକ ଦୀପ ଲଗାଇବା ଫଳରେ ଘରର ଭିତର ଓ ବାହାର ଆଲୋକିତ ହୁଏ, ସେହିଭଳି ରାମଙ୍କ ନାମ ଜିଭରେ ରଖିବା ଦ୍ୱାରା ଉଭୟ ଭିତର ଓ ବାହ୍ୟ ଆଚରଣକୁ ଆଲୋକିତ କରେ। ଅର୍ଥାତ୍ ଯଦି ହୃଦୟରେ ଭକ୍ତିରେ ଡାକିବାକୁ ହୁଏ, ତେବେ ରାମଙ୍କ ନାମ ଜପ କରି ମୁକ୍ତି ମିଳି ଯିବ। କହିବାର ଅର୍ଥ ଯେଉଁମାନେ ଅନେକ ଜନ୍ମରୁ ପାପ କରିଛନ୍ତି, ସେମାନେ ରାମଙ୍କ ନାମ ଜପରେ ଉଜ୍ଜ୍ୱଳ ଅଗ୍ନି ସେମାନଙ୍କର ସମସ୍ତ ପାପ କ୍ଷୟ କରିଦିଏ।

ପୁନଶ୍ଚ ରାମଙ୍କ ଉଭୟ ଅକ୍ଷର ମଧୁର ଓ ସୁନ୍ଦର ମନୋହର। ମଧୁରର ଅର୍ଥ ହେଉଛି ସୃଷ୍ଟିରେ ରସ ପାଇବା ଓ ମନୋହର କହିବା ଅର୍ଥ ଏହା ମନକୁ ନିଜ ଆଡକୁ ଆକର୍ଷିତ କରେ। ଅର୍ଥାତ୍ ରାମ ରାମ କହିବା ପାଟିରେ ମଧୁରତା ଭାବ ସୃଷ୍ଟି କରେ। ଉଭୟ ଅକ୍ଷର ହେଉଛି ବର୍ଣ୍ଣମାଳାର ଦୁଇଟି ଆଖି। ରାମ ବିନା, ବର୍ଣ୍ଣମାଳା ମଧ୍ୟ ଅନ୍ଧ ଅଟେ। ସେଭଳି ସୂର୍ଯ୍ୟ ଜଗତକୁ ପୋଷଣ କରେ ଓ ଚନ୍ଦ୍ର ଅମୃତଭାଣ୍ଡ ଦେଖାଏ। ରାମଙ୍କ ନାମ ଶୁଭ ଅଟେ, ହୁଏତ ରାହୁ-କେତୁ ସୂର୍ଯ୍ୟ ଓ ଚନ୍ଦ୍ର ଗ୍ରହଣ କରନ୍ତି। କିନ୍ତୁ ରାମଙ୍କ ନାମରେ କେବେବି ଚନ୍ଦ୍ର ଗ୍ରହଣ ହୁଏ ନାହିଁ। ଚନ୍ଦ୍ର ବଢ଼େ ଓ ହ୍ରାସ ପାଏ, କିନ୍ତୁ ରାମ ସର୍ବଦା ବଢ଼ିଥାନ୍ତି। ସେ ସର୍ବଦା ଶୁଦ୍ଧ, ପବିତ୍ର। ତେଣୁ ରାମ ହେଉଛନ୍ତି ଏକ ଶୁଦ୍ଧ ଚନ୍ଦ୍ର ଓଷ୍ମ ଉଜ୍ଜ୍ୱଳ ସୂର୍ଯ୍ୟ ପରି। ରାମ ନାମର ଗୌରବରେ ରାମର ନାମ ଅମୃତଭାଣ୍ଡର ସ୍ୱାଦ ଓ ସନ୍ତୁଷ୍ଟତା ପରି। ରାମ କହିବା ସମୟରେ 'ରା' ପାଟି ଖୋଲିଥାଏ ଏବଂ 'ମ ' କହିବା ସମୟରେ ବନ୍ଦ ହୋଇଯାଏ। ଯେପରି ଖାଦ୍ୟ ଖାଇବା ସମୟରେ ପାଟି ଖୋଲା ଏବଂ ସନ୍ତୁଷ୍ଟ ହେଲେ ପାଟି ବନ୍ଦ ହୋଇଯାଏ। ସେହିଭଳି ରା ଓ ମ ଅମୃତ ଭଳି ସ୍ୱାଦ ଓ ସନ୍ତୁଷ୍ଟ ପରି କାର୍ଯ୍ୟ କରିଥାଏ। ଶାସ୍ତ୍ରାନୁସାରେ ଛଟି କମଳ ମଧ୍ୟରୁ ଗୋଟିଏ ନାଭି କମଳ ଯମ [ଚକ୍ର]। ଏହାର ପେଟରେ ଈଶ୍ୱରଙ୍କ ନାମ ଅଛି। ସେମାନେ ମଧ୍ୟ ଦୃଶ୍ୟମାନ ହୁଅନ୍ତି। ଯେପରି ସମସ୍ତ ବାହ୍ୟ ଜ୍ଞାନ ଆଖିରେ ଅଛି, ସେହିଭଳି ରାମ ନାମ ଜପ କରି ଜଣେ ମହାନ୍ ଶାସ୍ତ୍ରର ଜ୍ଞାନ ପାଇଥାନ୍ତି, ଯେଉଁମାନେ ଅଧ୍ୟୟନ କରିନାହାଁନ୍ତି, ଶାସ୍ତ୍ର ପଢ଼ି ନାହାଁନ୍ତି, କିନ୍ତୁ ସେମାନେ ରାମ କଥନ ଦ୍ୱାରା ସେମାନେ ସ୍ୱୟଂଚାଳିତ ଭାବରେ ବେଦ ବିଷୟରେ ଜ୍ଞାନ ପାଆନ୍ତି। କୁହାଯାଏ ରାମ ନାମରେ ନିର୍ବାଣ ଓ ସର୍ଗୁଣରେ ସାକ୍ଷୀ ସର୍ଗୁଣ ମଧ୍ୟରେ ରାମଙ୍କ ନାମ ଏକ ସୁନ୍ଦର ସାକ୍ଷୀ। ସେ ଜଣେ ଚତୁର ଅନୁବାଦକ ଯିଏ ଦୁହିଁଙ୍କ ମଧ୍ୟରେ ପ୍ରକୃତ ଜ୍ଞାନ ଦିଅନ୍ତି ନାମ ଉଭୟ ସର୍ଗୁଣ ଓ ନିର୍ଗୁଣର ସୂଚକ । ରାମ ଜପ କରି ଲୋମ ଶୁଦ୍ଧ ହୋଇଯାଏ। ଅଥାର୍ଥ ଜଣେ ଗବେଷଣା ସନ୍ଧାନକାରୀ ଏତେ ଶୁଦ୍ଧ ହୋଇଯାଏ ଯେ ତାଙ୍କର ଦର୍ଶନ, ସ୍ପର୍ଶ ଓ ବକ୍ତବ୍ୟ ଅନ୍ୟମାନଙ୍କୁ ପ୍ରଭାବିତ କରେ। ଅନିଶ୍ଚିତତା ଦୂର ହୁଏ, ଦୁଃଖ-ଚିନ୍ତା ଦୂର ହୁଏ, ପାପ ନଷ୍ଟ ହୁଏ। ସେମାନେ ରହୁଥିବା ସ୍ଥାନ ଏକ ପବିତ୍ର ଧାମରେ ପରିଣତ ହୁଏ।

ଭଗବାନ ତାଙ୍କର ସମସ୍ତ ଅଲୌକିକ ଶକ୍ତି ରାମଙ୍କ ନାମରେ ରଖିଛନ୍ତି। ନାମ ଜପ କରିବା ପାଇଁ କୌଣସି ସ୍ଥାନ, ଉପଯୁକ୍ତ ପଦ୍ଧତି ଆବଶ୍ୟକ ନାହିଁ। ଦିନରାତି ରାମର ନାମ ଜପ କଲେ ସ୍ୱୟଂଚାଳିତ ଭାବରେ ନିଷେଧ ପାପପୂର୍ଣ୍ଣ ଆଚରଣର ଉଚ୍ଛେଦ ଘଟିବ। କହିବାର ଅର୍ଥ ବର୍ତ୍ତମାନ ହୃଦୟ ଅପରିଷ୍କାର, ସେଥିପାଇଁ ଏହା ମଇଳାକୁ ପସନ୍ଦ କରେ, ଯେତେବେଳେ ମନ ନିର୍ମଳ ହୁଏ, ମଇଳା ଜିନିଷ ପାଇଁ ଇଚ୍ଛା ରହିବ ନାହିଁ। ଦୃଢ଼ ବିଶ୍ୱାସର ସହିତ ରାମ ରାମ ଆରମ୍ଭ କଲେ, ମନ ବିଷୟର ଚିନ୍ତା ଦୂର ହେବ , ଶାନ୍ତି ଆସିବ। ଭାବ ନାହିଁ ଯେ ଯଦି ମନ ଅନୁଭବ କରୁନାହିଁ, ତେବେ ଜ୍ୟୋତି ବୃଥା ଚାଲିଛି। ଉଦାହରଣ ସ୍ୱରୂପ ଯଦି ଆପଣ ନିଜ ମନ ବିନା ନିଆଁକୁ ସ୍ପର୍ଶ କରନ୍ତି, ତେବେ ଏହା ଜଳିଯିବ। ସେହିଭଳି ଯଦି ଈଶ୍ୱରଙ୍କ ନାମ କୌଣସି ପ୍ରକାରେ ନିଆଯାଏ, ତେବେ ଏହା ଭିତର ମନକୁ ଶୁଦ୍ଧ କରିବାକୁ ହେବ।

ଯଦି ବର୍ତ୍ତମାନ ଏହା ଅନୁଭବ କରୁନାହିଁ, ଚିନ୍ତା କର ନାହିଁ, କାରଣ ମନ ସ୍ଥିର କରିବାକୁ ଇଚ୍ଛା ଅଛି, ତେବେ ତାହା ଘଟିବ। ଭଗବାନ ହୃଦୟକୁ ଦେଖନ୍ତି ଯଦି ମନ ଜଡିତ ନୁହେଁ, ସେଥିପାଇଁ ଭୟଭୀତ ହୁଅ ନାହିଁ। ଜପ କରିବା ସମୟରେ ଏହାକୁ ପସନ୍ଦ କରିବାକୁ ଚେଷ୍ଟା କର। ତେଣୁ ରାମ ନାମକୁ ଯେକୌଣସି ସମୟରେ ସମସ୍ତ ଇନ୍ଦ୍ରିୟକୁ ମନରେ, ବୁଦ୍ଧିରେ, ପ୍ରକୃତିରେ ଯେତେବେଳେ ବ୍ୟକ୍ତି ଡାକେ, ସେତେବେଳେ ସେ ଜାଗ୍ରତ ହୁଅନ୍ତି। ରାମଙ୍କ ନାମରେ ଅପାର ଶାନ୍ତି, ଆନନ୍ଦ ଓ ଶକ୍ତିରେ ତା'ର ହୃଦୟ ପରିପୂର୍ଣ୍ଣ ହୋଇଯାଏ। ଶୁଣିବା ଓ ମନେରଖିବା ସୁନ୍ଦର ଓ ମଧୁର ଅଟେ। ରାମଙ୍କ ନାମ ଜପ କରି ଏହା ଅଜ୍ଞାତ ମନରେ ସ୍ଥିର ହୋଇଯାଏ, ଏହା ପରେ ଏହା ସ୍ୱୟଂଚାଳିତ ଭାବରେ ରାମ ରାମ ଜପ କରିବା ଆରମ୍ଭ କରେ। ଯାହା ଫଳରେ ମନ ଏତେ ଟାଣି ହୋଇଯାଏ ଯେ ଏହାକୁ ମୁକ୍ତ କରାଯାଇପାରିବ ନାହିଁ। ରାମ ସାମାଜିକ ସଂପର୍କରେ ଅନେକ ଉଦାହରଣ ସୃଷ୍ଟି କଲେ , ଯଥା ବାପା ଓ ପୁଅ ମଧ୍ୟରେ, ଭାଇମାନଙ୍କ ମଧ୍ୟରେ, ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ, ରାଜା ଓ ପ୍ରଜାମାନଙ୍କ ମଧ୍ୟରେ। ଆଧ୍ୟାତ୍ମିକ ଚେତନାର ଯେଉଁ ଉଦାହରଣ ଦେଇଛନ୍ତି ତାହା ହେଉଛି ଗୁରୁ ଓ ତାଙ୍କ ଶିଷ୍ୟମାନଙ୍କ ମଧ୍ୟରେ ଥିବା ସମ୍ପର୍କ। ରାଜବଂଶ ଯେଉଁଥିରେ ଦେଶର ସମସ୍ତ ଶାସକ ଗୋଷ୍ଠୀଙ୍କର ବିଶ୍ୱାସ ଥିଲା, ସେ ବିଭିନ୍ନ ଶାସକମାନଙ୍କ ଦ୍ୱାରା ନିର୍ଦ୍ଦେଶିତ ସର୍ବୋତ୍ତମ ରାକ୍ଷସ ଲଙ୍କାପତି ପାଖକୁ ଯାଇଥାନ୍ତେ। ଏହା ପରିବର୍ତ୍ତେ, ସେ ହନୁମାନଙ୍କ ଅଧିନାୟକତ୍ୱରେ ଅସନ୍ତୁଷ୍ଟ ପ୍ରାଣୀମାନଙ୍କର ଯୁଦ୍ଧର ସିଦ୍ଧ ବିଶେଷଜ୍ଞ, ଶକ୍ତିଶାଳୀ ଓ ନିର୍ଦ୍ଦୟ ରାକ୍ଷସମାନଙ୍କ ବିରୁଦ୍ଧରେ ଲଢ଼ିବାକୁ ଅନୁମତି ଦେଇଥିଲେ। ଅତଏବ ବାର୍ତ୍ତା ହେଉଛି ଯେତେବେଳେ ଈଶ୍ୱର ନେତୃତ୍ୱ ନିଅନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅନୁଗାମୀମାନଙ୍କର ଆନ୍ତରିକତା। କିନ୍ତୁ ସେମାନଙ୍କର ବ୍ୟକ୍ତିଗତ ଯୋଗ୍ୟତା ନୁହେଁ। ଯେଉଁମାନେ ତାଙ୍କଠାରେ ଆଶ୍ରୟ ନିଅନ୍ତି, ସେମାନଙ୍କୁ ଈଶ୍ୱର ମୁକ୍ତି ଦିଅନ୍ତି। କିନ୍ତୁ ଈଶ୍ୱରଙ୍କ ନାମ ଉଚ୍ଚାରଣରେ ମୁକ୍ତି ମିଳେ। ଯେହେତୁ ଯିଏ ଏକ ଛାତର ଆଶ୍ରୟ ନେଇଥାଏ, ସେ ଛତ୍ରପତି ହୋଇଯାଏ, ସେହିଭଳି ଯିଏକି ରାମ ରୂପରେ ଧନ ଅଛି, ସେ ହେଉଛନ୍ତି ପ୍ରକୃତ ଧନପତି। ସୁଗତି ରୂପରେ ଥିବା ଭଲ ହେଉଛି ସବୁଦିନ ପାଇଁ ସନ୍ତୁଷ୍ଟ। ଯାହାର ଲାଭ ପରେ କୌଣସି ଲାଭ ବାକି ରହିଲା ନାହିଁ, ଯେଉଁଠାରେ କୌଣସି ଦୁଃଖ ପହଞ୍ଚିପାରିବ ନାହିଁ, ରାମ ନାମରେ ଏପରି ବଡ଼ ମହାନନ୍ଦ ହାସଲ ହୁଏ। ବାସ୍ତବରେ ଭଗବାନଙ୍କ ନାମରେ ସମୁଦ୍ରରେ ପଥର ଭାସୁଛି, ତେବେ ଜଣେ ବ୍ୟକ୍ତି ରକ୍ଷା ପାଇବା ପାଇଁ ବଡ଼ କଥା କ'ଣ ? ରାମ ହେଉଛନ୍ତି ସେହି ପରମ ପୁରୁଷୋତ୍ତମ ତାଙ୍କର ଭକ୍ତମାନଙ୍କୁ ଧରିଥାଆନ୍ତି। ରାମଙ୍କ ନାମ ଅନ୍ୟାନ୍ୟ ଉତ୍ସରୁ ମୁକ୍ତି, ସର୍ବଶକ୍ତିମାନ ପରମ ବ୍ରହ୍ମ ନିଜେ... " ଆପଦାମପହର୍ତାରଂ ଦାତାରଂ ସର୍ବ୍ୱସଂପଦାମ୍। ଲୋକାଭିରାମଂ ଶ୍ରୀରାମଂ ଭୂୟୋଭୂୟୋ ନମାମ୍ୟହମ୍ ॥ ରାମାୟ ରାମଭଦ୍ରାୟ ରାମଚଂଦ୍ରାୟ ଓ୍ୱଧେସୋ ରଘୁନାଥାୟ ନାଥାୟ ସୀତାୟାଃ ପତୟେ ନମଃ...

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋବାଇଲ୍:୯୦୪୦ ୧୫୧୪ ୭୫



ମହାଦେବ ଶିବ ରାମାୟଣକୁ ତିନୋଟି ବିଭାଗ କରି ଏହାକୁ ତ୍ରିଲୋକରେ ବିଭକ୍ତ କଲେ। ଯଦି ତିନି ଲୋକରେ ତେତିଶି କୋଟି କରି ଦିଆଯାଏ, ତେବେ ଗୋଟିଏ କୋଟି ବଳକା ହେବା ଫଳରେ ତାକୁ ମଧ୍ୟ ତିନି ଭାଗରେ ବିଭକ୍ତ ହେବା ପରେ ମଧ୍ୟ, ଏକ ଲକ୍ଷ ବାକି ରହିଲା। ସେ ଏହାକୁ ତିନି ଭାଗରେ ବିଭକ୍ତ କଲେ ଓ ଗୋଟିଏ ପଦ ବା ଶ୍ଳୋକ ଉଦ୍ଧାର ହେଲା। ରାମାୟଣର ଏକ କୋଟି ପଦର ତିନୋଟି ଅଂଶ କରିବାବେଳେ ଗୋଟିଏ ଅନାବଶ୍ୟକ ପଦ ବାକି ରହିଲା। ରଚିତ ଶ୍ଳୋକରେ ବତିଶ ଅକ୍ଷର ଅଛି, ଯେଉଁଥିରେ ଦଶ-ଦଶଟି ତିନି ଜଣଙ୍କୁ ଦିଆଯାଇଥିଲା। ଶେଷରେ କେବଳ ଦୁଇଟି ଅକ୍ଷର ବାକି ରହିଲା। ପ୍ରଭୁ ଶଙ୍କର ଏହି ଦୁଇଟି ଅକ୍ଷରକୁ 'ରା'୭ ଓ 'ମ ' ନିଜ ପାଖରେ ରଖିଥିଲେ। ସମଗ୍ର ରାମାୟଣ କେବଳ ରାମ ଶବ୍ଦରେ ଅଛି, ଏହା ହେଉଛି ସମ୍ପୂର୍ଣ୍ଣ ଶାସ୍ତ୍ର। ରାମଙ୍କ ନାମ ମଧ୍ୟ ବେଦ ସଦୃଶ୍ୟ। ରାମଙ୍କ ନାମ ବେଦ ଜୀବନ ପରି। ଶାସ୍ତ୍ର ଓ ବର୍ଣ୍ଣମାଳାର ମଧ୍ୟ ଜୀବନ ଅଛି। ପ୍ରଣବକୁ ବେଦର ଆତ୍ମା ଭାବରେ ବିବେଚନା କରାଯାଏ। ପ୍ରଣବ ତିନୋଟି କାଣ୍ଡ 'ଓମ୍ କାର୍ ପୂର୍ବରୁ ଦେଖା ଦେଇଥିଲା।ଥ ତତ୍ ତ୍ରିପଡା ଏଥିରୁ ଗାୟତ୍ରୀ ଓ ଏଥିରୁ ବେଦ୍ରାୟା ହୋଇଗଲା। ଋକ୍, ସାମ୍ୟ ଓ ଯଜୁଃ - ଏହି ତିନୋଟି ମୁଖ୍ୟ ବେଦ ହୋଇଗଲେ। ଏହିପରି ଓମ୍ କାର ଅର୍ଥ ଓଁ [ପ୍ରଣବ] ହେଉଛି ବେଦମାନଙ୍କର ପ୍ରାଣ ସ୍ୱରୂପ ଜୀବନ। ରାମ ନାମର ଗୌରବ ଅଛି।

# ଇସ୍ରାଏଲର ଆଣବିକ ସହର ଉପରେ ମିସାଇଲ ମାଡ଼



## ଇରାନ ଆକ୍ରମଣର ଜବାବ ଦେଲା ଇସ୍ରାଏଲ

**ତେହେରାନ, ୨୭।୩:** ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଏକ ଅତି ଭୟଙ୍କର ରୂପ ଧାରଣ କରିଛି। ଶୁକ୍ରବାର ଇସ୍ରାଏଲର ପାରମାଣବିକ ଗବେଷଣା କେନ୍ଦ୍ର ପାଇଁ ଜଣାଶୁଣା ଡିମୋନା ସହର ନିକଟରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଥିବା ସୂଚନା ମିଳିଛି। ଏହି ଘଟଣାର ପାଲଟା ଜବାବରେ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ଇରାନ ମଧ୍ୟରେ ଥିବା ପ୍ରମୁଖ କ୍ଷେପଣାସ୍ତ୍ର ଘାଟିଗୁଡ଼ିକୁ ଟାର୍ଗେଟ କରି ଜୋରଦାର ଆକ୍ରମଣ କରିଛି। ଇରାନର ନୌସେନା କମାଣ୍ଡର ଆଲିରେଜା ତଙ୍ଗସିରିଙ୍କ ମୃତ୍ୟୁ ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବେ ସିଧାସଳଖ ପାରମାଣବିକ ଓ ରଣନୈତିକ ପ୍ରତିଷ୍ଠାନଗୁଡ଼ିକ ଉପରକୁ ଆକ୍ରମଣ ପର୍ଯ୍ୟନ୍ତ ପହଞ୍ଚିଛି, ଯାହା ସମଗ୍ର ବିଶ୍ୱ ପାଇଁ ଚିନ୍ତାର ବିଷୟ ପାଲଟିଛି।

ଡିମୋନା ନିକଟରେ ହୋଇଥିବା ଏହି ବିସ୍ଫୋରଣ ଇରାନ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ହୋଇଥିବା ସନ୍ଦେହ କରାଯାଉଛି। ଏହାର କିଛି ସମୟ ପରେ ଇସ୍ରାଏଲର ଯୁଦ୍ଧବିମାନଗୁଡ଼ିକ ଇରାନର ଆଭ୍ୟନ୍ତରୀଣ ସୀମାରେ ଥିବା କ୍ଷେପଣାସ୍ତ୍ର ଉତକ୍ଷେପଣ କେନ୍ଦ୍ରଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଆକ୍ରମଣ ପାଇଁ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ସମୟସୀମା ଘୁଞ୍ଚାଇଥିଲେ ହେଁ, କ୍ଷେତ୍ର ସ୍ତରରେ ଇସ୍ରାଏଲ ଓ ଇରାନ ମଧ୍ୟରେ ପ୍ରତ୍ୟକ୍ଷ ସଂଘର୍ଷ ଜାରି ରହିଛି। ସାମରିକ ବିଶେଷଜ୍ଞଙ୍କ ଅନୁଯାୟୀ, ଇସ୍ରାଏଲର ପାରମାଣବିକ କେନ୍ଦ୍ର ନିକଟରେ ବିସ୍ଫୋରଣ ହେବା ଏକ ବିପଦଜନକ ସଙ୍କେତ। ଏହା କେବଳ ଦୁଇ ଦେଶ ମଧ୍ୟରେ ସୀମିତ ନରହି ଏକ ପୂର୍ଣ୍ଣାଙ୍ଗ ଆଞ୍ଚଳିକ ଯୁଦ୍ଧର ରୂପ ନେଇପାରେ।

ଶୁକ୍ରବାର ଇରାନପକ୍ଷରୁ ୮୩ ତମ ଆକ୍ରମଣ ହୋଇଥିବା ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡସ୍ କର୍ପସ (ଆଇଆରଜିସି) କହିଛି। ଆକ୍ରମଣରେ ଉଭୟ ଦୂରଗାମୀ ଓ ମଧ୍ୟମବର୍ଗର କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଛି। ଇରାନୀ ଏଜେନ୍ସିଗୁଡ଼ିକ ରିପୋର୍ଟ କରିଛନ୍ତି ଯେ, ବାହାରିନରେ ଥିବା ଆମେରିକାର ପାଟ୍ରିଅଟ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀର ରକ୍ଷଣାବେକ୍ଷଣ କେନ୍ଦ୍ର ଉପରେ ହୋଇଥିଲା। ଜମ୍ମୁ ଏବଂ କାଶ୍ମୀରର ସିଆ ସମ୍ପ୍ରଦାୟର ବହୁ ସଂଖ୍ୟକ ଲୋକ ଇରାନକୁ ସମର୍ଥନ ଜଣାଇଥିଲେ। ରାମବାନ ଜିଲ୍ଲାର ଚନ୍ଦରକୋଟ ଅଞ୍ଚଳରେ ଶହ ଶହ ଲୋକ ସ୍ଥାନୀୟ ଇମାମବାରାରେ ଏକାଠି ହୋଇ ନଗଦ ଟଙ୍କା, ଘରକରଣା ଜିନିଷପତ୍ର, ସୁନା ଏବଂ ରୂପା ଅଳଙ୍କାର ଦାନ କରିଥିଲେ।

## ହର୍ମୁଜ ପରେ ବିପଦରେ ଆଉ ଏକ ଷ୍ଟ୍ରେଟ

# ବଢ଼ିବ ସଙ୍କଟ, ଆମେରିକାକୁ ଧମକ ଦେଲା ହୁତି




ଇରାନ ସହ ମିଶି ଯୁଦ୍ଧକୁ ଓହ୍ଲାଇବାକୁ ଚେତାବନୀ

**ନୂଆଦିଲ୍ଲୀ, ୨୭।୩:** ଯୁଦ୍ଧରେ ଥରୁଛି ମଧ୍ୟପ୍ରାଚ୍ୟ, ଇରାନ ଉପରେ ଘନ ଘନ ଆକ୍ରମଣ କରୁଛନ୍ତି ଇସ୍ରାଏଲ ଏବଂ ଆମେରିକା । ଡୋନାଲ୍ଡ ଟ୍ରମ୍ପ ବାରମ୍ବାର ଯୁଦ୍ଧ ବିରତି କଥା କହୁଛନ୍ତି। ତଥାପି ଆକ୍ରମଣ ଥମୁନି। ତେବେ ଇରାନ ମଧ୍ୟ ଷ୍ଟ୍ରେଟ ଅଫ୍ ହର୍ମୁଜ ନିଜ ଦଖଲରେ ରଖିଛି। ଶତ୍ରୁ ତଥା ଶତ୍ରୁର ସହଯୋଗୀ ଦେଶର ଜାହାଜକୁ ଛାଡୁନି। ଫଳରେ ସାରା ବିଶ୍ୱରେ ତୈଳ ଏବଂ ଗ୍ୟାସ୍ ସଙ୍କଟ ଦେଖିବାକୁ ମିଳିଲାଣି। ଏହାରି ଭିତରେ ଆଉ ଏକ ବିପଦ ସୃଷ୍ଟି ହୋଇଛି। କେବଳ ଷ୍ଟ୍ରେଟ ଅଫ୍ ହର୍ମୁଜ ନୁହେଁ ଆଗକୁ ଆଉ ଏକ ଷ୍ଟ୍ରେଟରେ ଦେଖିବାକୁ ପଡିପାରେ ଅସ୍ଥିରତା। ରିପୋର୍ଟ ଅନୁସାରେ, ୟେମେନର ବିଦ୍ରୋହୀ ସଙ୍ଗଠନ ହୁତି ୱାଶିଂଟନକୁ ଧମକ ଦେଇଛି। ଇରାନ ସମର୍ଥିତ ଏହି ସଙ୍ଗଠନ କହିଛି ଯେ, ସେମାନେ ଇରାନ ସହ ମିଶି ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛନ୍ତି। ସମସ୍ତ ବିକଳ୍ପ ଧରି ଲଢ଼ିବାକୁ ସେମାନେ ପ୍ରସ୍ତୁତ। ହୁତି ଅନ୍ୟ ଏକ ଯୁଦ୍ଧ ଆରମ୍ଭ କରିପାରିବ। ଏପରିକି ବାବ୍-ଅଲ୍-ମଣ୍ଡାବ୍ ଷ୍ଟ୍ରେଟକୁ ଦଖଲକୁ ନେଇପାରିବେ। ଯାହାକୁ ଗେଟ ଅଫ୍ ଟିଅର୍ସ ବୋଲି କୁହାଯାଏ। ରୟଟର୍ସ ସହ ଆଲୋଚନା କରି ହାଉଥିର ନେତା ଘୋଷଣା କରିଛନ୍ତି ଯେ, ଯୁଦ୍ଧ ପାଇଁ ସବୁ ଯୋଜନା ସରିଛି। ଯେଉଁଥିରୁ ତେହେରାନ ସହ ସେମାନେ କଥା ହୋଇଥିବା ସନ୍ଦେହ କରାଯାଉଛି। ଏବେସୁଦ୍ଧା ଇରାନ ସଠିକ ଭାବେ ଜବାବ ଦେଉଛି। ସବୁଦିନ ଶତ୍ରୁଙ୍କ ଉପରେ ଭାରି ପଡୁଛି । ସେମାନେ ଲୋହିତ ସାଗରରେ ଆଉ ଏକ ଯୁଦ୍ଧ ଆରମ୍ଭ କରିପାରିବେ। ବାବ୍-ଅଲ୍-ମଣ୍ଡାବ ଷ୍ଟ୍ରେଟ ହେଉଛି ୨୦ ମାଇଲର ଏକ ସାମୁଦ୍ରିକ ଅଞ୍ଚଳ। ଏଠାରେ ଲୋହିତ ସାଗର ସହ ଗଲଫ୍ ଅଫ୍ ଆଡେନ ମିଶିଛି। ଏହା ସେତେ ବଡ ଜଳମାର୍ଗ ନୁହେଁ । କିନ୍ତୁ ବାର୍ଷିକ ପ୍ରାୟ ୧ ଟ୍ରିଲିୟନ ଡଲାରର କାରବାର ଏହି ଜଳମାର୍ଗ ଦେଇ ସମ୍ପାଦନ ହୋଇଥାଏ। ଏହା ୟୁରୋପ ଏବଂ ଏସିଆର ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ।

## ଗଲ୍ଫରେ ଆମେରିକାର ବ୍ୟାପକ କ୍ଷତି

# ହୋଟେଲରେ ଲୁଚିଛନ୍ତି ୟୁଏସ ସୈନିକ

**ଅବୁଧାବି, ୨୭।୩:** ପଶ୍ଚିମ ଏସିୟାରେ ଆମେରିକା ଓ ଇରାନ ଯୁଦ୍ଧ ଏବେ ବିପଦଜନକ ମୋଡ଼ରେ ପହଞ୍ଚିଛି। ରିପୋର୍ଟ ଅନୁସାରେ ଇରାନର ଭୀଷଣ ଡ୍ରୋନ ଓ ମିଜାଇଲ ଆକ୍ରମଣ ଭୟରେ ଗଲ୍ଫ ଦେଶମାନଙ୍କରେ ମୁତୟନ ଆମେରିକୀୟ ସେନା ଏବେ ମିଲେଟ୍ରି ବେସ ଛାଡି ଜୀବନ ବଞ୍ଚାଇବାକୁ ସ୍ଥାନୀୟ ହୋଟେଲମାନଙ୍କରେ ଶରଣ ନେଇଛନ୍ତି। ଏହି ପରିସ୍ଥିତି ଆମେରିକା ଭଳି ଏକ ମହାଶକ୍ତି ଲାଗି ଏକ ବଡ଼ କୂଟନୈତିକ ଓ ସାମରିକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଏହି ଯୁଦ୍ଧରେ ଆମେରିକାକୁ ସବୁଠୁ ବଡ଼ ଆର୍ଥିକ ଓ ସାମରିକ ଝଟକା ଲାଗିଛି। ମିଳୁଥିବା ସୂଚନା ଅନୁସାରେ ଇରାନର ସଠିକ ଡ୍ରୋନ ଓ ବାଲିଷ୍ଟିକ୍ ଆକ୍ରମଣରେ ଆମେରିକାର ପାଖାପାଖି ୧୦ ହଜାର କୋଟି ଟଙ୍କା ମୂଲ୍ୟର ଘାତକ ଅସ୍ତ୍ରଶସ୍ତ୍ର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ନଷ୍ଟ ହୋଇଥିବା ଅସ୍ତ୍ର ଶସ୍ତ୍ର ତାଲିକା ଢେର ଲମ୍ବା। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ସବୁ ଅସ୍ତ୍ରଶସ୍ତ୍ରରେ ୧୨ଟି ଅତ୍ୟାଧୁନିକ ଏମକ୍ୟୁ-୯ ରିପର ଡ୍ରୋନ, ୭ଟି କେସି ୧୩୫ ଟ୍ୟାଙ୍କର ବିମାନ, ୩ଟି ଏଫ-୧୫ ଇଗଲ ବିମାନ, ଗୋଟିଏ ଏଫ-୩୫ ଯୁଦ୍ଧ ବିମାନ ଓ ଗୋଟିଏ ବ୍ଲାକ୍ ହକ୍ ହେଲିକପ୍ଟର ଅଛି। ଏହି ଅସ୍ତ୍ରଶସ୍ତ୍ର କ୍ଷତି ନା କେବଳ ଆମେରିକା ଲାଗି ଆର୍ଥିକ ବରଂ ଯୁଦ୍ଧ କ୍ଷେତ୍ରରେ ଆମେରିକୀୟ ଟେକ୍ନୋଲଜି ଉପରେ ମଧ୍ୟ ପ୍ରଶ୍ନ ଚିହ୍ନ ଲଗାଇଛି।ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ



ଆରବ ଦେଶରେ ଥିବା ଆମେରିକାର ବିଭିନ୍ନ ସାମରିକ ଘାଟିରେ ୪୦ହଜାରରୁ ଅଧିକ ସୈନିକ ମୁତୟନ ଥିଲେ। ହେଲେ ଇରାନ ଦ୍ୱାରା ଲଗାତାର କରାଯାଉଥିବା ଆକ୍ରମଣ ଯୋଗୁ ଏବେ ଅଧିକାଂଶ ସୈନିକଙ୍କୁ ମିଲେଟ୍ରି ବେସରୁ ବାହାର କରି ସୁରକ୍ଷିତ ବେସାମରିକ ସ୍ଥାନ ଓ ହୋଟେଲକୁ ସିଫ୍ଟ କରିଦିଆଯାଇଛି। ଆମେରିକାର ମୁଖ୍ୟ ଉଦ୍ଦେଶ୍ୟ କୌଣସି ପ୍ରକାର ନିଜ ସୈନିକଙ୍କ ଜୀବନ ବଞ୍ଚାଇବା। କାରଣ ଏପର୍ଯ୍ୟନ୍ତ ଯୁଦ୍ଧରେ ୧୫ ଜଣ ଆମେରିକୀୟ ସୈନିକଙ୍କ ମୃତ୍ୟୁ ପୁଷ୍ଟି ହୋଇଛି ଓ ୨୦୦ରୁ ଅଧିକ ସୈନିକ ଆହତ ହୋଇଛନ୍ତି।

# ମୃତ୍ୟୁର ୨୩ ମିନିଟ ପୂର୍ବରୁ ଖାମେନେଇଙ୍କ ଶେଷ ଫଟୋ

**ତେହେରାନ, ୨୭।୩:** ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କ ଶେଷ ମୁହୂର୍ତ୍ତର ବୋଲି ଦାବି କରାଯାଉଥିବା ଏକ ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଗତ ଫେବୃଆରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲର ମିଳିତ ଆକ୍ରମଣରେ ନିହତ ହେବାର ମାତ୍ର ୨୩ ମିନିଟ ପୂର୍ବରୁ ଏହି ଫଟୋଟି ତାଙ୍କ କାର୍ଯ୍ୟାଳୟର ସିସିଟିଭି କ୍ୟାମେରାରେ କଏଦ ହୋଇଥିବା କୁହାଯାଉଛି। ପଶ୍ଚିମ ଏସିଆରେ ଯୁଦ୍ଧ ୨୭ତମ ଦିନରେ ପହଞ୍ଚିଥିବା ବେଳେ ଏହି ଛବି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

ଲେବାନନ୍ ଗଣମାଧ୍ୟମ 'ଅଲ୍ ମାୟାଦିନ୍' ଅନୁଯାୟୀ, ତେହେରାନ ପକ୍ଷରୁ ଏହି ଫଟୋ ଜାରି କରାଯାଇଛି। ଏହି ଛବିରେ ଖାମେନେଇ ନିଜ କାର୍ଯ୍ୟାଳୟରେ ଏକ ଚେୟାରରେ ବସି କିଛି ପଢୁଥିବାର ଦେଖିବାକୁ ମିଳୁଛି। ତେବେ ଏହି ଫଟୋର ସତ୍ୟତା ଏପର୍ଯ୍ୟନ୍ତ ପ୍ରମାଣିତ ହୋଇପାରିନାହିଁ। ସୋସିଆଲ୍ ମିଡିଆରେ ଅନେକ ୟୁଜର ଦାବି କରିଛନ୍ତି ଯେ ଏହା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଦ୍ୱାରା ପ୍ରସ୍ତୁତ ଏକ ନକଲି ଛବି ହୋଇପାରେ। ଏତେ ଭୟଙ୍କର ମିସାଇଲ୍ ମାଡ଼ ପରେ ସିସିଟିଭି ଫୁଟେଜ୍ କିପରି ସୁରକ୍ଷିତ ରହିଲା, ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଫେବୃଆରୀ ୨୮ ରେ ଆମେରିକା ନିଜର ଅପରେସନ୍ 'ଏପିକ୍ ଫ୍ୟୁରୀ' ଏବଂ ଇସ୍ରାଏଲ୍ ନିଜର ଅପରେସନ୍ 'ଲାୟନ୍ସ ରୋର୍' ମାଧ୍ୟମରେ ଇରାନ ଉପରେ ମିଳିତ ଆକ୍ରମଣ କରିଥିଲେ। ଏଥିରେ ଖାମେନେଇଙ୍କ ସମେତ ଅନେକ ଶୀର୍ଷ ଇରାନୀ ଅଧିକାରୀ ନିହତ ହୋଇଥିଲେ। ଏହାର ପାଲଟା ଜବାବରେ ଇରାନ ମଧ୍ୟ ଇସ୍ରାଏଲ୍ ଏବଂ ବାହାରିନ୍, କୁଏତ୍, ୟୁଏଇ, ଇରାକ୍, କତାର୍, ସାଉଦି ଆରବ, ଜୋର୍ଡାନ ଓ ଆଜରବାଇଜାନରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ବର୍ତ୍ତମାନ



ସିସିଟିଭିରେ କଏଦ ଥିବା ଛବି ଭାଇରାଲ

ଫଟୋର ସତ୍ୟାସତ୍ୟ ଏଯାଏଁ ପ୍ରମାଣିତ ହୋଇନି

ଇରାନ ଯୁଦ୍ଧବିରତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିବା ବେଳେ ଇସ୍ରାଏଲ ଲେବାନନରେ ନିଜର ଆକ୍ରମଣ ବୃଦ୍ଧି କରି ହିଜବୁଲ୍ଲାକୁ ଟାର୍ଗେଟ୍ କରୁଛି। ଯୁଦ୍ଧର ଏହି ତିକ୍ତତା ମଧ୍ୟରେ ଗୁରୁବାର (ମାର୍ଚ୍ଚ ୨୬) ଦିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଘୋଷଣା କରିଛନ୍ତି। ଇରାନର ଶକ୍ତି ଭିତ୍ତିଭୂମି ଉପରେ ଆମେରିକା କରିବାକୁ ଥିବା ଆକ୍ରମଣର ସମୟସୀମାକୁ ସେ ଏପ୍ରିଲ୍ ୬ ପର୍ଯ୍ୟନ୍ତ ଘୁଞ୍ଚାଇ ଦେଇଛନ୍ତି। ପୂର୍ବରୁ ସେ ହରମୁଜ୍ ଜଳପଥ ଖୋଲିବାକୁ ୪୮ ଘଣ୍ଟାର ଅଲ୍ଟିମେଟମ୍ ଦେଇଥିଲେ, କିନ୍ତୁ ଏବେ ତାହାକୁ ଦ୍ୱିତୀୟ ଥର ପାଇଁ ବୃଦ୍ଧି କରାଯାଇଛି।

## ୧୫ ଦିନରେ ହେବ ତେଲ ମୂଲ୍ୟର ସମୀକ୍ଷା

# ଦୁଇ ମାସ ପାଇଁ ଯୋଗାଣ ସୁରକ୍ଷିତ

**ନୂଆଦିଲ୍ଲୀ, ୨୭।୩:** ପେଟ୍ରୋଲ ଏବଂ ଡିଜେଲ୍ ଉପରୁ କେନ୍ଦ୍ର ସରକାର ଶୁକ୍ରବାର ଉତ୍ପାଦନ ଶୁଳ୍କ ହ୍ରାସ କରିଛନ୍ତି। ଏହା ପରେ ପେଟ୍ରୋଲ ଏବଂ ଡିଜେଲ୍ ମୂଲ୍ୟ ହ୍ରାସ ହୋଇପାରେ ବୋଲି ଚର୍ଚ୍ଚା ବଢ଼ିଯାଇଛି। ଏହାରି ମଧ୍ୟରେ, ସରକାର ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ପ୍ରତି ୧୫ ଦିନରେ ତେଲ ମୂଲ୍ୟର ସମୀକ୍ଷା କରିବେ କେନ୍ଦ୍ର ସରକାର। ସେପଟେ ସିବିଆଇସି ଅଧ୍ୟକ୍ଷ ବିବେକ ଚତୁର୍ବେଦୀ କହିଛନ୍ତି ଯେ, ତୈଳ କମ୍ପାନୀଗୁଡ଼ିକର କ୍ଷତି କମାଇବାକୁ ଏବଂ ଗ୍ରାହକଙ୍କ ପାଇଁ ମୂଲ୍ୟ ବୃଦ୍ଧି ଏଡାଇବା ପାଇଁ ଉତ୍ପାଦ ଶୁଳ୍କ ହ୍ରାସ କରାଯାଇଛି। ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ, ଅଶୋଧିତ ତେଲର କୌଣସି ଅଭାବ ନାହିଁ।




### ପାନିକ ବାୟିଂ ନକରିବାକୁ କେନ୍ଦ୍ରର ଅପିଲ

ଆଗାମୀ ଦୁଇ ମାସ ପାଇଁ ଯୋଗାଣ ସୁରକ୍ଷିତ କରାଯାଇଛି। ଏଲପିଜି ଏବଂ ପିଏନଜିର ପରିସ୍ଥିତି ବର୍ତ୍ତମାନ ସ୍ୱାଭାବିକ ରହିଛି। ସେ କହିଛନ୍ତି ଯେ, ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ପର୍ଯ୍ୟାପ୍ତ ପରିମାଣରେ ଗଚ୍ଛିତ ଅଛି। ପ୍ରତିଦିନ ଗ୍ରାହକମାନଙ୍କୁ ୧୦ ହଜାରରୁ ଅଧିକ ସଂଯୋଗ ଦିଆଯାଉଛି। ଏପ୍ରିଲ ୨୦୨୨ ପରଠାରୁ, ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇନାହିଁ। ତେଲ ଦର ସମୟ ସମୟରେ ହ୍ରାସ ପାଇଛି କିମ୍ବା ସ୍ଥିର ରହିଛି। ଗୁଜବ ଏବଂ କଳାବଜାରୀ ରୋକିବା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଦୟାକରି ପେଟ୍ରୋଲ ପମ୍ପରେ ଭିଡ଼ ଏଡ଼ାଇବାକୁ ଲୋକଙ୍କୁ ଅପିଲ କରିଛନ୍ତି ସୁଜାତା ଶର୍ମା। ଆମେ ଏବେ ବି ଯୁଦ୍ଧ ସ୍ଥିତିରେ ଅଛୁ। ଆମର ଅଶୋଧିତ ତେଲ, ଏଲପିଜି ଏବଂ ଏନର୍ଜି ଯୋଗାଣ ପ୍ରଭାବିତ ହୋଇଛି। ଆମ ପାଖରେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ ଅଛି। ଆଗାମୀ ୨ ମାସ ପାଇଁ ଯୋଗାଣ ବ୍ୟବସ୍ଥା ସ୍ଥିର କରାଯାଇଛି। ଏଲପିଜି ଏବଂ ଏଲଏନଜି ସ୍ଥିତି ସ୍ୱାଭାବିକ ଅଛି। ତୈଳ ବିଶୋଧନାଗାରଗୁଡ଼ିକ ୧୦୦ ପ୍ରତିଶତରୁ ଅଧିକ କ୍ଷମତାରେ କାର୍ଯ୍ୟ କରୁଛି। ଗତ କିଛି ସପ୍ତାହ ମଧ୍ୟରେ ବାଣିଜ୍ୟିକ ଯୋଗାଣ ପୁନରୁଦ୍ଧାର କରାଯାଇଛି। ଆଜି ବାଣିଜ୍ୟିକ ଯୋଗାଣ ୭୦ ପ୍ରତିଶତକୁ ପୁନଃସ୍ଥାପିତ ହୋଇଛି।



୧୦ ଲକ୍ଷ ଯୋଦ୍ଧାଙ୍କୁ ସାମିଲ କରିବ ଇରାନ

# ଆମେରିକା ସହ ସ୍ଥଳଯୁଦ୍ଧ ସମ୍ଭାବନା

**ତେହେରାନ, ୨୭।୩:** ଇରାନ ଉପରେ ଆମେରିକା ସ୍ଥଳଭାଗରେ ଆକ୍ରମଣ କରିବାକୁ ଯୋଜନା କରୁଥିବାବେଳେ ତେହେରାନ ମଧ୍ୟ ଏହାର କଡ଼ା ଜବାବ ଦେବାକୁ ପ୍ରସ୍ତୁତ ହେଉଛି। ଇରାନ ଆମେରିକା ବିରୋଧରେ ସ୍ଥଳଭାଗ ଯୁଦ୍ଧରେ ୧୦ ଲକ୍ଷ ଯୋଦ୍ଧାଙ୍କୁ ସାମିଲ କରିବାକୁ ଚାହୁଁଛି। ଏଥିପାଇଁ ଇରାନ ଅଧିକରୁ ଅଧିକ ସୈନ୍ୟ ନିଯୁକ୍ତି କରିବାକୁ ଲକ୍ଷ୍ୟ ରଖିଥିବାବେଳେ ରିପୋର୍ଟ ଅନୁଯାୟୀ ଇରାନର ବିଭିନ୍ନ ନିଯୁକ୍ତି କେନ୍ଦ୍ରକୁ ବହୁ ସଂଖ୍ୟକ ଯୁବ ସ୍ୱେଚ୍ଛାସେବକମାନେ ଆସୁଛନ୍ତି। ତେହେରାନର ସାମରିକ ସୂତ୍ରରୁ ତସନିମ୍ ନ୍ୟୁଜ୍ ଏଜେନ୍ସି ପ୍ରକାଶ କରିଛି ଯେ, ସ୍ଥଳଭାଗ ଯୁଦ୍ଧ ପାଇଁ ଏହି ବାହିନୀଗୁଡ଼ିକୁ ସଙ୍ଗଠିତ କରାଯାଇଛି ଓ ଏହା ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ବାସିଜ୍, ଇସଲାମିକ୍ ରିଭୋଲ୍ୟୁସନ ଗାର୍ଡ କର୍ପସ (ଆଇଆରଜିସି) ଓ ସେନାପକ୍ଷରୁ କରାଯାଇଥିବା ନିଯୁକ୍ତି କେନ୍ଦ୍ରରେ ବହୁ ସଂଖ୍ୟକ ନାଗରିକଙ୍କୁ ଦେଖିବାକୁ ମିଳୁଛି। ଏଜେନ୍ସି କହିଛି ଯେ, ଇରାନ ନିଜ ମାଟିରେ ଆମେରିକୀୟମାନଙ୍କୁ ନର୍କ ଯନ୍ତ୍ରଣା ଦେବାକୁ ଏହିସବୁ ଯୋଜନା କରିଛି। ଆମେରିକାର ପୂର୍ବରୁ ଥିବା ହଜାର ହଜାର ନୌଯୋଦ୍ଧା ସହିତ ଯୋଗ ଦେବା ପାଇଁ ଏଲିଟ୍ ୮୨ ତମ ଏୟାରବର୍ନ ଡିଭିଜନର ସୈନ୍ୟମାନେ କିଛି ଦିନ ମଧ୍ୟରେ ମଧ୍ୟପ୍ରାଚ୍ୟରେ ପହଞ୍ଚି ପାରନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ସହିତ ଶାନ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ଦାବି କରୁଥିବା ସତ୍ତ୍ୱେ ତେହେରାନ ୱାସିଂଟନର କୌଣସି ପ୍ରକାରର କୂଟନୈତିକ ଆଲୋଚନାକୁ ପ୍ରତ୍ୟାଖ୍ୟାନ କରିଛି। ଆମେରିକୀୟ ସୈନ୍ୟମାନେ ଇରାନ ମାଟିରେ ଓହ୍ଲାଇଲେ ଗମ୍ଭୀର ପ୍ରତିଶୋଧ ନିଆଯିବ ବୋଲି ତେହେରାନ ଚେତାବନୀ ଦେଇଛି।

# ଶପଥ ନେଲେ ୩୫ ବର୍ଷୀୟ ବାଲେନ ଶାହ



## ରାପରରୁ ପ୍ରଧାନମନ୍ତ୍ରୀ

**କାଠମାଣ୍ଡୁ, ୨୭।୩:** ରାପରରୁ ରାଜନେତା ପାଲଟିଥିବା ୩୫ ବର୍ଷୀୟ ବାଲେନ ଶାହ ଆଜି ନେପାଳର ନୂତନ ତଥା ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଗତବର୍ଷ ନେପାଳରେ ହୋଇଥିବା ଯୁବଗୋଷ୍ଠୀଙ୍କ ବିଦ୍ରୋହ ପରେ ଅନୁଷ୍ଠିତ ଏହି ପ୍ରଥମ ନିର୍ବାଚନରେ ତାଙ୍କ ଦଳ ବିପୁଳ ବିଜୟ ହାସଲ କରିଛି। ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସମ୍ପୂର୍ଣ୍ଣ କଳା ପୋଷାକ ଏବଂ କଳା ଚଷମା ପିନ୍ଧି ବାଲେନ ଶାହ ଶପଥ ନେଇଥିଲେ। ସେ କହିଥିଲେ, 'ମୁଁ ବାଲେନ ଶାହ, ଦେଶ ଏବଂ ଜନତାଙ୍କ ନାମରେ ଶପଥ କରୁଛି ଯେ ମୁଁ ସମ୍ବିଧାନ ପ୍ରତି ଅନୁରକ୍ତ ରହିବି ଏବଂ ପ୍ରଧାନମନ୍ତ୍ରୀ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବି'। କାଠମାଣ୍ଡୁ ସ୍ଥିତ ଶୀତଳ ନିବାସ (ରାଷ୍ଟ୍ରପତି ଭବନ) ଠାରେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ସମାରୋହରେ ଅନେକ ହିନ୍ଦୁ ପୁରୋହିତ ମନ୍ତ୍ରୋଚ୍ଚାରଣ କରିଥିବା ବେଳେ ବୌଦ୍ଧ ଭିକ୍ଷୁମାନେ ମଧ୍ୟ ଉପସ୍ଥିତ ରହି ଆଶୀର୍ବାଦ ପ୍ରଦାନ କରିଥିଲେ। ବାଲେନ ଶାହଙ୍କ ନେତୃତ୍ୱାଧୀନ 'ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି' (ଆରଏସପି) ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ମୋଟ ୨୭୫ ଆସନରୁ ୧୮୨ଟି ଆସନରେ ବିଜୟୀ ହୋଇ ଏକତରଫା ସରକାର ଗଠନ କରିଛି। ବାଲେନ୍ ନିଜେ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ତାଙ୍କର ଗଡ଼ କୁହାଯାଉଥିବା ଝାପା-୫ ନିର୍ବାଚନମଣ୍ଡଳୀରେ ବିପୁଳ ଭୋଟରେ ପରାସ୍ତ କରିଛନ୍ତି। ପେଶାରେ ଜଣେ ଷ୍ଟ୍ରକଚରାଲ୍ ଇଞ୍ଜିନିୟର ଏବଂ ଲୋକପ୍ରିୟ ରାପର୍ ଥିବା ବାଲେନ୍ ୨୦୨୨ ମସିହାରେ କାଠମାଣ୍ଡୁର ମେୟର ଭାବେ ନିର୍ବାଚିତ ହୋଇ ପ୍ରଥମେ ଚର୍ଚ୍ଚାକୁ ଆସିଥିଲେ। ଦୁର୍ନୀତିମୁକ୍ତ ଏବଂ ବିକାଶମୂଳକ ଶାସନ ପ୍ରତିଶ୍ରୁତି ଦେଇ ସେ ଏବେ ନେପାଳର ୪୭ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# କେବିସି ବିଜେତାଙ୍କୁ ବାନ୍ଧିଲା ପୁଲିସ




ରିଲିଫ୍ ପାଣ୍ଠି ଖାଇଗଲେ ମହିଳା ତହସିଲଦାର

ବିଗ-ବି'ଙ୍କ ସହ ହଟ୍-ସିଟ୍‌ରୁ ଜେଲ୍

**ଭୋପାଳ, ୨୭।୩:** ଦିନେ କୌନ ବନେଗା କରୋଡପତିର ହଟ୍ ସିଟରେ ବସିଥିଲେ। ବିଗ୍ ବି ଅମିତାଭ ବଚ୍ଚନଙ୍କ ଆଗରେ ସୁନ୍ଦର ସୁନ୍ଦର କଥା କହୁଥିଲେ। ଏହାସହ ଲକ୍ଷ ଲକ୍ଷ ଟଙ୍କା ଜିତିଥିଲେ। ଏବେ କିନ୍ତୁ ପୁରା ଓଲଟା ସ୍ଥିତି। କେବିସିରେ ଟଙ୍କା ଜିତିଥିବା ଜଣେ ମହିଳା ତହସିଲଦାର ଏବେ ଜେଲରେ। ରିପୋର୍ଟ ଅନୁସାରେ, ମଧ୍ୟପ୍ରଦେଶର ଜଣେ ପୂର୍ବତନ ସରକାରୀ ଅଧିକାରୀ ଦୁର୍ନୀତି ଅଭିଯୋଗରେ ଗିରଫ ହୋଇଛନ୍ତି। ଗିରଫ ଅଧିକାରୀ ହେଲେ ଅମିତା ସିଂ ତୋମାର। ବନ୍ୟା ରିଲିଫ ପାଣ୍ଠି ହେରଫେର ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ୨୦୧୯ରେ କେବିସିରେ ନଜର ଆସିଥିଲେ। ଏଠାରେ ସେ ୫୦ ଲକ୍ଷ ଟଙ୍କା ଜିତିଥିଲେ। ତେବେ ଗତ ୨୬ ତାରିଖରେ ତାଙ୍କୁ ଗ୍ୱାଲିଅର ବାସଭବନରୁ ଗିରଫ କରାଯାଇଛି। ଏହାସହ ଶିବପୁରୀ ଜେଲକୁ ପଠାଯାଇଛି ।

ରିପୋର୍ଟ ଅନୁସାରେ, ଅମିତା ବିଜୟପୁରର ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ। ୨୦୨୧ରେ ଏଠାରେ ଭୟଙ୍କର ବନ୍ୟା ଅସିଥିଲା। ବନ୍ୟା ସମୟରେ ପ୍ରାୟ ଦୁଇରୁ ଅଢେଇ କୋଟି ଟଙ୍କାର ରିଲିଫ ପାଣ୍ଠି ହଡପ କରାଯାଇଥିଲା। ଏଥିରେ ଅମିତାଙ୍କ ନାଁ ଆସିବା ପରେ ସେ ସ୍କାନରକୁ ଆସିଥିଲେ। ବନ୍ୟା ପରେ ୭୯୪ ଜଣ ବନ୍ୟା ପୀଡିତଙ୍କ ପାଇଁ ସରକାର ରିଲିଫ୍ ଘୋଷଣା କରିଥିଲେ। କିନ୍ତୁ ୧୨୭ ଫେକ୍ ହିତାଧିକାରୀ ତାଲିକା ପ୍ରସ୍ତୁତ କରାଯାଇ ସରକାରୀ ଅର୍ଥ ବାଟମାରଣା କରାଯାଇଥିଲା। ସବୁଠୁ ବଡ କଥା ହେଲା ଯେ ଯେଉଁ ଭୂତ ହିତାଧିକାରୀ ତାଲିକା ପ୍ରସ୍ତୁତ କରାଯାଇ ଟଙ୍କା ଟ୍ରାନ୍ସଫର କରାଯାଇଥିଲା ସେମାନଙ୍କ ମଧ୍ୟରୁ କିଛି ଜଣ ଅମିତାଙ୍କ ସମ୍ପର୍କୀୟ ରହିଥିଲେ। ସ୍ଥାନୀୟ ଏସପି ସୁଧିର କୁମାରଙ୍କ କହିବାନୁସାରେ, ଅମିତଙ୍କୁ ଗିରଫ କରାଯାଇଛି। ତଦନ୍ତ ଜାରି ରହିଛି । ଜେଲରେ ସେ ଜାମିନ ଆବେଦନ କରିଥିଲେ। କିନ୍ତୁ ତାହା ଖାରଜ ହୋଇଯାଇଛି। ଏହାସହ ତାଙ୍କୁ ସସପେଣ୍ଡ କରାଯାଇଥିବା ଏସପି ସୂଚନା ଦେଇଛନ୍ତି।

# ବିବାହିତଙ୍କ ଲିଭ୍-ଇନ୍ ସମ୍ପର୍କ ଅପରାଧ ନୁହେଁ

## ଆଲ୍ଲାହାବାଦ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

**ନୂଆଦିଲ୍ଲୀ, ୨୭।୩:** ଜଣେ ବିବାହିତ ବ୍ୟକ୍ତି ଜଣେ ବୟସ୍କା ମହିଳାଙ୍କ ସହ ସମ୍ମତି କ୍ରମେ ଲିଭ୍-ଇନ୍ ସମ୍ପର୍କରେ ରହିବା କୌଣସି ଅପରାଧ ନୁହେଁ ବୋଲି ଶୁକ୍ରବାର ଆଲ୍ଲାହାବାଦ ହାଇକୋର୍ଟ ଏକ ଐତିହାସିକ ନିଷ୍ପତ୍ତିରେ ସ୍ପଷ୍ଟ କରିଛନ୍ତି। ବିଚାରପତି ଜେଜେ ମୁନିର ଓ ବିଚାରପତି ତରୁଣ ସକ୍ସେନାଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ କହିଛନ୍ତି ଯେ, ସାମାଜିକ ନୈତିକତା କେବେ ହେଲେ ନାଗରିକଙ୍କ ସାମ୍ବିଧାନିକ ଅଧିକାରକୁ ସୁରକ୍ଷା ଦେବା କ୍ଷେତ୍ରରେ କୋର୍ଟଙ୍କ କର୍ତ୍ତବ୍ୟକୁ ବାଧା ଦେଇପାରିବ ନାହିଁ। ଯଦି ଆଇନ ଅନୁଯାୟୀ କୌଣସି ଅପରାଧ ହୋଇନାହିଁ, ତେବେ ସାମାଜିକ ମତାମତ ଏବଂ ନୈତିକତା ଦ୍ୱାରା କୋର୍ଟଙ୍କ ନିଷ୍ପତ୍ତି ପରିଚାଳିତ ହେବ ନାହିଁ। ଉତ୍ତର ପ୍ରଦେଶର ଶାହାଜାହାନପୁରର ଏକ ଲିଭ୍-ଇନ୍ ଦମ୍ପତିଙ୍କ ଆବେଦନ ଉପରେ ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଜଣେ ୧୮ ବର୍ଷିୟା ଯୁବତୀ ନିଜ ପରିବାରଠାରୁ ଜୀବନ ପ୍ରତି ବିପଦ ଥିବା ଏବଂ 'ଅନର କିଲିଂ'ର ଭୟ ଥିବା ଦର୍ଶାଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ସେ ଜଣେ ପ୍ରାପ୍ତବୟସ୍କା ଏବଂ ସ୍ୱଇଚ୍ଛାରେ ସେହି ବ୍ୟକ୍ତିଙ୍କ ସହ ରହୁଛନ୍ତି। ପୂର୍ବରୁ ଏନେଇ ଶାହାଜାହାନପୁର ପୁଲିସ ଅଧୀକ୍ଷକଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା।



ଶାହାଜାହାନପୁର ଏସପିଙ୍କ ନିଷ୍କ୍ରିୟତା ଉପରେ କୋର୍ଟ ଅସନ୍ତୋଷ ପ୍ରକାଶ କରି ଏକାଠି ରହୁଥିବା ଦୁଇଜଣ ବୟସ୍କ ବ୍ୟକ୍ତିଙ୍କୁ ସୁରକ୍ଷା ଦେବା ପୁଲିସର ପ୍ରାଥମିକ ଦାୟିତ୍ୱ ବୋଲି କହିଛନ୍ତି। ଏହାସହ ଜଣେ ନାଗରିକ ବିବାହିତ ହୁଅନ୍ତୁ ବା ଅବିବାହିତ, ସମ୍ବିଧାନର ଧାରା ୨୧ ଅନୁଯାୟୀ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ସମସ୍ତଙ୍କ ପାଇଁ ସମାନ। କେବଳ ବିବାହ କରିନାହାନ୍ତି ବୋଲି ସେମାନଙ୍କୁ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ କିମ୍ବା ସେମାନଙ୍କ ବିରୋଧରେ କୌଣସି ଅପରାଧିକ ମାମଲା ରୁଜୁ କରାଯାଇପାରିବ ନାହିଁ ବୋଲି କୋର୍ଟ ଦର୍ଶାଇଛନ୍ତି । ହାଇକୋର୍ଟ ସମ୍ପୃକ୍ତ ଯୁବତୀଙ୍କ ପରିବାର ଲୋକଙ୍କୁ ଚେତାବନୀ ମଧ୍ୟ ଦେଇଛନ୍ତି । ପରିବାରର କୌଣସି ସଦସ୍ୟ ଦମ୍ପତିଙ୍କୁ ଶାରୀରିକ କ୍ଷତି ପହଞ୍ଚାଇ ପାରିବେ ନାହିଁ, ସେମାନଙ୍କ ଘରେ ପ୍ରବେଶ କରିପାରିବେ ନାହିଁ କିମ୍ବା ଫୋନ ବା ସୋସିଆଲ ମିଡିଆ ଜରିଆରେ ସମ୍ପର୍କ କରିପାରିବେ ନାହିଁ।

### ଉଚ୍ଚଶିକ୍ଷାର ଉନ୍ନତି ପାଇଁ ସରକାରଙ୍କ ଅନୁଦାନ ପ୍ରସଙ୍ଗ

# ଉଚ୍ଚଶିକ୍ଷା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ସାଧୁବାଦ



ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷରେ ଉଚ୍ଚଶିକ୍ଷା କ୍ଷେତ୍ରର ସାମଗ୍ରିକ ଉନ୍ନତି, ଛାତ୍ରଛାତ୍ରୀଙ୍କ ସୁରକ୍ଷା, ସୁବିଧା ବୃଦ୍ଧି ଓ ଆଧୁନିକ ସରଞ୍ଜାମ ବ୍ୟବସ୍ଥା ପାଇଁ ବିଭିନ୍ନ ମୁଖ୍ୟ ଶିରୋନାମାରେ ରାଜ୍ୟର ସମସ୍ତ ଡିଗ୍ରୀ କଲେଜକୁ ପ୍ରଚୁର ପରିମାଣର ଆର୍ଥିକ ଅନୁଦାନ ଦିଆଯାଇଛି। ଏହି ଅନୁଦାନ ରାଶି କଲେଜମାନଙ୍କର ଢାଞ୍ଚାଗତ ବିକାଶ, କ୍ୟାରିଅର କାଉନସେଲିଂ, ଡିଜିଟାଲ ସୁବିଧା ବୃଦ୍ଧି ଓ ଛାତ୍ରୀ ସଶକ୍ତିକରଣ ପାଇଁ ଖର୍ଚ୍ଚ ହେବ। ରାଜ୍ୟ ସରକାରଙ୍କ ଏଭଳି ସମୟୋପଯୋଗୀ ପଦକ୍ଷେପକୁ ଶିକ୍ଷାବିତ୍ ଶୁଭେନ୍ଦୁ ମହାନ୍ତି ଦୂରଦର୍ଶୀ ଓ ସ୍ୱାଗତଯୋଗ୍ୟ ବୋଲି କହିଛନ୍ତି। ଏକ ପ୍ରେସ୍ ବିବୃତିରେ ସେ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଅଧିକ ପିଲା ଥିବା ଡିଗ୍ରୀ କଲେଜକୁ ପର୍ଯ୍ୟାପ୍ତ ପରିମାଣର ଅନୁଦାନ ରାଶି ମିଳିଛି। ଶକ୍ତିଶ୍ରୀ ଯୋଜନା ଅଧୀନରେ କ୍ୟାମ୍ପସ ସୁରକ୍ଷା ଅଡିଟ୍ ଓ ଛାତ୍ରୀ ସଶକ୍ତିକରଣ କାର୍ଯ୍ୟକ୍ରମ ପାଇଁ ୫୦ ହଜାର ଲେଖାଏଁ ମୋଟ ୧ ଲକ୍ଷ, କ୍ୟାରିଅର କାଉନ୍ସେଲିଂ ଓ ପ୍ଲେସମେଣ୍ଟ ସେଲ ପାଇଁ ୧ ଲକ୍ଷ, ଢାଞ୍ଚାଗତ ଉନ୍ନତି ପାଇଁ ୧.୪୯ କୋଟି, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଟଏଲେଟ୍ ନିର୍ମାଣ ସକାଶେ ୬.୪୮ ଲକ୍ଷ, ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ ପାଇଁ ୨ ଲକ୍ଷ, ଆଇଟି ଢାଞ୍ଚା ଉନ୍ନତି ପାଇଁ ୬ ଲକ୍ଷ ଏବଂ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ପାଇଁ ୧୫ ହଜାର ଟଙ୍କା ମିଳିଛି। ଏହା ନିଶ୍ଚିତ ଭାବେ କଲେଜ ଭିତ୍ତିଭୂମିର ବିକାଶ ସହ ଅଗ୍ରଣୀ ଶିକ୍ଷାନୁଷ୍ଠାନର ଗୁଣାତ୍ମକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ତେବେ ଅନୁଦାନ ଅର୍ଥ ଖର୍ଚ୍ଚ ପାଇଁ ସ୍ପଷ୍ଟ ନିୟମାବଳୀର ଅଭାବ ରହିଥିବାରୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅନୁଦାନର ସଠିକ ଉପଯୋଗ ନେଇ ଆଶଙ୍କା ସୃଷ୍ଟି ହେଉଛି। ତେଣୁ ଉଚ୍ଚଶିକ୍ଷା ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେଇ ଏସ୍ଓପି ଆଣିଲେ ସମସ୍ତ ସରକାରୀ ଯୋଜନାର ସଫଳ ଓ ସମୟୋପଯୋଗୀ ରୂପାୟନ ସମ୍ଭବପର ହେବ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏଥିସହ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବଳିଷ୍ଠ ନେତୃତ୍ୱରେ ଉଚ୍ଚଶିକ୍ଷା ବିଭାଗ ଅଧିକ କ୍ରିୟାଶୀଳ ହେଉଥିବାରୁ ଏହାକୁ ଶ୍ରୀ ମହାନ୍ତି ପ୍ରଶଂସା କରିବା ସହ ଉଭୟଙ୍କୁ ସାଧୁବାଦ ଜଣାଇଛନ୍ତି।

## ବିମାନ ବନ୍ଦରରେ ମକ୍ ଡ୍ରିଲ୍



ଭୁବନେଶ୍ୱର, ୨୭।୩ (ସଂଚାର ବ୍ୟୁରୋ) ଃ ବିମାନ ହାଇଜାକ୍ ହେଲେ କଣ କରିବେ ବିମାନ ବନ୍ଦରରେ ନିୟୋଜିତ ସୁରକ୍ଷାକର୍ମୀ । କିଭଳି ଅପହରଣକାରୀଙ୍କଠାରୁ ମୁକୁଳାଇ ହେବ ବିମାନ । ଯାତ୍ରୀଙ୍କୁ କିଭଳି ଯୋଗାଇ ଦିଆଯାଇପାରିବ ପ୍ରାଥମିକ ସୁରକ୍ଷା । ଏନେଇ ଭୁବନେଶ୍ୱର ବିମାନ ବନ୍ଦରରେ ହୋଇଛି ଆଣ୍ଟି ହାଇଜାକ୍ ଏକ୍ସରସାଇଜ। ବିମାନ ବନ୍ଦର ପରିସରରେ ହୋଇଥିବା ମକଡ୍ରିଲରେ ସାମିଲ ହୋଇଥିଲେ ସିଆଇଏସଏଫ, ଏନଏସଜି, ଏସଓଜି, ଇଣ୍ଟେଲିଜେନସ୍ ବ୍ୟୁରୋ, ଓଡିଶା ପୋଲିସ, ବ୍ୟୁରୋ ଅଫ ସିଭିଲ ଆଭିଏସନ ଓ ଏୟାରଲାଇନର କର୍ମଚାରୀ। ବରିଷ୍ଠ ପ୍ରଶାସନିକ ଅଧିକାରୀ ହେମନ୍ତ ଶର୍ମାଙ୍କ ନେତୃତ୍ୱରେ ଏଭଳି ଆଣ୍ଟି ହାଇଜାକ ମକଡ୍ରିଲ ଅଭ୍ୟାସ କରାଯାଇଛି।

### ସୁବିଧାଜନକ ଉପମାର୍ଗ ନିର୍ମାଣ ପାଇଁ ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ

## ଜୀବନ ରକ୍ଷାକାରୀ ବିକଳ୍ପ ହେବ ଉପମାର୍ଗ



ନୂଆଦିଲ୍ଲୀ,୨୭।୩(ସଂଚାର ବ୍ୟୁରୋ)ଃ ସାରା ଦେଶରେ ରେଳ ଉପମାର୍ଗ ବା ସବ-ୱେଗୁଡ଼ିକ ରେଳପଥ ଅତିକ୍ରମ କରିବା ସମୟରେ ହେଉଥିବା ଦୁର୍ଘଟଣାକୁ ରୋକିବାରେ ସହାୟକ ହେବ। ଟ୍ରାକର ଉଭୟ ପାର୍ଶ୍ୱରେ ବ୍ୟବହାର କରିବାକୁ ସହଜ ଏହି ସୁବିଧାଜନକ ଉପମାର୍ଗଗୁଡିକ ମାତ୍ର ୧୨ ଘଣ୍ଟା ମଧ୍ୟରେ ନିର୍ମାଣ କରାଯାଇପାରିବ। ରେଳ ଟ୍ରାକ୍ ଅତିକ୍ରମ କରିବା ସମୟରେ ଘଟୁଥିବା ଦୁର୍ଘଟଣାକୁ ବର୍ତ୍ତମାନ ରେଳବାଇ ଏକ ମିଶନ ମୋଡ୍‌ରେ ଅଟକାଇବ। ସୁବିଧାଜନକ ଉପମାର୍ଗ ନିର୍ମାଣ କରି ଏହା ସୁନିଶ୍ଚିତ କରାଯିବ। ଏହାର ବ୍ୟାପକ ପ୍ରସ୍ତୁତି ସ୍ୱରୂପ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଏକ କର୍ମଶାଳାରେ ଆଲୋଚନା କରିଛନ୍ତି। ଏହି ରେଳ ଉପମାର୍ଗଗୁଡ଼ିକ ଯେଉଁଠାରେ ରେଳ ଟ୍ରାକର ଗୋଟିଏ ପାର୍ଶ୍ୱରେ ଜନବସତି ଏବଂ ଅନ୍ୟ ପାର୍ଶ୍ୱରେ କୃଷି, ବିଦ୍ୟାଳୟ, ଶ୍ମଶାନ କିମ୍ବା ଅନ୍ୟାନ୍ୟ ଉପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଥିବ, ସେଇ ସ୍ଥାନରେ ନିର୍ମାଣ କରାଯିବ। ରେଳ ମନ୍ତ୍ରୀ ସାରା ଦେଶରେ ଏଭଳି ଉପମାର୍ଗ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରେଳମନ୍ତ୍ରୀ ଅଧିକାରୀମାନଙ୍କୁ ଏପରି ରେଳ ଉପମାର୍ଗ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଟ୍ରାକ୍ ଅତିକ୍ରମ କରୁଥିବା ଲୋକମାନଙ୍କ ପାଇଁ ଜୀବନରକ୍ଷକ ବିକଳ୍ପ ଭାବେ କାର୍ଯ୍ୟ କରିବ। ଏହି ରେଳ ଉପମାର୍ଗଗୁଡ଼ିକ ନିର୍ମାଣ କରିବା ସମୟରେ ଯେପରି ଜଣେ ସାଧାରଣ ବ୍ୟକ୍ତି ଏଥିରେ ସାଇକେଲ, ମୋଟରସାଇକେଲ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ବନ୍ଧୀୟ ସାମଗ୍ରୀ ବହନ କରିପାରିବେ। ଦେଶର ଏହି ବଡ଼ ସମସ୍ୟାକୁ ଆଗାମୀ ୫-୬ ବର୍ଷ ମଧ୍ୟରେ ସମାଧାନ କରିବାକୁ ରେଳମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉପମାର୍ଗଗୁଡିକ କେବଳ ୧୨ ଘଣ୍ଟା ମଧ୍ୟରେ ଟ୍ରାକ ଉପରେ ନିର୍ମାଣ କରାଯାଇପାରିବାର ବ୍ୟବସ୍ଥା କରାଯିବ। ଏନେଇ ରେଳମନ୍ତ୍ରୀ କହିଛନ୍ତି ଯେ ଡିଜାଇନ୍ ଏପରି ହେବା ଉଚିତ ଯେ ଲୋକମାନେ ଏହାକୁ ବ୍ୟବହାର କରିବାକୁ କୁଣ୍ଠାବୋଧ କରିବେ ନାହିଁ ଓ ଜଳମଗ୍ନ ସମୟରେ ମଧ୍ୟ ଏହି ଉପାମାର୍ଗଗୁଡିକ ପ୍ରଭାବିତ ହେବନାହିଁ।

## ଜାତୀୟ ନାଟକ ଉତ୍ସବ 'ପୂର୍ବରଙ୍ଗ-୨୦୨୬'



ଭୁବନେଶ୍ୱର, ୨୭।୩ (ସଂଚାର ବ୍ୟୁରୋ) ଃ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କୋଲକାତାର ମିଳିତ ସହଯୋଗରେ ଜାତୀୟ ନାଟକ ଉତ୍ସବ "ପୂର୍ବରଙ୍ଗ-୨୦୨୬" ଆରମ୍ଭ ହୋଇଯାଇଛି। ଏହି ନାଟକ ଉତ୍ସବ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ହେବ। ଆଜିର ଉଦ୍‌ଘାଟନୀ ସନ୍ଧ୍ୟାରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ, ମିହିର ମେହେର, ସୁବୋଧ ପଟ୍ଟନାୟକ, ଲାଲା ବୀରେନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ବିଶ୍ୱ ନାଟ୍ୟ ଦିବସ ଅବସରରେ ଅତିଥିମାନେ ସର୍ବ ପ୍ରଥମେ ସମସ୍ତ କଳାକାରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। "ଭାରତୀୟ ନାଟ୍ୟ ପରମ୍ପରା ହେଉଛି କାଳଜୟୀ। ନାଟକ ମାଧ୍ୟମରେ କଳାକାରମାନେ ସମାଜର ବାସ୍ତବତାକୁ ଦର୍ଶକମାନଙ୍କ ସମ୍ମୁଖରେ ପରିବେଷଣ କରିଥାନ୍ତି। ନାଟ୍ୟ କଳାକୁ ସମାଜର ଦର୍ପଣ ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଜାତୀୟ ନାଟକ ମହୋତ୍ସବରେ ପ୍ରଦର୍ଶିତ ହେବାକୁ ଯାଉଥିବା ସମସ୍ତ ନାଟକ ଗୁଡ଼ିକୁ ଦର୍ଶକମାନେ ପସନ୍ଦ କରିବେ ବୋଲି ଆମେ ଆଶାବାଦୀ। ସୁମନ ଶାହା ଏବଂ ଚନ୍ଦ୍ରାଣୀ ସରକାରଙ୍କ ଚମତ୍କାର ଅଭିନୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

# ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉପରୁ ଭାଟ୍ ହ୍ରାସ ଦାବି

ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ)ଃକେନ୍ଦ୍ର ସରକାରଙ୍କ ଦ୍ୱାରା ପେଟ୍ରୋଲ ଓ ଡିଜେଲର ଉତ୍ପାଦ ଶୁଳ୍କରେ ଲିଟର ପ୍ରତି ୧୦ ଟଙ୍କା ହ୍ରାସ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଥିବା ବେଳେ ବିଜେଡି ପେଟ୍ରୋଲ ଓ ଡିଜେଲ ଉପରେ ରାଜ୍ୟ ଲାଗୁ କରିଥିବା ଭାଟକୁ ହ୍ରାସ କରିବା ସକାଶେ ଦାବି ରଖିଛି।

ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ସମ୍ପ୍ରତି ଇସ୍ରାଏଲ, ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ଲାଗିଥିବା ବେଳେ ସମଗ୍ର ବିଶ୍ୱରେ ଇନ୍ଧନ ସଙ୍କଟ ଦେଖାଦେଇଛି। ଏହାକୁ ନେଇ ସାଧାରଣରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ଯଦିଓ ସରକାରଙ୍କ ତରଫରୁ ବାରମ୍ବାର ସଙ୍କଟ ସ୍ଥିତି



- ପୂର୍ବରୁ ଭାଟ୍ ହ୍ରାସ ପାଇଁ ବାରମ୍ବାର ଦାବି କରୁଥିଲା ବିଜେପି
- କେବଳ ଉତ୍ପାଦ ଶୁଳ୍କ ହ୍ରାସ ପର୍ଯ୍ୟାପ୍ତ ନୁହେଁ

ଆସିନାହିଁ ବୋଲି ସୂଚନା ଦିଆଯାଉଛି, ତଥାପି ଏହା ଜନସାଧାରଣଙ୍କ ମନରୁ ସନ୍ଦେହ ଦୂର କରିପାରିନାହିଁ। ଏପରି ସ୍ଥିତିରେ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଉପରୁ ଉତ୍ପାଦ ଶୁଳ୍କରେ ଲିଟର ପିଛା ୧୦ ଟଙ୍କା ହ୍ରାସ କରିଛନ୍ତି । କିନ୍ତୁ କେଉଁ ପରିପ୍ରେକ୍ଷୀରେ ଏହି ଦର ହ୍ରାସ କରାଯାଇଛି, ସେନେଇ ସରକାର କିଛି ବି ସ୍ପଷ୍ଟ କରିନାହାନ୍ତି। ପେଟ୍ରୋଲ ଓ ଡିଜେଲ ମିଳିବାରେ ସମସ୍ୟା ଦେଖା ଦେଇଥିବାରୁ ଏହାର ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି।

ତେଣୁ ରାଜ୍ୟ ସରକାର ଲାଗୁ କରୁଥିବା ଭାଟ୍‌କୁ କମ୍ କରିବା ଦରକାର। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ବିଜେପି ବିରୋଧୀ ଦଳରେ ଥିବା ସମୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉପରୁ ଭାଟ୍ ହ୍ରାସ ପାଇଁ ବାରମ୍ବାର ଦାବି କରୁଥିଲା। ଓଡ଼ିଶା ସରକାରଙ୍କ ଦ୍ୱାରା ୨୮ ପ୍ରତିଶତ ଭାଟ ଲାଗୁ ହେଉଥିବା ବେଳେ ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶରେ ୨୫ ପ୍ରତିଶତ ଲେଖାଏଁ ଏବଂ ରାଜସ୍ଥାନରେ ୧୯ ପ୍ରତିଶତ ଭାଟ୍ ଲାଗୁ ହେଉଛି ବୋଲି ଡ. ମହାନ୍ତି କହିଛନ୍ତି।

## ଡ୍ରେନରୁ ପଙ୍କ ଉଦ୍ଧାର କାର୍ଯ୍ୟର ସମୀକ୍ଷା



କଟକ,୨୭।୩(ସଂଚାର ବ୍ୟୁରୋ)ଃ ଆସନ୍ତା ବର୍ଷା ଋତୁକୁ ଦୃଷ୍ଟିରେ ରଖି କଟକ ସହରରେ ଥିବା ସମସ୍ତ ଡ୍ରେନ୍‌ରୁ ପଙ୍କ ଉଦ୍ଧାର କାର୍ଯ୍ୟକ୍ରମ ଚାଲୁଛି। ଏହି ପରିପେକ୍ଷୀରେ ଆଜି କଟକ ମେୟର ସୁବାସ ସିଂ କଟକ ମହାନଗର ନିଗମ (ସିଏମ୍‌ସି) କମିଶନର କିରଣଦୀପ କୌର ସହୋଟା ୱାର୍ଡ ନମ୍ବର ୨୯ସ୍ଥିତ ବାଦାମବାଡ଼ି ମୋନାଲିସା ହୋଟେଲ ନିକଟସ୍ଥ ବିଏସ୍‌ଡବ୍ଲ୍ୟୁ ଡ୍ରେନ୍ ଓ ୱାର୍ଡ ନମ୍ବର ୧୪ ଅନ୍ତର୍ଗତ କାଜି ବଜାର ମୁଖ୍ୟ ଡ୍ରେନ୍‌ର ପଙ୍କ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ଯାତାୟାତରେ ଯେପରି କୌଣସି ଅସୁବିଧା ନହେବ, ସେଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍‌ରୁ ବାହାରୁଥିବା ପଙ୍କଗୁଡିକୁ ଉଠାଇବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ମେୟର୍ ଓ କମିଶନର୍‌ଙ୍କ ସହ ସିଏମସି ଉପାୟୁକ୍ତ ଜୁବୁଲି ବେହେରା, ସ୍ଥାନୀୟ କର୍ପୋରେଟର ସୁମିତ୍ରା ବସ୍ତିଆ, କର୍ପୋରେଟର ବସନ୍ତ କୁମାର ବେହେରା, ସାନିଟାରୀ ଅଧିକାରୀ ତ୍ରୈଲୋକ୍ୟ ସାହୁ, ସାନିଟାରୀ ସୁପରଭାଇଜର, ସମସ୍ତ ସ୍ୱଚ୍ଛସାଥୀ, ସ୍ଥାନୀୟ ଅଞ୍ଚଳର ବାସିନ୍ଦା ଉପସ୍ଥିତ ଥିଲେ।

## ପାଣ୍ଡବଙ୍କ ସହ କୌରବଙ୍କ ଲଢେଇଃ ମମତା

କୋଲକାତା,୨୭।୩(ସଂଚାର ବ୍ୟୁରୋ)ଃ ପାଣ୍ଡବେଶ୍ୱର ମାଟିରେ ଭାଷଣ ଦେଇ ମମତା ଘୋଷଣା କରିଛନ୍ତି, "ପାଣ୍ଡବଙ୍କ ସହିତ କୌରବମାନଙ୍କ ଲଢେଇ ହେବ। ତୃଣମୂଳ ପାଣ୍ଡବ, ବିଜେପି କୌରବ।" ସେ ଉଲ୍ଲେଖ କରିଥିଲେ, "ପଶ୍ଚିମ ବର୍ଦ୍ଧମାନ ଜିଲ୍ଲା, ଆସାନସୋଲ-ଦୁର୍ଗାପୁର ପୋଲିସ କମିଶନରେଟ୍, ଅଣ୍ଡାଳ ବିମାନବନ୍ଦର ଏବଂ କାଜି ନଜରୁଲ ଇସଲାମ ବିଶ୍ୱବିଦ୍ୟାଳୟ ଏସବୁ ତୃଣମୂଳଙ୍କ କାର୍ଯ୍ୟକାଳରେ ପ୍ରତିଷ୍ଠିତ ହୋଇଥିଲା।" ସେ ଆହୁରି ମଧ୍ୟ କହିଛନ୍ତି, "ଏସ୍‌ଆଇଆର୍ ସମ୍ପର୍କରେ, ବିଜେପି ଦାବି କରିଥିଲା ଯେ ୧ କୋଟି ୨୦ ଲକ୍ଷ ନାମ ବାଦ ଦିଆଯିବ। ବାସ୍ତବରେ, କମିଶନ ଠିକ୍ ସେହିପରି କରୁଛନ୍ତି। ଏହା ପ୍ରମାଣିତ କରେ ଯେ ବିଜେପି ତାଲିକାରୁ କେତେ ନାମ ବାଦ ଦିଆଯିବ ତାହା ପୂର୍ବରୁ ସ୍ଥିର କରିଥିଲା। ବିଜେପି କ୍ଷମତାକୁ ଆସିବା ପୂର୍ବରୁ, ରନ୍ଧନ ଗ୍ୟାସର ମୂଲ୍ୟ ୪୦୦ ଟଙ୍କା ଥିଲା, ବର୍ତ୍ତମାନ, ତାହା ୧୧୦୦ ଟଙ୍କାରେ ପହଞ୍ଚିଛି।

# ନିଶାମୁକ୍ତ ଓଡ଼ିଶା, ସଂକଳ୍ପ ପାଳନ କରୁ ବିଜେପି



ଭୁବନେଶ୍ୱର,୨୭।୩ଃ ଓଡ଼ିଶା ସରକାରଙ୍କ ନୂଆ ଅବକାରୀ ନୀତି ଫଳରେ ରାଜ୍ୟରେ ଅବକାରୀ ରାଜସ୍ୱ ବଢ଼ିବ ଓ ନିଶା ପ୍ରସାରଣ ମଧ୍ୟ ଘଟିବ। ଗତ ସାଧାରଣ ନିର୍ବାଚନ ସମୟରେ ବିଜେପି ପକ୍ଷରୁ ଯେଉଁ ନିଶାମୁକ୍ତ ଓଡ଼ିଶା ସଂକଳ୍ପ ଘୋଷଣା କରାଯିବା ସହିତ ବାରମ୍ବାର ଗୁଜରାଟ ମଡେଲ୍‌ରେ ଓଡ଼ିଶାର ବିକାଶ କରାଯିବ ବୋଲି ସରକାର ଯେଉଁ ଘୋଷଣା କରୁଛନ୍ତି ତାହା ଏହି ଅବକାରୀ ନୀତି ଯୋଗୁ ବାଧାପ୍ରାପ୍ତ ହେବ ବୋଲି ଓଡ଼ିଶା ମଦମୁକ୍ତି ଅଭିଯାନ ପକ୍ଷରୁ ଅଭିଯୋଗ କରାଯାଇଛି।

ରାଜ୍ୟ ସରକାରଙ୍କ ସଦ୍ୟ ଘୋଷିତ ଅବକାରୀ ନୀତି ଓଡ଼ିଶାରେ ନିଶାର ପ୍ରସାର ସହିତ ଅବକାରୀ ରାଜସ୍ୱ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯାନର ଅନ୍ୟତମ ଉପଦେଷ୍ଟା ପ୍ରହ୍ଲାଦ କୁମାର ସିଂହ ଉଲ୍ଲେଖ କରିଛନ୍ତି। ବିଜେପିର ଉଭୟ କେନ୍ଦ୍ରୀୟ ଓ ରାଜ୍ୟ ନେତାମାନେ ବାରମ୍ବାର ଗୁଜରାଟ ମଡେଲ୍ ବିକାଶ କଥା କହୁଥିବାବେଳେ ଗୁଜରାଟ ପରି ନିଶା ନିବାରଣ କାର୍ଯ୍ୟକ୍ରମକୁ କିନ୍ତୁ ଓଡ଼ିଶାରେ ଗ୍ରହଣ କରାଯିବା ପରିବର୍ତ୍ତେ ନିଶା ପ୍ରସାରଣ କାର୍ଯ୍ୟକ୍ରମ ଉପରେ ଅଧିକ ଧ୍ୟାନ ଦିଆଯାଉଛି।

ଉଭୟ ସରକାରୀ ଲାଇସେନ୍ସପ୍ରାପ୍ତ ଓ ଚୋରା ବଜାରରେ ଖୋଲାଖୋଲି ଭାବେ ବିକ୍ରି ହେଉଥିବା ନିଶା ସାମଗ୍ରୀ ମଣିଷ ଶରୀର ସହିତ ପରିବାର, ସମାଜ, ରାଜ୍ୟ ଓ ରାଷ୍ଟ୍ର ପାଇଁ କ୍ଷତିକାରକ। ନୂଆ ଅବକାରୀ ନୀତିରେ ନିଶା କ୍ଷତିକାରକ ବୋଲି ସରକାର ସ୍ୱୀକାର କରୁଥିବାବେଳେ ଏହାକୁ ସାଧାରଣ ଲୋକଙ୍କ ନିକଟରେ ଉପଲବ୍ଧ କରିବା ଲାଗି ଯେଭଳି ବ୍ୟବସ୍ଥା କରୁଛନ୍ତି ତାହା ରାଜ୍ୟରେ ରୋଗ, ଦାରିଦ୍ର୍ୟ, ଅପରାଧ, ଦୁର୍ଘଟଣା, ଅପମୃତ୍ୟୁ, ନାରୀ ନିର୍ଯ୍ୟାତନା, ଶିଶୁ ନିର୍ଯାତନା ଆଦି ବୃଦ୍ଧିର ଅନ୍ୟତମ କାରଣ।

ବିଜେଡି ସରକାର ସମୟରେ ନିଶା ପ୍ରସାରଣ ନୀତି ଆପଣାଯିବା ଫଳରେ ୨୪ବର୍ଷରେ ରାଜ୍ୟର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ଟଙ୍କାରୁ ବଢ଼ି ୭ ହଜାର କୋଟିରୁ ଅଧିକ ହୋଇଥିଲା। ଏହି ଧାରାରେ ବର୍ତ୍ତମାନର ବିଜେପି ସରକାର ଚାଲୁଥିବାରୁ ଅବକାରୀ ରାଜସ୍ୱ ବଢ଼ିବା ସହିତ ନିଶାର ପ୍ରସାର ମଧ୍ୟ ଗାଁରୁ ସହର ପର୍ଯ୍ୟନ୍ତ ଉଦ୍‌ବେଗଜନକ ଭାବେ ବଢ଼ି ଚାଲୁଛି। ବିଶେଷକରି ସୁଭଦ୍ରା ସମେତ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯେତେ ଅର୍ଥ ବ୍ୟୟ କରୁଛନ୍ତି ଏବଂ ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁ ଓ ମହିଳା କଲ୍ୟାଣ, ଶ୍ରମଜୀବୀଙ୍କ ବିକାଶ, ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବା ଆଦି ପାଇଁ ଯେତେ ଯୋଜନା ପ୍ରଣୀତ ହେଉଛି ସେଥିରୁ ଆଶାନୁରୂପ ଫଳ ନମିଳିବା ପଛର ଅନ୍ୟତମ କାରଣ ହେଉଛି ନିଶା ପ୍ରସାରଣ। ପୂର୍ବ ଅବକାରୀ ନୀତି ଓ ବର୍ତ୍ତମାନର ଅବକାରୀ ନୀତି ମଧ୍ୟରେ ତଫାତ ହେଉଛି ପୁରୁଣା ବୋତଲର ମଦକୁ ନୂଆ ଟେଟ୍ରା ପ୍ୟାକ୍‌ରେ ସାଧାରଣ ଲୋକଙ୍କ ନିକଟରେ ସହଜରେ ଉପଲବ୍ଧ କରାଇବା। ମଦ ଓ ଅନ୍ୟାନ୍ୟ ନିଶା ପାଇଁ ମାତାଲ ପୁଅର ପିତୃ-ମାତୃ ହତ୍ୟା, ମଦୁଆ ବାପାର ଝିଅ ପ୍ରତି ବଳାତ୍କାର ଭଳି ଅନେକ ଅଭାବନୀୟ ଘଟଣା ପ୍ରାୟ ପ୍ରତିଦିନ ଗଣମାଧ୍ୟମରେ ପ୍ରକାଶ ପାଉଛି। ଏମିତିକି କେତେକ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ନକଲି ଓ ଚୋରା ମଦ ବିକ୍ରି ହେଉଥିବା ଖୋଦ୍ ସରକାର ଧରୁଛନ୍ତି। କେବଳ ସେତିକି ନୁହେଁ, ଦୁର୍ବଳ ବ୍ୟବସ୍ଥା ଯୋଗୁ ଅବକାରୀ ମାମଲାରେ ଦଣ୍ଡବିଧାନ ହାର ଅତି ନଗଣ୍ୟ ରହୁଛି। ଯଦି ବିଜେପି ଶାସିତ ଗୁଜରାଟ ଓ ବିହାର ଭଳି ରାଜ୍ୟରେ ନିଶା ନିବାରଣ ହୋଇପାରୁଛି ତେବେ ବର୍ତ୍ତମାନର ଓଡ଼ିଶା ସରକାର ଗତ ନିର୍ବାଚନ ସମୟରେ ତାଙ୍କ ସଂକଳ୍ପ ପତ୍ରର ୩୮ ପୃଷ୍ଠାରେ ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବା ଓ ସମ୍ବିଧାନର ୪୭ ଧାରାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ଲାଗି ଯେଉଁ ଘୋଷଣା କରିଛନ୍ତି ତାହା ଅବକାରୀ ନୀତିରେ ପ୍ରତିଫଳିତ ହେଉନଥିବାରୁ ୨୦୨୯ ସୁଦ୍ଧା ଓଡ଼ିଶା କିପରି ନିଶାମୁକ୍ତ ହେବ ବୋଲି ପ୍ରଶ୍ନ ଉଠୁଛି। (ତଥ୍ୟ)

## ବାଲୁଗାଁ ହତ୍ୟାକାଣ୍ଡର ପର୍ଦ୍ଦାଫାଶ୍

### ସିନ୍ ରିକ୍ରେଏସନ କଲା ପୁଲିସ



ଟାଙ୍ଗୀ, ୨୭।୩ (ସଂଚାର ବ୍ୟୁରୋ) ଃ ବାଲୁଗାଁ ପଣ୍ଡା ଢାବାରେ ମର୍ଡର ଘଟଣାର ପର୍ଦ୍ଦାଫାଶ । ଦୁଇ ହତ୍ୟାକାରୀଙ୍କୁ ଗିରଫ କରିଛି ବାଲୁଗାଁ ପୁଲିସ । ଜଣେ ହତ୍ୟା କରିଥିଲା ଓ ଆଉ ଜଣେ ହତ୍ୟାକାରୀକୁ ସହଯୋଗ କରିଥିଲା । ଏହି ହତ୍ୟା ଘଟଣାରେ ସିନ୍-ରିକ୍ରିଏସନ୍ କରିଛି ବାଲୁଗାଁ ପୁଲିସ ।

ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଅଞ୍ଚଳରେ ଥିବା ପଣ୍ଡା ଢାବାରେ ହେଲା ମର୍ଡର। ଢାବାରେ କାର୍ଯ୍ୟ କରୁଥିବା ସପ୍ଲାଏରକୁ କେହି ବେକ କାଟି ହତ୍ୟା କରିଛି । ହତ୍ୟା ହେବା ପରେ ମୃତଦେହକୁ ଅନ୍ୟତ୍ର ଫିଙ୍ଗି ଦିଆଯାଇଛି । କିଏ ହତ୍ୟା କଲା ? କ'ଣ ପାଇଁ ହତ୍ୟା କଲା ? ହତ୍ୟାକାଣ୍ଡ ପଛରେ କ'ଣ ରହିଛି ରହସ୍ୟ ? ଏହି ଘଟଣାରେ କେତେ ଜଣ ସଂପୃକ୍ତ ଅଛନ୍ତି ? ଏସବୁ ପ୍ରଶ୍ନର ଖିଅକୁ ନେଇ ତଦନ୍ତ ଆରମ୍ଭ କରିଥିଲା ପୁଲିସ । ଏହି ହତ୍ୟାକାଣ୍ଡରେ ସଂପୃକ୍ତ ୨ ହତ୍ୟାକାରୀଙ୍କୁ ମଧ୍ୟ ଗିରଫ କରିବାରେ ସଫଳତା ପାଇଛି ବାଲୁଗାଁ ପୁଲିସ । ଜଣେ ହତ୍ୟା କଲା ଓ ଆଉ ଜଣେ ହତ୍ୟାକାରୀକୁ ସହଯୋଗ କରିଥିଲା ।

**ବନ୍ଧାହେଲା ହତ୍ୟାକାରୀ ଓ ସହଯୋଗୀ**

ଦୁଇ ହତ୍ୟାକାରୀଙ୍କୁ ଗିରଫ କରିବା ପରେ ହତ୍ୟାକାଣ୍ଡ ଘଟଣାର ସିନ୍-ରିକ୍ରିଏସନ୍ କରିଛି ବାଲୁଗାଁ ପୁଲିସ । ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ ଓ ରକ୍ତ ଭିଜା ଗାମୁଛା ବାଲୁଗାଁ ପୁଲିସ ଜବତ କରିଛି । ଜଣେ ହତ୍ୟା କଲା ଓ ଆଉ ଜଣେ ଏହି ହତ୍ୟାକାଣ୍ଡରେ ସହଯୋଗ କରିଥିଲା । ଏହି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବାଲୁଗାଁ ପୁଲିସ । ମୋବାଇଲ ଦେଖିବା ଘଟଣାକୁ କେନ୍ଦ୍ରକରି ହୋଇଥିଲା ହତ୍ୟାକାଣ୍ଡ ।

ବାଲୁଗାଁ ପଣ୍ଡା ଢାବାରେ ସପ୍ଲାଏର ଭାବେ କାମ କରୁଥିଲା ବାଣପୁର ଥାନା ଏକଡାଳିଆ ଗାଁର କଥା କହିପାରୁ ନଥିବା ଦିବ୍ୟାଙ୍ଗ ପପୁ ଦଳ ବେହେରା। ମଙ୍ଗରାଜପୁର ଗାଁର ଶାନ୍ତନୁ ପ୍ରଧାନ ଏକ ଛୁରୀରେ ପପୁର ବେକକୁ କାଟି ହତ୍ୟା କରିଥିଲା । ପରେ ମୃତଦେହକୁ ଗୋଟିଏ ସ୍ଥାନରୁ ନେଇ ଅନ୍ୟତ୍ର ଫିଙ୍ଗିଦେଇଥିଲା। ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ ଓ ରକ୍ତଭିଜା ଗାମୁଛାକୁ ଲୁଚାଇ ରଖିବାରେ ସହଯୋଗ କରିଥିଲା ଢାବା ମାଲିକ ତଥା ସ୍ଥାନୀୟ ବିଧାରପୁର ଗାଁର ମନୋରଞ୍ଜନ ବେହେରା । ଦୁଇ ଜଣଙ୍କୁ ଗିରଫ କରିଛି ବାଲୁଗାଁ ପୁଲିସ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟିମ ଇଣ୍ଡିଆ...

ଇଣ୍ଡିଆ' ହୋଇ କାମ କରିଥିଲେ। ଏବେ ମଧ୍ୟ ଯୋଗାଣ ବ୍ୟବସ୍ଥା, ଦୈନନ୍ଦିନ ଜୀବନ ଶୈଳୀ ଓ ବ୍ୟବସାୟ କ୍ଷେତ୍ରରେ ସମ୍ଭାବ୍ୟ ପ୍ରଭାବକୁ ହ୍ରାସ କରିବା ପାଇଁ ସବୁ ରାଜ୍ୟ ଓ କେନ୍ଦ୍ର ସରକାର 'ଟିମ ଇଣ୍ଡିଆ' ଆଭିମୁଖ୍ୟ ନେଇ କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କାରଣ ବର୍ତ୍ତମାନର ସ୍ଥିତିକୁ ମୁକାବିଲା କରିବା ପାଇଁ ସମନ୍ୱୟ ହିଁ ଦେଶର ସବୁଠାରୁ ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ସମ୍ବେଦନଶୀଳ। ଏଥିପାଇଁ ନିୟମିତ ମନିଟରିଂ ସହ ଯୋଜନାବଦ୍ଧ ଭାବେ ଏହାର ମୁକାବିଲା କରାଯିବାର ଆବଶ୍ୟକତା ରହିଛି। ପ୍ରତିଦିନ ବିଶ୍ୱ ସ୍ତରରେ ଓ ଦେଶରେ ହେଉଥିବା ଘଟଣାକ୍ରମ ଉପରେ ନଜର ରଖିବା ପାଇଁ ଏକ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଅର୍ଥନୀତିକୁ ବଜାୟ ରଖିବା ସହ ସାଧାରଣ ଲୋକଙ୍କ ସ୍ୱାର୍ଥର ସୁରକ୍ଷା, ଶକ୍ତି ସୁରକ୍ଷା, ବ୍ୟବସାୟରେ ସ୍ଥିରତା ଏବଂ ସର୍ବୋପରି ଯୋଗାଣ ବ୍ୟବସ୍ଥାକୁ ନିରବଚ୍ଛିନ୍ନ ଭାବେ ବଜାୟ ରଖିବା ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ରାଜ୍ୟମାନେ କେନ୍ଦ୍ର ସହ ସମନ୍ୱୟ ରକ୍ଷା କରି ନିଷ୍ପତ୍ତି ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି।

ଯୋଗାଣ ବ୍ୟବସ୍ଥାକୁ ଜାରି ରଖିବା ପାଇଁ ବେଆଇନ ହୋର୍ଡିଂ ଓ ଲାଭଖୋର ବ୍ୟବସାୟୀଙ୍କ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ମୋଦି ପରାମର୍ଶ ଦେଇଛନ୍ତି। ଏଥିପାଇଁ ରାଜ୍ୟ ଓ ଜିଲ୍ଲା ସ୍ତରରେ କଣ୍ଟ୍ରୋଲ ରୁମ ଗଠନ କରିବାକୁ ସେ ରାଜ୍ୟମାନଙ୍କୁ କହିଛନ୍ତି। ଆଗାମୀ ଖରିଫ ଋତୁ ପାଇଁ ସାର ଯୋଗାଣକୁ ସୁନିଶ୍ଚିତ କରିବାକୁ ଆଗୁଆ ଯୋଜନା ପ୍ରସ୍ତୁତ କରିବା ସକାଶେ ସେ ପ୍ରସ୍ତାବ ଦେଇଛନ୍ତି। ଏଥିସହ ମିଛ ପ୍ରଚାର ଓ ଗୁଜବଠାରୁ ଲୋକଙ୍କୁ ସତର୍କ ରହିବା ପାଇଁ ରାଜ୍ୟମାନେ ନିୟମିତ ଭାବେ ସରକାରୀ ସ୍ତରରେ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ଏହି ସମୟରେ ସମ୍ଭାବ୍ୟ ଅନଲାଇନ ଠକେଇ, ମିଛ ଏଜେଣ୍ଟଙ୍କ ଉପରେ ସତର୍କ ନଜର ରଖିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ସୀମାବର୍ତ୍ତୀ ଓ ଉପକୂଳ ରାଜ୍ୟମାନେ ଜାହାଜ ଚଳାଚଳ, ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଓ ସାମୁଦ୍ରିକ ଅପରେସନ ଉପରେ ସତର୍କତା ଅବଲମ୍ବନ କରିବାକୁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏଭଳି ଜରୁରୀ ପରିସ୍ଥିତିରେ ଲୋକଙ୍କୁ ବିଶ୍ୱାସକୁ ନେବାକୁ ରାଜ୍ୟମାନଙ୍କୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ବାଧାପ୍ରାପ୍ତ ନ ହେଲେ ଲୋକଙ୍କ ଭିତରେ ଭୟ ଓ ଆଶଙ୍କା ସୃଷ୍ଟି ହେବ ନାହିଁ। ଏଥିସହ ପଶ୍ଚିମ ଏସିଆରେ ବସବାସ କରୁଥିବା ଭାରତୀୟଙ୍କ ସହାୟତା ପାଇଁ ରାଜ୍ୟମାନେ ହେଲ୍ପ ଲାଇନ ନମ୍ବର ଜାରି କରିବା ସହ ଜଣେ ଜଣେ ନୋଡାଲ ଅଫିସରଙ୍କୁ ନିୟୋଜିତ କରିବା ଆବଶ୍ୟକ। ଗଲ୍ଫ ଦେଶରେ ରହୁଥିବା ଲୋକଙ୍କ ପରିବାର ସହ ସରକାର ନିୟମିତ ଯୋଗାଯୋଗରେ ରହି ଆବଶ୍ୟକ ସୂଚନା ପ୍ରଦାନ କରିବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭବିଷ୍ୟତ ସୁରକ୍ଷା ପାଇଁ ରାଜ୍ୟମାନେ ଏବେଠାରୁ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ। ବାୟୋ-ଫୁଏଲ, ସୌର ଶକ୍ତି, ଗୋବର୍ଦ୍ଧନ ଯୋଜନା, ପାଇପ ଗ୍ୟାସ ଯୋଗାଣ ଭଳି ବିକଳ୍ପ ଶକ୍ତି ଯୋଗାଣକୁ ତ୍ୱରାନ୍ୱିତ କରିବା ସକାଶେ ମୋଦି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସ୍ଥିତିର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀମାନେ ପ୍ରଶଂସା କରିଛନ୍ତି।

### ୧୦ ଟଙ୍କା...

ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ହ୍ରାସ କରିଛନ୍ତି।

ଡିଜେଲ ଓ ପେଟ୍ରୋଲର ଦର ବୃଦ୍ଧି ପାଇବା ଆଶଙ୍କାରେ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଯୁଦ୍ଧ ପାଇଁ ଅଶୋଧିତ ତୈଳ ଆମଦାନୀ ପରିମାଣରେ ୫୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ହେଲେ ଭାରତ ସରକାର ଆଗାମୀ ୬୦ ଦିନ ପାଇଁ ଅନ୍ୟ ଉତ୍ସରୁ ତୈଳ ଆମଦାନୀ କରିବା ସୁନିଶ୍ଚିତ କରିଛନ୍ତି। ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଲାଗିଥିବା ଯୁଦ୍ଧ କାରଣରୁ ସାରା ବିଶ୍ୱରେ ତୈଳ ଦର ବୃଦ୍ଧି ପାଇବାରେ ଲାଗିଛି। ହେଲେ ଏଥିରୁ ଦେଶର ଲୋକଙ୍କ ଆଶ୍ୱସ୍ତ କରିବାକୁ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏହା ଫଳରେ ଦେଶର ଅର୍ଥ ବ୍ୟବସ୍ଥା ଓ ସାଧାରଣ ଲୋକଙ୍କ ଉପରେ ଏହାର ପ୍ରଭାବ ପଡ଼ିବନାହିଁ ବୋଲି କୁହାଯାଇଛି। ଏଥିସହ ତୈଳ କମ୍ପାନିମାନଙ୍କ ଉପରେ ମଧ୍ୟ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ତେବେ ସରକାର କେବଳ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ପେଟ୍ରୋଲ ଓ ଡିଜେଲ ମୂଲ୍ୟ ହ୍ରାସ ସମ୍ପୃକ୍ତ ତୈଳ କମ୍ପାନୀର ନିଷ୍ପତ୍ତି ଉପରେ ନିର୍ଭର କରିବ। କିନ୍ତୁ ଏବେ ଖାଉଟିଙ୍କ ପାଇଁ ଉଭୟ ପେଟ୍ରୋଲ୍ ଓ ଡିଜେଲ୍ ଦର ଅପରିବର୍ତ୍ତିତ ରହିଛି।

କେନ୍ଦ୍ର ସରକାରଙ୍କ ଏପରି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ କେନ୍ଦ୍ର ସରକାର ଏକ ଠୋସ୍ ପଦକ୍ଷେପ ନେଇଛନ୍ତି। ଏପରି ପଦକ୍ଷେପ ସାମ୍ପ୍ରତିକ ଦୁଃସ୍ଥିତିରେ ଜନସାଧାରଣଙ୍କୁ ଆଶ୍ୱସ୍ତି ଦେବ। ଏଥିସହ ଏହି ପଦକ୍ଷେପ ଘରୋଇ କ୍ଷେତ୍ରରେ ତୈଳ ଓ ଅନ୍ୟାନ୍ୟ ଜରୁରୀକାଳୀନ ସାମଗ୍ରୀ ଯୋଗାଣକୁ ସୁନିଶ୍ଚିତ କରିବ। ତା'ଛଡ଼ା ଏହା କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ମଧ୍ୟ ସୁନିଶ୍ଚିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏପରି ପଦକ୍ଷେପ ସକାଶେ ପ୍ରଧାନମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିସହ ସେ ଜନସାଧାରଣଙ୍କୁ କୌଣସି ପରିସ୍ଥିତିରେ ବ୍ୟସ୍ତ ବିବ୍ରତ ନ ହେବାରୁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସେହିପରି ଶ୍ରୀ ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ପଶ୍ଚିମ ଏସିଆରେ ବଢୁଥିବା ଭୂ-ରାଜନୈତିକ ତିକ୍ତତା ଓ ବିଶ୍ୱ ଉର୍ଜା ବଜାରରେ ଦେଖାଦେଇଥିବା ଅସ୍ଥିରତା ମଧ୍ୟରେ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ପଦକ୍ଷେପର ନିଦର୍ଶନ। ପେଟ୍ରୋଲ ଓ ଡିଜେଲ ଉପରୁ କେନ୍ଦ୍ରୀୟ ଅବକାରୀ ଶୁଳ୍କ ହ୍ରାସ ଏବଂ ବାଣିଜ୍ୟିକ କ୍ଷେତ୍ର ପାଇଁ ଏଲପିଜି ଆବଣ୍ଟନ ବୃଦ୍ଧି ନିଷ୍ପତ୍ତିକୁ ସେ ଏକ 'ସମୟୋଚିତ ଓ ସାହସିକ' ପଦକ୍ଷେପ ଭାବେ ଅଭିହିତ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଲିଟର ପିଛା ୧୦ ଟଙ୍କା ହ୍ରାସ କରିବା ଦ୍ୱାରା ଦେଶର ମଧ୍ୟବିତ୍ତ ପରିବାର, ସାଧାରଣ ଉପଭୋକ୍ତା ଏବଂ ବ୍ୟବସାୟୀମାନେ ବିଶେଷ ଭାବେ ଉପକୃତ ହେବେ। ଏହି ନିର୍ଣ୍ଣାୟକ ପଦକ୍ଷେପ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାରେ ଓ ଦେଶର ଆର୍ଥିକ ସ୍ଥିରତା ବଜାୟ ରଖିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ଦେଇଛନ୍ତି।

### ଗଠନ...

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଦୀର୍ଘ ସମୟ ଧରି ଜାରି ରହେ, ତା'ହେଲେ ତୈଳ ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ। ଏହା ମୁଦ୍ରାସ୍ଫୀତି ଉପରେ ଚାପ ବୃଦ୍ଧି କରିବା ନିଶ୍ଚିତ। ଏପରି ପରିସ୍ଥିତିରେ ଏହି କମିଟି ନିୟମିତ ବ୍ୟବଧାନରେ ରଣନୈତିକ ନିଷ୍ପତ୍ତି ନେବାରେ ସରକାରଙ୍କ ସହାୟତା କରିବ।

### ସୀମା...

ସେହିପରି ଆଜି ତାଙ୍କ ଜାରକାସ୍ଥିତ ବାସଭବନ ଉପରେ ଆକ୍ରମଣ ହୋଇଛି। ଆଉ ସିସିଟିଭିରେ ଏସବୁ କଏଦ ହୋଇଛି। ଅଭିଯୋଗ ହେଉଛି ଯେ ସନ୍ଧ୍ୟା ପ୍ରାୟ ୬ଟା ୧୫ ମିନିଟ୍ ସମୟରେ ୩/୪ ଜଣ ଅସମାଜିକ ଯୁବକ ଏକ ବୋଲେରୋ ଗାଡ଼ିରେ ତାଙ୍କ ଘରେ ପହଞ୍ଚିଥିଲେ। ସେମାନେ ଘର ଭିତରକୁ ପଶି ପ୍ରଣବଙ୍କ ଷ୍ଟାଫଙ୍କୁ ମାଡ଼ ମାରିବା ସହ ଧମକଚମକ ଦେଇଥିଲେ। ସେତେବେଳେ ପୂର୍ବତନ ବିଧାୟକ ଘରେ ନ ଥିଲେ। ସେ ନିର୍ବାଚନମଣ୍ଡଳୀ ଯିବା ପରେ ଏହି କାଣ୍ଡ ଘଟିଥିଲା। ଉକ୍ତ ଯୁବକମାନେ କିଏ ଓ କାହା ପ୍ରରୋଚନାରେ ଜଣେ ଜନପ୍ରତିନିଧିଙ୍କ ଘର ଭିତରେ ପଶି ଆକ୍ରମଣ କରିବାକୁ ସାହସ କରିପାରୁଛନ୍ତି, ତାହା ସ୍ପଷ୍ଟ ହୋଇପାରିନାହିଁ।

ତେବେ ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ଯଦି ଜଣେ ପୂର୍ବତନ ବିଧାୟକ ନିଜ ଘରେ ସୁରକ୍ଷିତ ନୁହଁନ୍ତି, ତା'ହେଲେ ସାଧାରଣ ଲୋକେ ନିଜକ କିପରି ସୁରକ୍ଷିତ ମଣିବେ ବୋଲି ପ୍ରଶ୍ନ ଉଠୁଛି। ଏଭଳି ଘଟଣା ଧର୍ମଶାଳାରେ ପୂର୍ବରୁ ହେଉ ନ ଥିଲା। ଦିନକୁ ଦିନ ଏଭଳି ଅସାମାଜିକ ତତ୍ତ୍ୱଙ୍କ ସଂଖ୍ୟା ବଢୁଛି। ଚର୍ଚ୍ଚା ହେଉଛି, ଧର୍ମଶାଳାରେ ପ୍ରାୟ ହଜାରେ ଅସାମାଜିକ ଯୁବକ ଏଇଭଳି ମାସିକିଆ ଦରମାରେ ପୋଷା ହୋଇଛନ୍ତି କେବଳ ସାଧାରଣରେ ଭୟର ମାହୋଲ ସୃଷ୍ଟି କରିବାକୁ। ତେବେ ସେମାନଙ୍କୁ କିଏ ପ୍ରୋତ୍ସାହନ ଦେଉଛି, କିଏ ସେମାନଙ୍କୁ ମାସିକିଆ ଦରମା ଦେଉଛି, କିଏ ସେମାନଙ୍କୁ ପୁଲିସରୁ ସୁରକ୍ଷା ଦେଉଛି ତାହା ସ୍ପଷ୍ଟ ନୁହେଁ।

# ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଯୁବକ

## ନାବାଳକ ଗାଡ଼ି ଚାଳକ ଫେରାର



ବାଲିଆପାଳ,୨୭।୩ (ସଂଚାର ବ୍ୟୁରୋ):ବାଲିଆପାଳ ଥାନା ଅନ୍ତର୍ଗତ ସିମୁଳିଆ ବଜାର ଠାରେ ଗତ ମାର୍ଚ୍ଚ ୧୨ ତାରିଖ ଦିନ ଏକ ସଡ଼କ ଦୁର୍ଘଟଣାରେ ସୁମିତ ଲାହା ୪୧ ଯୁବକ ଜଣଙ୍କ ହୋଟେଲରୁ ଖାଇ ସାରି ବାଲିଆପାଳରେ ରହୁଥିବା ଲଜକୁ ଫେରିବା ବେଳେ ମଧୁପୁରା ଗ୍ରାମର ଲିକୁ ଗିରିଙ୍କ ନାବାଳକ ପୁଅ ଓମ ଗିରି (୧୪) ସୁମିତଙ୍କୁ ଦ୍ରୁତ ଗତିରେ ବାଇକରେ ଆସି ସାମ୍ନା ପଟୁ ଧକ୍କା ଦେଇ ସେଠାରୁ ଚମ୍ପଟ ମାରିଥିଲେ। ଏଥିରେ ସୁମିତଙ୍କର ଗୋଡ, ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଇଡକୋ ପରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଜୀବନ ସହ ସଂଗ୍ରାମ କରୁଛନ୍ତି। ଏନେଇ ସୁମିତଙ୍କ ବଡ଼ ଭାଇ ସୁମନ ଲାହା ୧୨ ତାରିଖରେ ବାଲିଆପାଳ ଥାନାରେ ଅଭିଯୋଗ କରିବା ସହିତ ଦୁର୍ଘଟଣାର ସିସିଟିଭି ଫୁଟେଜ ପୁଲିସକୁ ଦେଇଥିଲେ। ଘଟଣାକୁ ୧୫ ଦିନ ବିତିଯାଇଛି ଥାନା କେସ ନମ୍ବର ୧୪୫/୨୦୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ନାବାଳକ ଶିଘ୍ର ଗିରଫ କରାଯିବ ବୋଲି ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ କହିଛନ୍ତି।

# ଗଞ୍ଜେଇ ଚାଷ ଅଭିଯୋଗରେ ୧୦ ଗିରଫ



ନବରଙ୍ଗପୁର/ଉମରକୋଟ,୨୭।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୁଲିସକୁ ମିଳିଛି ବଡ଼ ସଫଳତା। ନିଶାମୁକ୍ତ ଭାରତ ଅଭିଯାନ କ୍ରମରେ ନବରଙ୍ଗପୁର ଆରକ୍ଷ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ରାଇଘର ଓ କୁନ୍ଦେଇ ଥାନା ଅଞ୍ଚଳରେ ବେନିୟମ ଭାବେ ଗଞ୍ଜେଇ ଚାଷ କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ । ଏହି ସମୟରେ ରାଇଘର ଓ କୁନ୍ଦେଇ ଅଞ୍ଚଳରେ ପ୍ରାୟ ୬ ଏକର ଜମିରେ ବେନିୟମ ଭାବେ ଗଞ୍ଜେଇ ଚାଷକୁ ନଷ୍ଟ କରିବା ସହ ବେନିୟମଭାବେ ଚାଷ କରୁଥିବା ୧୦ଜଣଙ୍କୁ ଗିରଫ କରିଛି ପୋଲିସ। ପ୍ରାୟ ୨୩୮୭ଟି ଗଞ୍ଜେଇ ଗଛ ନଷ୍ଟ କରିବା ସହ ବେନିୟମ ଭାବେ ଗଞ୍ଜେଇ ଚାଷ କରିଥିବା ୧୦ ଜଣଙ୍କୁ ଗିରଫ କରିଛି । ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ୮୭ ହଜାର ହୋଇଥିବା ସୂଚନା ଦେଇଛନ୍ତି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ।

# ଚନ୍ଦ୍ରଭାଗାରେ ଗାଧୋଇବା ବେଳେ ବୁଡ଼ିଗଲେ ଶ୍ରମିକ



କାକଟପୁର/ଅସ୍ତରଙ୍ଗ,୨୭।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କୋଣାର୍କ ଚନ୍ଦ୍ରଭାଗା ସମୁଦ୍ରରେ ଗାଧୋଇବା ବେଳେ ବୁଡି ଯାଇ ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ଉତ୍ତର ପ୍ରଦେଶ ଫରିଦାବାଦର ମନୁ କୁମାର (୨୨) ବୋଲି ଜଣାପଡିଛି। ସେ ଦୀର୍ଘ ଦିନ ହେବ ଚନ୍ଦ୍ରଭାଗା ଇକୋ ରିଟ୍ରିଟ୍‌ରେ ଶ୍ରମିକ ଭାବେ କାମ କରୁଥିଲେ । ଆଜି ସମୁଦ୍ରରେ ସ୍ନାନ କରିବା ସମୟରେ ସେ ଗଭୀର ସମୁଦ୍ର ଭିତରକୁ ଚାଲିଯାଇଥିଲେ । ମନୁ ବୁଡିଯାଉଥିବା ଦେଖି କିଛି ସ୍ଥାନୀୟ ଲୋକେ ତାଙ୍କୁ ଗୋପ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ହୋମଗାର୍ଡ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

## ଦୁଇଟି ମେରିଟ ତାଲିକାକୁ ନେଇ ବିବାଦ; ମନୋନୀତ ପ୍ରାର୍ଥୀଙ୍କ ନାମ ଗାଏବ



ଛତ୍ରପୁର,୨୭।୩ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାରେ ହୋମ୍ ଗାର୍ଡ ନିଯୁକ୍ତି ପ୍ରକ୍ରିୟାକୁ ନେଇ ପୁଣି ଗୁରୁତର ଅନିୟମିତତାର ଅଭିଯୋଗ ଉଠିଛି। ଗତକାଲି ପ୍ରକାଶିତ ମେରିଟ ଲିଷ୍ଟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି, କାରଣ ଦୁଇଟି ପୃଥକ୍ ମେରିଟ ଲିଷ୍ଟ ପ୍ରକାଶ ପାଇଥିବା ଜଣାପଡ଼ିଛି। ଦୁଇଟି ତାଲିକାରେ ସମାନ ଲେଟର ନମ୍ବର ଓ ତାରିଖ ସହ କମାଣ୍ଡାଣ୍ଟ ହୋମଗାର୍ଡଙ୍କ ସ୍ୱାକ୍ଷର ଥିବାରୁ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ଗମ୍ଭୀର ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁସାରେ, ପ୍ରଥମେ ପ୍ରକାଶିତ ମେରିଟ ଲିଷ୍ଟରେ ଚୟନିତ ହୋଇଥିବା ଜଣେ ପ୍ରାର୍ଥୀଙ୍କ ନାମ ପରବର୍ତ୍ତୀ ତାଲିକାରୁ ବାଦ୍ କରାଯାଇ ତାଙ୍କ ସ୍ଥାନରେ ଅନ୍ୟ ପ୍ରାର୍ଥୀଙ୍କ ନାମ ଯୋଡ଼ା ଯାଇଥିବା ଅଭିଯୋଗ ଆସିଛି। ଅଭିଯୋଗକାରୀ ରମେଶ ବେହେରା (ରୋଲ ନମ୍ବର- ୪୩୭୯), ପୁରୁଣାବନ୍ଧ ଗ୍ରାମର ବାସିନ୍ଦା, କହିଛନ୍ତି ଯେ ପ୍ରଥମେ ପ୍ରକାଶିତ ମେରିଟ ଲିଷ୍ଟରେ ସେ କମ୍ପ୍ୟୁଟର ଶ୍ରେଣୀ ପାଇଁ ଚୟନିତ ହୋଇଥିଲେ। ଏହି ଖୁସିରେ ସେ ନିଜ ଗ୍ରାମ ଓ ଗଞ୍ଜାମ ଥାନାରେ ମିଠା ବାଣ୍ଟିଥିଲେ ଏବଂ ପରିବାର ସଦସ୍ୟମାନେ ମଧ୍ୟ ଖୁସି ପ୍ରକାଶ କରିଥିଲେ। କିନ୍ତୁ ପରେ ପ୍ରକାଶିତ ଅନ୍ୟ ଏକ ତାଲିକାରେ ତାଙ୍କ ନାମ ନଥିବା ଓ ସ୍ଥାନରେ ଅନ୍ୟ ପ୍ରାର୍ଥୀଙ୍କ ନାମ ଥିବା ଦେଖି ସେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ମେରିଟ ତାଲିକା ଆଧାରରେ ଯୋଗଦାନ ପାଇଁ ସେ ଆଜି ଯାଇଥିବାବେଳେ ନିଜ ନାମ ବାଦ୍ ହୋଇଥିବା ଜାଣି ଆଶ୍ଚର୍ଯ୍ୟଚକିତ ହୋଇଥିବା କହିଛନ୍ତି।

ଏହା ସମ୍ପର୍କରେ ସେ ଗଞ୍ଜାମ ଥାନା ଓ ସମ୍ବନ୍ଧିତ କାର୍ଯ୍ୟାଳୟରେ ଯୋଗାଯୋଗ କରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇନଥିବା ଅଭିଯୋଗ କରିଛନ୍ତି। ଘଟଣାକୁ ଗୁରୁତର ଅନିୟମିତତା ବୋଲି ଦାବି କରି ସେ ନିଷ୍ପକ୍ଷ ତଦନ୍ତ ସହ ନିଜ ନାମ ପୁନଃସ୍ଥାପନ ପାଇଁ ଜିଲ୍ଲା ଆରକ୍ଷୀ ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ ଦେଇଥିବା ସହ ଜିଲ୍ଲାପାଳ ଓ ଉଚ୍ଚ ପୁଲିସ କର୍ତ୍ତୃପକ୍ଷଙ୍କୁ ପ୍ରତିଲିପି ପଠାଇଥିବା ଜଣାପଡ଼ିଛି।

ଏହି ଘଟଣା ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଓ ପାରଦର୍ଶିତା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥିବାବେଳେ ସ୍ଥାନୀୟ ମହଲରେ ଚର୍ଚ୍ଚା ବଢ଼ିଛି। ସୂଚନାନୁସାରେ, ଗତ ସେପ୍ଟେମ୍ବର ୭ ତାରିଖରେ ହୋମଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପୂର୍ବରୁ ମଧ୍ୟ ପରୀକ୍ଷା ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହୋଇଥିବାର ଅଭିଯୋଗ ହୋଇଥିଲା।

# ସୋଆ ଓ ସିସିଆର୍‌ଏସ୍-ସିଏଆରଆଇ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ



ଭୁବନେଶ୍ୱର,୨୭।୩ (ସଂଚାର ବ୍ୟୁରୋ): ଆର୍ଯ୍ୟୁବେଦ ବିଜ୍ଞାନ କ୍ଷେତ୍ରରେ ଗବେଷଣା ସହଭାଗିତା ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ ଭୁବନେଶ୍ୱର ସ୍ଥିତ ସେଂଟ୍ରାଲ୍ କାଉନ୍‌ସିଲ୍ ଫର ରିସର୍ଚ୍ଚ ଇନ୍ ଆର୍ଯ୍ୟୁବେଦିକ ସାଇନ୍‌ସେସ୍ (ସିସିଆର୍‌ଏଏସ୍) ଅଧିନସ୍ଥ ସେଂଟ୍ରାଲ ଆର୍ଯ୍ୟୁବେଦ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ଅର୍ଥାତ୍ କେନ୍ଦ୍ରୀୟ ଆର୍ଯ୍ୟୁବେଦ ଗବେଷଣା ଅନୁଷ୍ଠାନ ମଧ୍ୟରେ ବୁଧବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି।

ସିସିଆର୍‌ଏଏସ୍ ହେଉଛି ଆୟୁଷ ମନ୍ତ୍ରଣାଳୟ ଅଧିନସ୍ଥ ଏକ ସ୍ୱୟଂଚାଳିତ ଅନୁଷ୍ଠାନ ଯାହାକି ଭାରତରେ ଆର୍ଯ୍ୟୁବେଦ ବିଜ୍ଞାନର ଗବେଷଣା, ପରିଚାଳନା, ଗଠନ ଓ ପ୍ରୋତ୍ସାହନର କାର୍ଯ୍ୟ କରିଥାଏ।

ଏହି ବୁଝାମଣା ଅନୁଯାୟୀ ଆର୍ଯ୍ୟୁବେଦ ତୈଳ ପ୍ରସ୍ତୁତି ନେଇ ସୋଆ ଏବଂ ସିଆରଆଇ ଦୁଇ ବର୍ଷ ଧରି ଏକତ୍ରିତ ଭାବେ ଗବେଷଣା ପ୍ରକଳ୍ପରେ କାର୍ଯ୍ୟ କରିବେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚିରଚରିତ ତୈଳକୁ ଅତ୍ୟାଧୁନିକ ତୈଳରେ ପରିବର୍ତ୍ତନ କରି ରୋଗୀଙ୍କ ସେବାରେ ନିୟୋଜିତ କରିବା।

ଏହି ପ୍ରକଳ୍ପଟିକୁ ସିସିଆରଏଏସ-ସିଏଆରଆଇ ଅନୁଦାନ ପ୍ରଦାନ କରିଥିବା ବେଳେ ଗବେଷଣା କାର୍ଯ୍ୟଗୁଡ଼ିକ ସୋଆର ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ପ୍ରଫେସର ଅନିନ୍ଦ୍ୟ ବୋଷ, ସିସିଆରଏଏସ୍-ସିଏଆରଆଇର ରିସର୍ଚ୍ଚ ଅଫିସର (ଆର୍ଯ୍ୟୁବେଦ) ଡକ୍ଟର ପୁର୍ଣ୍ଣେନ୍ଦୁ ପଟ୍ଟନାୟକ, ପ୍ରିନ୍ସିପାଲ୍ ଆଡଭାଇଜର ଏବଂ ଏସ୍‌ପିଏସ୍ ଡକ୍ଟର ଶକ୍ତିକେତନ ପୃଷ୍ଟି କୋପ୍ରିନ୍ସିପାଲ୍ ଇନ୍‌ଭେଷ୍ଟିଗେସନ୍ ଭାବେ ନେତୃତ୍ୱ ନେବେ।

ବୁଝାମଣା ସମୟରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ ଏବଂ ସିସିଆରଏଏସ୍-ସିଏଆରଆଇର ନିର୍ଦ୍ଦେଶକ ଡକ୍ଟର ଏମ.ଏମ୍ ରାଓଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା। ଡକ୍ଟର ରାଓଙ୍କୁ ସିସିଆରଏଏସ୍ ପକ୍ଷରୁ ପ୍ରୋଜେକ୍ଟ କୋଅର୍ଡିନେଟର ଭାବେ କାର୍ଯ୍ୟଭାର ପ୍ରଦାନ କରାଯାଇଛି।

## ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଜୁଲୁମ

# ସଂଯୋଗ କାଟିବାକୁ ଦଳବଳ ନେଇ ଆସୁଛନ୍ତି

ଆନନ୍ଦପୁର,୨୭।୩(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡରେ ଏବେ ମାର୍ଚ୍ଚ ମାସର ଦ୍ୱାହି ଦେଇ ଉପଭୋକ୍ତା ମାନଙ୍କ ନିକଟରୁ ବକେୟା ଅର୍ଥ ଆଦାୟ କରିବା ନାଁରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ଆସୁଥିବା ଭଳି ଏକ ସଙ୍ଗୀନ ଅଭିଯୋଗ ଆସିଛି। ବିଦ୍ୟୁତ୍ କାଟିବା ନାମରେ ଦଳବଳ ନେଇ ଘରେ ଘରେ ପହଞ୍ଚୁଛନ୍ତି ବିଦ୍ୟୁତ୍ ବିଭାଗ କର୍ମଚାରୀ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ବିଦ୍ୟୁତ୍ ବିଲ୍ ଆଦାୟକୁ ନେଇ ଏବେ ଗାଁ ଗାଁରେ ବିବାଦ ସୃଷ୍ଟି ହୋଇଛି। ସରକାରୀ ନିୟମ ଅନୁଯାୟୀ, ବିଦ୍ୟୁତ୍ ବିଲ୍ ଆଦାୟ ପାଇଁ ନିର୍ଦ୍ଧାରିତ ପ୍ରକ୍ରିୟା ରହିଛି। କିନ୍ତୁ ଏଠାରେ ସେହି ନିୟମ ଉଲଘଂନ କରାଯାଉଛି କାହିଁକି। ବିଦ୍ୟୁତ୍ ବିଭାଗର ଏହି ପଦକ୍ଷେପ କେତେ ଦୂର ନିୟମ ସମ୍ମତ, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଉପଭୋକ୍ତାମାନେ ପ୍ରଶ୍ନ କରୁଛନ୍ତି ଏଭଳି ଜୁଲମ କରିବାକୁ କିଏ ଦେଉଛି ଅନୁମତି। ଏହା ସହିତ, ଉପଭୋକ୍ତାମାନେ ଦାବି କରିଛନ୍ତି ଯେ, ଏହି ଘଟଣାର ତଦନ୍ତ କରାଯାଉ ଓ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ତେବେ ଦେଖିବାକୁ ବାକି ରହିଲା ସମ୍ପୃକ୍ତ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଏହି ଅଭିଯୋଗକୁ କେବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ଜଙ୍ଗଲରେ ଫିଙ୍ଗାଯାଉଛି ଔଷଧ

## ମେଡିକାଲର ଅବହେଳା ନା ବଡ଼ ଦୁର୍ନୀତି ?




ସୁନ୍ଦରଗଡ଼,୨୭।୩ (ସଂଚାର ବ୍ୟୁରୋ): ଜଙ୍ଗଲ ଭିତରେ ପଡିଛି ପୁଳାପୁଳା ଔଷଧ। ସୁନ୍ଦରଗଡ଼ ଟାଉନ ଥାନା ଅଧୀନସ୍ଥ ଅମଲିପାଲି ପାଖରେ ଥିବା ଜଙ୍ଗଲ ଅଞ୍ଚଳରୁ ଏହି ଚିନ୍ତାଜନକ ଦୃଶ୍ୟ ସାମ୍ନାକୁ ଆସିଛି। ଏଠାରେ ବହୁ ପରିମାଣରେ ଔଷଧ ଫିଙ୍ଗାଯାଇଥିବା ଦେଖିବାକୁ ମିଳିଛି।

ଏହି ଔଷଧ ମଧ୍ୟରେ କଫ୍ ସିରପ୍ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ମେଡିସିନ ରହିଛି। ଚମତ୍କାର କଥା ହେଉଛି ଏହି ସ୍ଥାନ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟ ଓ ସରକାରୀ ମେଡିକାଲ କଲେଜରୁ କେବଳ ଦୁଇ କିଲୋମିଟର ଦୂରରେ ଅବସ୍ଥିତ। ଯେତେବେଳେ ହସ୍ପିଟାଲରେ ରୋଗୀମାନେ ଔଷଧ ନମିଳିବା ନେଇ ଅଭିଯୋଗ କରୁଛନ୍ତି, ସେତେବେଳେ ଏପରି ଭାବେ ଔଷଧକୁ ଜଙ୍ଗଲରେ ଫିଙ୍ଗି ଦେବା ଘଟଣା ଗୁରୁତର ପ୍ରଶ୍ନ ଉଠାଉଛି। କିଏ ଏହି ଔଷଧ ଫିଙ୍ଗିଲା ? କାହିଁକି ଏଭଳି ଭାବରେ ଔଷଧକୁ ନଷ୍ଟ କରାଗଲା ? ଏହା କି ସରକାରୀ ବ୍ୟବସ୍ଥାର ଅବହେଳା, ନା କୌଣସି ବଡ଼ ଅନିୟମିତତାର ସଙ୍କେତ ?

ଏବେ ସବୁଠୁ ବଡ଼ ପ୍ରଶ୍ନ— ମେଡିକାଲ କର୍ତ୍ତୃପକ୍ଷ ଏହି ଘଟଣାକୁ କିପରି ନେଉଛନ୍ତି ଓ ଏହାର ତଦନ୍ତ କେବେ ହେବ ?

# ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ସୁନ୍ଦରଗଡ଼ ଗସ୍ତ



ସୁନ୍ଦରଗଡ଼,୨୭।୩(ସଂଚାର ବ୍ୟୁରୋ): ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର ଦୁଇ ଦିନିଆ ସୁନ୍ଦରଗଡ଼ ଗସ୍ତରେ ଆସି ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବା ସହିତ ବିଭାଗୀୟ କାର୍ଯ୍ୟକଳାପ ଗୁଡ଼ିକ ଉପରେ ସମୀକ୍ଷା ମଧ୍ୟ କରିଥିଲେ। ଅଧ୍ୟକ୍ଷାଙ୍କ ଏହି ଗସ୍ତ ସମୟରେ ସାଙ୍ଗରେ ଉପସ୍ଥିତ ଥିଲେ ବରିଷ୍ଠ ସଦସ୍ୟା ଶ୍ରୀମତୀ ଚନ୍ଦନା ଦାସ ଓ ସଦସ୍ୟା କଳ୍ପନା ଲେଙ୍କା ।

ଏହି ପରିଦର୍ଶନ ସମୟରେ ଏକ ପୀଡ଼ିତା ପରିବାର ସହିତ ସାକ୍ଷାତ କରିଥିଲେ। ଏହା ସହିତ ଅଙ୍ଗନୱାଡି କେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିବା ସହିତ ଛତୁଆ ୟୁନିଟ୍‌ର କାର୍ଯ୍ୟ ଗୁଡ଼ିକ ତଦାରଖ କରିଥିଲେ। ସେହିପରି ଦୁଇଗୋଟି ଶିଶୁ ଯତ୍ନ ଅନୁଷ୍ଠାନ ମଧ୍ୟ ପରିଦର୍ଶନ କରି ପିଲାମାନଙ୍କ ସହ ଆଲୋଚନା ମଧ୍ୟ କରିଥିଲେ ଏବଂ ସେଠାରେ ଦିଆଯାଉଥିବା ଖାଦ୍ୟ ଗୁଡ଼ିକର ମନ ମଧ୍ୟ ପରୀକ୍ଷା କରିଥିଲେ। ସେହିଭଳି ଲହଣ୍ଡାବୁଡ଼ ବିଦ୍ୟାଳୟର ଅସୁସ୍ଥ ଥିବା ଛାତ୍ରଛାତ୍ରୀ ଖବର ପାଇ ଉକ୍ତ ସ୍କୁଲ ପରିଦର୍ଶନ କରିଥିଲେ ଏବଂ ଚିକିତ୍ସିତ ହେଉଥିବା ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ମଧ୍ୟ ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ ।

ପରେ ସ୍ଥାନୀୟ ସଦଭାବନା ଭବନ ଠାରେ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଶିଶୁ ଅଧିକାର ଉପରେ ସମୀକ୍ଷା ବୈଠକ କରିବା ସହିତ ଆଗାମୀ ଦିନରେ କିପରି ପିଲାମାନଙ୍କୁ ଆବଶ୍ୟକୀୟ ସୁରକ୍ଷା ପ୍ରଦାନ କରି ସୁରକ୍ଷିତ ରଖି ପାରିବା ତଥା ସମସ୍ତ ଶିଶୁ ଯେଭଳି ବିଦ୍ୟାଳୟକୁ ଯାଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି କିଭଳି ଶିଶୁ ଭିକ୍ଷା ବୃତ୍ତିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯାଇପାରିବ ତା ଉପରେ ମଧ୍ୟ ଆଲୋକପାତ କରିଥିଲେ।

ବୈଠକରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ରାଉରକେଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ,ପୂର୍ବତନ ସଦର ବିଧାୟିକା ଶ୍ରୀମତୀ କୁସୁମ ଟେଟେ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସାମି ଓରାମ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଶ୍ରୀବନ୍ତ ଜେନା, ଏଲ୍ ପି ଓ ଶ୍ରୀମତୀ ଗୀତାରାଣୀ ପଟେଲ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

# ପିଆଇସିଟି କମ୍ପାନୀ ସମ୍ମୁଖରେ ୧୬୩ ବିଏନଏସ ଜାରି



ପାରାଦୀପ,୨୭।୩ (ସଂଚାର ବ୍ୟୁରୋ): ପିଆଇସିଟି କମ୍ପାନୀ ଆଗରେ ୧୬୩ ବିଏନଏସ ଜାରି କରିଛି ପ୍ରଶାସନ। ମାନ୍ୟବର ଜଗତସିଂହପୁର ସବ ଡ଼ିଭିଜନାଲ ମାଜିଷ୍ଟ୍ରେଟ ଅଦାଲତର ମିସ କେଶ ନମ୍ବର ୦୭/୨୦୨୬ ନିର୍ଦ୍ଦେଶ ଅନୁଯାଇ ଗତ ମାର୍ଚ୍ଚ ୧୮ ତାରିଖରୁ ଆସନ୍ତା ମଇ ୧୮ ତାରିଖ ପର୍ଯ୍ୟନ୍ତ ପିଆଇସିଟି କମ୍ପାନୀ ଓ ଏହାର ଆଖପାଖ ଅଂଚଳ ସମେତ ହନୁମାନ ମନ୍ଦିର ଠାରୁ ସୁବାଷ ବୋଷ ଛକ ପର୍ଯ୍ୟନ୍ତ ରାସ୍ତାରେ ଏହି ଧାରା ବଳବତ୍ତର କରାଯାଇଥିବା ଜଣାପଡିଛି। ବିନା ଶ୍ରମିକ ଲାଇସେନ୍ସରେ ଠିକାଦାର କାମ କରୁଥିବା ଅଭିଯୋଗ କରି ପିଆଇସିଟି କମ୍ପାନୀ ଫାଟକ ଆଗରେ ଆସନ୍ତା ତିନି ତାରିଖ ଦିନ ଶ୍ରମିକ ସଂଘ ଆନ୍ଦୋଳନ କରିବାକୁ ଯାଉଥିବା ବେଳେ ଏହାର ଦୃଢ଼ ଜବାବ ରଖିଛନ୍ତି ସମ୍ପୃକ୍ତ ଠିକାଦାର ସମୂହ।

ପିଆଇସିଟି ବା ପାରାଦୀପ ଇଣ୍ଟରନେସନାଲ କାର୍ଗୋ ଟର୍ମିନାଲରେ କିଛି ଠିକାଦାର ବିନା ଶ୍ରମିକ ଲାଇସେନ୍ସରେ ୨୫୫ ଜଣ ଶ୍ରମିକଙ୍କୁ କାର୍ଯ୍ୟ କରାଉଥିବା ଅଭିଯୋଗ ଆଣିଛି ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ଇଉନିୟନ। କିନ୍ତୁ ଏହାକୁ ଅଗଣତାନ୍ତ୍ରିକ କହି ଆଜି କମ୍ପାନୀର କାର୍ଯ୍ୟରତ ୬ ଜଣ ଠିକାଦାର ସେମାନଙ୍କର ଲେବର ଲାଇସେନ୍ସ ଗଣମାଧ୍ୟମ ଆଗରେ ପ୍ରଦର୍ଶନ କରିଥିବା ବେଳେ ଉଦ୍ଦେଶ୍ୟ ମୂଳକ ଭବେ ମିଥ୍ୟା ଅଭିଯୋଗ ସଂଘ କରି କମ୍ପାନୀକୁ ବଦନାମ କରିବାକୁ ଚେଷ୍ଟା କରୁଥିବା କହିଛନ୍ତି ଠିକାଦାର। କମ୍ପାନୀ ଫାଟକ ପାଖରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ୧୬୩ ବିଏନଏସ୍ ଧାରା ଲଗାଇ ଦେଇଛି ଜିଲ୍ଲା ପ୍ରଶାସନ।ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ଇଉନିୟନ ସହ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲା ବେଳେ ଏହା ସମ୍ଭବପର ହୋଇନଥିବା ବେଳେ ମିଥ୍ୟା ଅଭିଯୋଗକୁ ବିଶ୍ୱାସକୁ ନନେବାକୁ ଶ୍ରମିକ ମାନଙ୍କୁ ନିବେଦନ କରିଛନ୍ତି ଠିକାଦାର କୁମରକାନ୍ତ ମହାନ୍ତି, ପବିତ୍ର କୁମାର ଖଟୁଆ ଓ ଅନ୍ୟମାନେ।

## ଯୁବକଙ୍କୁ ନିସ୍ତୁକ ମାଡ଼ ଘଟଣା

# କୁଳଡିହା ରେଞ୍ଜରଙ୍କ ଗିରଫ ଓ ବହିଷ୍କାର ଦାବି

ନୀଳଗିରି,୨୭।୩(ସଂଚାର ବ୍ୟୁରୋ): କୁଳଡିହା ରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଗାଡ଼ି ଓଭରଟେକ ନେଇ ଯୁବକଙ୍କୁ ନିସ୍ତୁକ ବାଡେଇବା ଘଟଣାକୁ ନିନ୍ଦା କରିବା ସହିତ ଆଜି ଏକ ପ୍ରେସ ଇସ୍ତାହାରରେ କୁଳଡିହା ରେଞ୍ଜରଙ୍କ ଗିରଫ ଓ ବହିଷ୍କାର ଦାବି କରିଛନ୍ତି । ଏନେଇ ନୀଳଗିରି ପୂର୍ବତନ ବିଧାୟକ ଚିତ୍ତ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟଶାସନ ସଚିବ, ଜଙ୍ଗଲ ବିଭାଗ ଶାସନ ସଚିବ, ପିସିସିଏଫ, ଆରସିସିଏଫ, ବାଲେଶ୍ୱର ଜିଲ୍ଲାପାଳ, ଡ଼ିଏଫଓଙ୍କ ଅବଗତି ନିମନ୍ତେ ପତ୍ର ଦ୍ୱାରା ଦୃଷ୍ଟି ଆକର୍ଷଣ କରିଛନ୍ତି। ଅପରପକ୍ଷରେ ଭାରପ୍ରାପ୍ତ କୁଳଡିହା ରେଞ୍ଜରଙ୍କ ବିରୋଧରେ ବରମପୁର ଥାନାରେ ପଦ୍ମଲୋଚନ ପାତ୍ର ଓ କ୍ଷୀରୋଦ ପ୍ରସାଦ ଦାସ ଯେଉଁ ଅଭିଯୋଗ କରିଥିଲେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଲାଇଥିବା ଜଣାପଡିଛି।

ସୂଚନାଯୋଗ୍ୟ ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଭାରପ୍ରାପ୍ତ କୁଳଡିହା ରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଓ ପାଖାପାଖି ୨୦/୨୫ଜଣ ବନ କର୍ମଚାରୀ ଗତ ୨୫ତାରିଖ ବିଳମ୍ବିତ ରାତ୍ରିରେ କୁଳଡିହା ଜଙ୍ଗଲରୁ ଏକ ଘଟଣାର ତଦନ୍ତ କରି ଫେରୁଥିବା ବେଳେ ନୀଳଗିରି ବ୍ଲକ ଆରବନ୍ଧ ପଞ୍ଚାୟତ ଉପରଡିହା ଗ୍ରାମର ସ୍ୱର୍ଗତ ନୁନୁ ପାତ୍ରଙ୍କ ପୁତ୍ର ପଦ୍ମଲୋଚନ ପାତ୍ର(୩୬) ଏବଂ ଉକ୍ତ ପଞ୍ଚାୟତ ଶାଳଡ଼ହର ଗ୍ରାମର ମହେନ୍ଦ୍ର ପ୍ରସାଦ ଦାସଙ୍କ ପୁତ୍ର କ୍ଷୀରୋଦ ପ୍ରସାଦ ଦାସ (୩୧) ଉଭୟ ଏକ ବଲେରୋ ଗାଡ଼ିରେ ମୟୂରଭଞ୍ଜରୁ ଫେରୁଥିବା ବେଳେ କଳାକାଦ ଛକରେ ଭାରପ୍ରାପ୍ତ ରେଞ୍ଜରଙ୍କ ଗାଡିକୁ ଓଭର ଟେକ କରିଥିଲେ। ଏଥିରେ ରେଞ୍ଜର ରାଗି ଗରଡ଼ିହି ଛକରେ ପଦ୍ମଲୋଚନଙ୍କୁ ଅଟକାଇ ଥିଲେ। ହଠାତ ରେଞ୍ଜର ଗାଡିରୁ ଓହ୍ଲାଇ ୨ଯୁବକଙ୍କୁ ଅଶୀଳ ଭାଷାରେ ଗାଳି ଦେଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ଭାରପ୍ରାପ୍ତ ରେଞ୍ଜର ଶ୍ରୀ ବେହେରା ରାଗି ପଦ୍ମଲୋଚନଙ୍କୁ ଠେଙ୍ଗାରେ ପିଟିବା ସହିତ ଅନ୍ୟ ବନ କର୍ମଚାରୀମାନେ ବନ୍ଧୁକ, ଲୁହା ରଡ଼ରେ ସଂଘବଦ୍ଧ ଆକ୍ରମଣ କରିଥିଲେ।

## ବିଶ୍ୱ ଜଳ ଦିବସ ପାଳିତ

# ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂର ପାଇଁ ଜେଏସଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ



ପାରାଦୀପ,୨୭।୩ (ସଂଚାର ବ୍ୟୁରୋ): ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପ୍ରକଳ୍ପ ସ୍ଥାନ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବିଶ୍ୱ ଜଳ ଦିବସ ପାଳନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ୨୨ ମାର୍ଚ୍ଚରେ ବିଶ୍ୱସ୍ତରୀୟ ଭାବରେ ପାଳିତ ବିଶ୍ୱ ଜଳ ଦିବସ, ପ୍ରତ୍ୟେକଙ୍କ ଜୀବନରେ ଜଳର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରେ।

୨୦୨୬ ମସିହାରେ, "ଜଳ ଏବଂ ଲିଙ୍ଗ" ବିଷୟବସ୍ତୁ ଜଳ ଉପଲବ୍ଧତା, ମହିଳା ସଶକ୍ତିକରଣ ଏବଂ ଲିଙ୍ଗ ସମାନତା ମଧ୍ୟରେ ସଂଯୋଗ ଉପରେ ଗୁରୁତ୍ୱାରୋପ କରିଥିଲା। ଏହି ବିଶ୍ୱସ୍ତରୀୟ ପଦକ୍ଷେପ ସହିତ ସମନ୍ୱୟ ରଖି, ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ, ପାରାଦୀପ ପକ୍ଷରୁ ଚାରୋଟି ସ୍କୁଲ ଢିଙ୍କିଆ ପ୍ରାଥମିକ ବିଦ୍ୟାଳୟ, ଢିଙ୍କିଆ, ଗୋବିନ୍ଦପୁର ୟୁପି ସ୍କୁଲ, ଗୋବିନ୍ଦପୁର, ମଠସାହି ୟୁପି ସ୍କୁଲ, ନୂଆଗାଁ ଏବଂ ଗଡକୁଜାଙ୍ଗ ଅପଗ୍ରେଡେଡ୍ ହାଇସ୍କୁଲ, ଗଡକୁଜାଙ୍ଗରେ ବିଶ୍ୱ ଜଳ ଦିବସ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ୦୩ଟି ଗ୍ରାମ ପଞ୍ଚାୟତ ଢିଙ୍କିଆ,ଗଡକୁଜାଙ୍ଗ ଏବଂ ନୂଆଗାଁକୁ ଅନ୍ତର୍ଭୁକ୍ତ କରିଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ଯୁବପିଢ଼ିଙ୍କୁ ଜଳ ସଂରକ୍ଷଣର ଗୁରୁତ୍ୱ, ଜଳର ସମାନ ପ୍ରବେଶ ଏବଂ ଜଳ ପରିଚାଳନାରେ ଲିଙ୍ଗଗତ ଅନ୍ତର୍ଭୁକ୍ତିର ଭୂମିକା ବିଷୟରେ ଶିକ୍ଷା ଦେବା। ଏହି ଅଭିଯାନ ଛାତ୍ରଛାତ୍ରୀମାନଙ୍କୁ ଜଳ ସଂରକ୍ଷଣର ଗୁରୁତ୍ୱ, ସ୍ଥାୟୀ ବ୍ୟବହାର ଏବଂ ଏହି ବର୍ଷର ବିଷୟବସ୍ତୁ "ଜଳ ଏବଂ ଲିଙ୍ଗ"ର ବିଶ୍ୱବ୍ୟାପୀ ଗୁରୁତ୍ୱ ବିଷୟରେ ସଚେତନ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା।

ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ପୂର୍ବରୁ ଅଞ୍ଚଳର ବିଭିନ୍ନ ସରକାରୀ ସ୍କୁଲ ଏବଂ ସାର୍ବଜନୀନ ପ୍ରତିଷ୍ଠାନରେ ୩୦ରୁ ଅଧିକ ବିଶୁଦ୍ଧ ପାନୀୟ ଜଳ ବିଶୋଧନ ଯନ୍ତ୍ର ସ୍ଥାପନ କରିସାରିଛି। ଏହି ପଦକ୍ଷେପ ପରିବେଶଗତ ସ୍ଥିରତା ଏବଂ ସାମାଜିକ ଦାୟିତ୍ୱ ପ୍ରତି କମ୍ପାନୀର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରେ।

ସ୍ଥାୟୀ ଜଳ ସମ୍ପଦ ପରିଚାଳନାକୁ ସମର୍ଥନ କରିବା ପାଇଁ ଗଡକୁଜଙ୍ଗ ଗ୍ରାମରେ ୬.୦୬ ଏକର ଚନ୍ଦନ ପୋଖରୀର ପୁନରୁଦ୍ଧାର। ପାରାଦୀପର ଇସ୍ପାତ କାରଖାନା କ୍ଷେତ୍ର, ସରକାରୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ରଣନୈତିକ ସ୍ଥାନରେ ଥିବା ସ୍କୁଲଗୁଡ଼ିକରେ ସ୍ଥାପିତ ଶୀତଳୀକରଣ ସୁବିଧା ସହିତ ୮୦ ଲିଟରର ୮୧ଟି ବିଶୁଦ୍ଧ ପାନୀୟ ଜଳ ବିଶୋଧକ ଯନ୍ତ୍ର ସ୍ଥାପନ କରାଯାଇଛି। ମାହଳ ଗ୍ରାମରେ ଏକ ୪୦୦ ମିଟର ବୋରୱେଲ୍ ଖନନ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ୧୧ଟି ବୋରୱେଲ ସ୍ଥାପନ କରାଯାଇଛି। ଏଥିସହିତ ନୂଆଗାଁ, ଗଡକୁଜଙ୍ଗ, ଢିଙ୍କିଆ ଏବଂ ମାହଳରେ ଅବସ୍ଥିତ ସମ୍ପ୍ରଦାୟ ଏବଂ ସଭା ହଲରେ ୪ଟି ବୋରୱେଲ ସ୍ଥାପନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ସଭା ହଲରେ ୪ଟି ବୋରୱେଲ ସ୍ଥାପନ, ସାମୁଦାୟିକ ଭିତ୍ତିଭୂମିକୁ ସମର୍ଥନ କରିବା ପାଇଁ ଗୋବିନ୍ଦପୁର, ନୂଆଗାଁ, ଢିଙ୍କିଆ ଏବଂ ମାହଳରେ ଶ୍ମଶାନ ଭୂମିରେ କ୍ଷୁଦ୍ର ପୋଖରୀ ସହିତ ୪ଟି ବୋରୱେଲର ବିକାଶ କରାଯାଇଛି।ସ୍ଥାନୀୟ ଜଳ ସଂରକ୍ଷଣ ଏବଂ ଇକୋସିଷ୍ଟମ ସ୍ଥାୟୀତ୍ୱକୁ ଉନ୍ନତ କରିବା ପାଇଁ ମାହଳ ଗ୍ରାମରେ ଠାକୁର ଗଡିଆ ପୋଖରୀର ପୁନରୁଦ୍ଧାର କରାଯାଇଛି।

# ୪୭ତମ ମାନବ ଧର୍ମ ସମ୍ମିଳନୀରେ ୪ ଜଣ ପାଇବେ 'ସେବକଶ୍ରୀ' ସମ୍ମାନ

ବାରିପଦା,୨୭।୩(ସଂଚାର ବ୍ୟୁରୋ): ସଦ୍‌ଭାବନା ସମିତି, ବାରିପଦା ପକ୍ଷରୁ ଆସନ୍ତା ଅପ୍ରେଲ ୧ତାରିଖ ବୁଧବାର ଅପରାହ୍ନ ୫ ଘଟିକାରେ ଜିଲ୍ଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷରେ ୪୭ତମ ମାନବ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ବିଶିଷ୍ଟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସାଂସଦ ବୀରଭଦ୍ର ସିଂ ଉପସ୍ଥିତ ରହିବାକୁ ସମ୍ମତି ଦେଇଛନ୍ତି ।

ସେହିପରି ମୁଖ୍ୟବକ୍ତା ଭାବେ ଆର୍ଯ୍ୟ ସମାଜର ଆଚାର୍ଯ୍ୟଦେବ ବିଜୟଜୀ ଯୋଗଦେବେ । ସଦ୍‌ଭାବନା ସମିତିର ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ସଂଯୋଜନାରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସମିତିର କାର୍ଯ୍ୟକାରୀ ସଭାପତି ନେତ୍ରାନନ୍ଦ ମଲ୍ଲିକ ପୌରହିତ୍ୟ କରିବେ । କାର୍ଯ୍ୟକ୍ରମ ଶେଷରେ ଜିଲ୍ଲାର ଶ୍ରେଷ୍ଠ ପୁଲିସ୍ କନେଷ୍ଟବଳ ଭାବେ ପରମାନନ୍ଦ ମହାନ୍ତ, ଶ୍ରେଷ୍ଠ ଆଗ୍ନିକ ଭାବେ ପ୍ରଭାସ କୁମାର ଜେନା, ଶ୍ରେଷ୍ଠ ନର୍ସିଂ ଅଫିସର ଭାବେ ପିଆରଏମ ମେଡିକାଲର ଦେବାଶିଷ ବେହେରା ଓ ପୌରପରିଷଦର ଶ୍ରେଷ୍ଠ ସଫେଇ କର୍ମଚାରୀ ଭାବେ ହରେନ୍ଦ୍ର ମୁଖିଙ୍କୁ ପରମ୍ପରା ଅନୁସାରେ 'ସେବକଶ୍ରୀ' ଉପାଧି ପ୍ରଦାନ କରାଯିବ। ଏହା ସହ ଜିଲ୍ଲାର ବିଭିନ୍ନ ଆଧ୍ୟାତ୍ମିକ ସଂଗଠନ ଯଥା; ବିବେକାନନ୍ଦ କେନ୍ଦ୍ର, ସତ୍ୟସାଇ ସେବା ସଙ୍ଗଠନ, ପ୍ରଜାପିତା ବ୍ରହ୍ମା କୁମାରୀ, ଅନୁକୂଳଚନ୍ଦ୍ର, ଗାୟତ୍ରୀ ପରିବାର, ଶିବାନନ୍ଦ, ଖାଲସା ପନ୍ଥ, ଇସ୍‌ଲାମ୍ ଶାଖା ଆଦିଙ୍କୁ ଅଭ୍ୟର୍ଥନା ଜଣାଯିବ। ସଦ୍‌ଭାବନା ସମିତିର ପରିବାର ପକ୍ଷରୁ ସମସ୍ତ ଧର୍ମପ୍ରାଣ ନାଗରିକ, ସମାଜସେବୀ ଓ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କୁ ଏହି ସମ୍ମିଳନୀରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ କରାଯାଇଛି।

ପ୍ରକାଶ ଥାଉକି ଏହି ଅନୁଷ୍ଠାନ ଜିଲ୍ଲାରେ ଧର୍ମୀୟ ସଦ୍‌ଭାବନା ଓ ସମ୍ପ୍ରତିର ବାତାବରଣ ସୃଷ୍ଟି କରିବାରେ ଦୀର୍ଘଦିନ ଧରି ପ୍ରୟାସ ଜାରି ରଖିଅଛି।

# ଓଡ଼ିଶାରେ ସ୍ଥଳସେନା ମୁଖ୍ୟ



ଭୁବନେଶ୍ୱର,୨୭।୩ (ସଂଚାର ବ୍ୟୁରୋ): ଓଡ଼ିଶାରେ ଭାରତୀୟ ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ। ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଲେ ସ୍ଥଳସେନା ମୁଖ୍ୟ। ଭୁବନେଶ୍ୱରରେ ପହଞ୍ଚିବା ପରେ କଡ଼ା ସୁରକ୍ଷା ବଳୟରେ ସେ ୧୨୦ ବାଟାଲିୟନ ଅଭିମୁଖେ ଯାଇଛନ୍ତି। ବାଟାଲିୟନରେ ରାତ୍ରି ରହଣି ଓ ଭୋଜନର କାର୍ଯ୍ୟକ୍ରମ ରହିଛି। ଶନିବାର ସେ ପୁରୀ, ଗୋପାଳପୁରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଜେନେରାଲ୍ ଦ୍ୱିବେଦୀ ପୁରୀ ଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବେ। ପରେ ସ୍ୱତନ୍ତ୍ର ବିମାନ ଯୋଗେ ସେ ଗୋପାଳପୁର ଯିବେ। ଆର୍ମି ଏୟାର ଡିଫେନ୍ସ କଲେଜ ଯାଇ ସେଠାରେ ସେନା ତାଲିମ ବ୍ୟବସ୍ଥାର ସମୀକ୍ଷା କରିବେ। ସେନା ଅଧିକାରୀ ଓ ପୂର୍ବତନ ସୈନିକଙ୍କ ସହ ଆଲୋଚନା କରିବେ। ଫିଲ୍ଡ ଫାୟାରିଂ ରେଞ୍ଜରେ ଲାଇଭ୍ ଫାୟାରିଂ ପ୍ରଦର୍ଶନ ହେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି। ଆସନ୍ତା ୨୯ରେ ଗସ୍ତ ସାରି ଦିଲ୍ଲୀ ଫେରିଯିବେ ଜେନେରାଲ ଦ୍ୱିବେଦୀ। ତେବେ ଜେନେରାଲ୍ ଦ୍ୱିବେଦୀ ଆଜି ସନ୍ଧ୍ୟାରେ ଲୋକ ଭବନରେ ପହଞ୍ଚି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ଭେଟିଛନ୍ତି।

# ରଥଯାତ୍ରା ପାଇଁ କାଠ ଚିରଟ ଅନୁକୂଳ



କଟକ,୨୭।୩(ସଂଚାର ବ୍ୟୁରୋ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା। ଆଜି ପବିତ୍ର ରାମ ନବମୀ ଅବସରରେ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ରଥକାଠ ଚିରଟ ଅନୁକୂଳ ହୋଇଛି। ଖପୁରିଆସ୍ଥିତ ସରକାରୀ କରତକଳରେ ସର୍ବପ୍ରଥମେ ରଥକାଠ ଅନୁକୂଳ କରାଯାଇଛି। ଏଥିପାଇଁ କରତକଳରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ପ୍ରଭୁ ଜଗନ୍ନାଥଙ୍କ ଆଜ୍ଞାମାଳ କରତକଳରେ ପହଞ୍ଚିବା ପରେ ସ୍ୱତନ୍ତ୍ର ପୂଜା ପରେ କାଠ ଚିରାଯାଇ ସର୍ବପ୍ରଥମେ ରଥକାଠ ଅନୁକୂଳ ହୋଇଥିଲା। ମନ୍ଦିରର ପଣ୍ଡିତମାନେ କାଠ ପୂଜାର୍ଚ୍ଚନା କରିବା ପରେ ରଥକାଠ ଚିରାଯାଇଥିଲା। ଘଣ୍ଟ, ଘଣ୍ଟା, ଶଙ୍ଖ, ହୁଳହୁଳି ଶବ୍ଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।ରେ ରଥକାଠ ଚିରଟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଆସନ୍ତା ଜୁଲାଇ ୧୬ରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବାକୁ ଥିବା ବେଳେ ଆଜିଠୁ ବିଧିବଦ୍ଧ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିବା ମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ପରମ୍ପରା ମୁତାବକ ୩ ଲମ୍ବ ବିଶିଷ୍ଟ ଧଉରା କାଠ ଚିରଟ ହୋଇଛି। ରଥ ନିର୍ମାଣ ପାଇଁ ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ। ଗତବର୍ଷ ୪୭ ଖଣ୍ଡ କାଠ ବଳକା ଥିଲା। ତେବେ ଚଳିତ ବର୍ଷ ମୋଟ ୮୧୮ ଖଣ୍ଡ କାଠ ବନ ବିଭାଗ ପଠାଇବ। ଆଜି ପ୍ରାଥମିକ ପର୍ଯ୍ୟାୟରେ ୩ଟି ଧଉରା କାଠ ଚିରଟ ହୋଇଛି। ରଥ ନିର୍ମାଣ ପାଇଁ ନୟାଗଡ଼ର ଦଶପଲ୍ଲା ସମେତ ବିଭିନ୍ନ ଜିଲ୍ଲାର ଜଙ୍ଗଲରୁ କାଠ ସଂଗ୍ରହ କରାଯାଇ କଟକ ଖପୁରିଆ ସ' ମିଲ ଅଭିମୁଖେ ଆସିବ। ରଥ କାଠ ମଧ୍ୟରେ ଅସନ, ଧଉରା,ଫାସୀ ସମେତ ବହୁ ମୂଲ୍ୟବାନ କାଠ ଚିରଟ ହେବ। କାଠଗୁଡ଼ିକ ଏଠାରେ ପହଞ୍ଚିବା ପରେ ପର୍ଯ୍ୟାୟ କ୍ରମେ ସବୁ କାଠକୁ ଆବଶ୍ୟକ ସାଇଜରେ ଚିରଟ କରାଯିବ।

# ୭ ଦିନ ଧରି ପବନ ଓ କୁଆପଥର ବୃଷ୍ଟି ଆଶଙ୍କା

## ବିଭିନ୍ନ ଜିଲ୍ଲାକୁ କାଳବୈଶାଖୀ ନେଇ ଆଲର୍ଟ

ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ): ଓଡ଼ିଶାକୁ କାଳବୈଶାଖୀ ଆଲର୍ଟ। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା, ପବନ ଓ କୁଆପଥର ବୃଷ୍ଟି ନେଇ ପାଣିପାଗ ବିଭାଗ ପକ୍ଷରୁ ଆଲର୍ଟ ଜାରି କରାଯାଇଛି। ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ କୁଆପଥର ବର୍ଷା ପାଇଁ ୪ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ସୁନ୍ଦରଗଡ଼ରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହ ୫୦ରୁ ୬୦ କିମି ବେଗରେ ପବନ ବହିବା ସହ କେତେକ ସ୍ଥାନରେ ଏହା ସାମାନ୍ୟ ଅଧିକ ହେବ ବୋଲି ପୂର୍ବାନୁମାନ କରାଯାଇଛି।



ସେହିପରି ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ଓ ଝଟକା ପବନ ପାଇଁ ସତର୍କତା ଜାରି ହୋଇଛି। ଅନ୍ୟପକ୍ଷରେ ୩୦ରୁ ୪୦ କିମି ବେଗରେ ପବନ ବହିବା ନେଇ ୨୩ଟି ଜିଲ୍ଲାକୁ ୟେଲୋ ଆଲର୍ଟ କରାଯାଇଛି। ଆସନ୍ତାକାଲି ମୟୂରଭଞ୍ଜରେ ପ୍ରବଳ କୁଆପଥର ବୃଷ୍ଟି ସମ୍ଭାବନା ରହିଥିବାରୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଏହାଛଡ଼ା ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ପାଇଁ ୟେଲୋ ଆଲର୍ଟ ଜାରି ହୋଇଥିବା ବେଳେ ଏହି ୩ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବ ବୋଲି ସତର୍କ କରାଇ ଦିଆଯାଇଛି। ଆହୁରି ଆସନ୍ତା ୩ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ ବିଭାଗ ଆଲର୍ଟ ଜାରି କରିଛି। ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ସୁନ୍ଦରଗଡ଼ ଜିଲ୍ଲାରେ ଲୋକଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। କୁଆପଥର ବୃଷ୍ଟି ଓ ପବନ ସମୟରେ ଜରୁରୀ କାମ ନ ଥିଲେ କେହି ବି ଘରୁ ନ ବାହାରିବାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

# ମାସେ ପରେ ପହଞ୍ଚିଲା ମୃତଦେହ

● ଦୁବାଇରେ ଖସିପଡ଼ି ପ୍ରାଣ ହରାଇଥିଲେ



ଚାନ୍ଦବାଲି,୨୭।୩(ସଂଚାର ବ୍ୟୁରୋ): ଆଜିକୁ ଠିକ୍ ମାସେ ତଳେ ଅର୍ଥାତ୍ ଗତ ଫେବୃଆରୀ ୨୭ ତାରିଖରେ ଦୁବାଇରେ କାମ କରିବାକୁ ଯାଇଥିବା ଜଣେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ହୋଇଥିଲା। କାମ କରିବା ସମୟରେ ସେ ଖସିପଡ଼ି ମୃତ୍ୟୁବରଣ କରିଥିଲେ। ତେବେ ମୃତ୍ୟୁର ମାସେ ପରେ ଆଜି ତାଙ୍କ ମୃତଦେହ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ବ୍ଲକ୍‌ର ଉତୁକୁଡ଼ା ପଞ୍ଚାୟତର ଉତୁକୁଡ଼ା ଗ୍ରାମରେ ପହଞ୍ଚିଛି। ଉକ୍ତ ଯୁବକ ଜଣଙ୍କ ହେଲେ ବୀରଭଦ୍ର ନାୟକ। ଦୁବାଇରେ ସେ ଏକ କମ୍ପାନୀରେ ପାଇପ୍ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ଦୁବାଇରେ କାମ କରି ଟଙ୍କା ଆଣିଲେ ଘରର ଛାତ ପଡିବ ବୋଲି ସେ ପାଖାପାଖି ବର୍ଷେ ତଳେ ଘର ଲୋକଙ୍କୁ କହି ସେଠାକୁ ଯାଇଥିଲେ। ହେଲେ ସେ ଫେରିଲେନି, ଫେରିଲା ତାଙ୍କ ମୃତଦେହ। ଗତ ୨୭ ତାରିଖରେ ସେ ଶେଷଥର ପାଇଁ ପରିବାର ଲୋକଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ତେବେ ତାଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଗତ ୨୭ ତାରିଖ ରାତିରେ କାମ କରୁ କରୁ ବୀରଭଦ୍ର ଅଚାନକ ଖସିପଡ଼ିବା ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ଘର ଲୋକେ ଖବର ପାଇଥିଲେ। ସେବେଠାରୁ ବୀରଭଦ୍ରଙ୍କ ମୃତଦେହ ଅପେକ୍ଷାରେ ଥିଲେ ପରିବାର ଓ ପଡ଼ିଶା ଲୋକେ। ଆଜି ଗାଁରେ ମୃତଦେହ ପହଞ୍ଚିବା କ୍ଷଣି ଉକ୍ତ ଅଞ୍ଚଳଟି କାନ୍ଦବୋବାଳିରେ ଫାଟି ପଡ଼ିଥିଲା। ପୁଅକୁ ଦେଖିବା ପାଇଁ ଦିନରାତି କାନ୍ଦି କାନ୍ଦି ଆଖିରୁ ଲୁହ ଶୁଖିନଥିଲା ବୁଢ଼ୀ ମା'ର। ଆଜି ପୁଅର ମୃତଦେହ ଦେଖିବା ପରେ ମା' ଓ ସ୍ତ୍ରୀ ବାହୁନି ବାହୁନି କାନ୍ଦି କାନ୍ଦି ବେହୋସ ହୋଇଯାଇଥିଲେ। ଅନ୍ୟପକ୍ଷରେ ପୂର୍ବରୁ ବୀରଭଦ୍ରଙ୍କ ମୃତଦେହ ସଠିକ ସମୟରେ ପହଞ୍ଚି ନଥିବାରୁ ପରିବାର ଓ ପଡ଼ୋଶୀ ତାଙ୍କର ଏକ କୁଶପୁତ୍ତଳିକା ପ୍ରସ୍ତୁତ କରି ଶୁଦ୍ଧିକ୍ରିୟା କାମ ଶେଷ କରିଥିଲେ। ଏହି ଶୁଦ୍ଧିକ୍ରିୟାର ୧୯ ଦିନ ପରେ ସରକାରଙ୍କ ଉଦ୍ୟମରେ ବୀରଭଦ୍ରଙ୍କ ମୃତଦେହ ଗାଁରେ ପହଞ୍ଚିଛି। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ବୀରଭଦ୍ରଙ୍କ ମୃତଦେହ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଗାଁରେ ମୃତଦେହ ପହଞ୍ଚିବା ପରେ ଅତିରିକ୍ତ ଶ୍ରମ ଅଧିକାରୀ ପହଞ୍ଚି ସମବେଦନା ଜଣାଇବା ସହ ସରକାରୀ ସ୍ତରରେ ଧାର୍ଯ୍ୟ ସହାୟତା ବୀରଭଦ୍ରଙ୍କ ପରିବାରକୁ ମିଳିବ ବୋଲି କହିଥିଲେ। ସେହିପରି ବୀରଭଦ୍ର କାମ କରୁଥିବା କମ୍ପାନୀରୁ କିପରି ପରିବାର ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ମିଳିବ, ସେ ଦିଗରେ ବ୍ୟବସ୍ଥା କରିବା ସକାଶେ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି।

# ବସ୍-ପିକ୍‌ଅପ୍ ଧକ୍କା, ୧୦ରୁ ଊର୍ଦ୍ଧ୍ୱ ଆହତ



ନବରଙ୍ଗପୁର/ପାପଡାହାଣ୍ଡି,୨୭।୩ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଖୋଡକା ଘାଟିରେ ଘରେଇ ବସ ଓ ପିକଅପ ଗାଡି ମୁହାଁମୁହିଁ ଧକ୍କା ହେବା ପରେ ପିକଅପ ଗାଡି ଓଲଟି ଦୁଇ ଗାଡିର ଡ୍ରାଇଭରଙ୍କ ସମେତ ୧୦ରୁ ଅଧିକ ଆହତ ହୋଇଛନ୍ତି। ମୈଦଲପୁର ପୁଲିସ ଘଟଣାସ୍ଥଳରେ ପହଂଚି ଦୁଇଟି ଗାଡି ଜବତ କରି ତଦନ୍ତ କରୁଛନ୍ତି। ଦୁର୍ଘଟଣା ହୋଇଥିବା ଯାତ୍ରୀବାହୀ ବସ (ଓଡି ୧୦ ୬୩୧୩) ମୂଖିଗୁଡାରୁ ଜୟପୁର ଯାଉଥିବା ବେଳେ ପିକଅପ(ସିଜି୦୪-୪୯୯୯) ମୈଦଲପୁରରୁ କୋକସରା ଯାଉଥିବା ବେଳେ ଖୋଡକା ଘାଟି ବୁଲାଣିରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାପରେ ବସଟି ଏକ ଗଛରେ ଧକ୍କା ହେବା ସହ ପିକଅପ୍‌ଟି ରାସ୍ତା କଡରେ ଓଲଟି ପଡିଥିଲା। ଦୁର୍ଘଟଣାରେ ଦୁଇ ଗାଡିର ଡ୍ରାଇଭର ଆହତ ହୋଇଛନ୍ତି। ଯାତ୍ରୀବାହୀ ବସର ୧୦ରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କୁ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ଓଡ଼ିଶା କ୍ରୀଡ଼ା ଭିତ୍ତିଭୂମିକୁ ପ୍ରଶଂସା କଲେ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା





ଭୁବନେଶ୍ୱର, ୨୭।୩ (ସଂଚାର ବ୍ୟୁରୋ) : ଭାରତର କ୍ରୀଡ଼ା କ୍ୟାପିଟାଲ ଭୁବନେଶ୍ୱର। ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଗକୁ ୨୦୨୮ ବିଶ୍ୱ ଆଥଲେଟିକ୍ସ ଇନଡୋର ଚାମ୍ପିଅନସିପ୍ ଭୁବନେଶ୍ୱରରେ ଆୟୋଜନ ହେବ। ଏଥିପାଇଁ ଓଡ଼ିଶାକୁ ମିଳୁଛି ଶୁଭେଚ୍ଛା ଓ ଛୁଟୁଛି ପ୍ରଶଂସାର ସୁଅ। ଓଡ଼ିଶା ଓ ଭୁବନେଶ୍ୱରକୁ ଧନ୍ୟବାଦ ଜଣାଇଛନ୍ତି ବିଶିଷ୍ଟ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା। କହିଛନ୍ତି ଏ ସଫଳତା ହଠାତ ମିଳିନି। ସଠିକ୍ ସମୟରେ ଏବଂ ସଠିକ୍ କାର୍ଯ୍ୟକାରୀ କରାଯାଇଥିବା ଏକ ଦୂରଦର୍ଶୀ ରଣନୀତିର ଏହା ଜ୍ୱଳନ୍ତ ଉଦାହରଣ। ବାସ୍ତବରେ ଭୁବନେଶ୍ୱରରେ ୨୦୧୮ ହକି ବିଶ୍ୱକପ ପରଠାରୁ, କ୍ରୀଡ଼ାରେ ବ୍ରାଣ୍ଡ ଓଡ଼ିଶାର ଚାହିଦା ବଢ଼ିବାରେ ଲାଗିଛି।

ଭୁବନେଶ୍ୱରରେ ଏକାଠି ହେବେ ବିଶ୍ୱର ଟପ୍ ଆଥଲେଟ୍। କଳିଙ୍ଗ ଇଣ୍ଡୋର ଷ୍ଟାଡିୟମରେ ଜଲୱା ଦେଖାଇବେ। ଭୁବନେଶ୍ୱରେ ୨୦୨୮ ବିଶ୍ୱ ଆଥଲେଟିକ୍ସ ଇନଡୋର ଚାମ୍ପିଅନସିପ୍ ଆୟୋଜିତ ହେବ। ଏଥିପାଇଁ ଓଡ଼ିଶାକୁ ପ୍ରଶଂସାର ସୁଅ ଛୁଟୁଛି। ସୋସିଆଲ ମିଡିଆରେ ଓଡ଼ିଶା ଓ ଭୁବନେଶ୍ୱରକୁ ଧନ୍ୟବାଦ ଜଣାଇଛନ୍ତି ବିଶିଷ୍ଟ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା। ଲେଖିଛନ୍ତି, ବିଶ୍ୱ ଆଥଲେଟିକ୍ସ ଇନଡୋର ଚାମ୍ପିଅନସିପ୍ ର ଆୟୋଜକ ଭାବେ ମନୋନୀତ ହୋଇ ଆମକୁ ଗର୍ବିତ କରିଥିବାରୁ ଅନେକ ଅନେକ ଶୁଭେଚ୍ଛା। ଏହି ସଫଳତା କେବଳ ହଠାତ୍ ମିଳିଯାଇଥିବା କୌଣସି ଏକ ସିଦ୍ଧି ନୁହେଁ। ଏହା ହେଉଛି ସଠିକ୍ ସମୟରେ ଏବଂ ସଠିକ୍ ଭାବେ କାର୍ଯ୍ୟକାରୀ କରାଯାଇଥିବା ଏକ ଦୂରଦର୍ଶୀ ରଣନୀତିର ଜ୍ୱଳନ୍ତ ଉଦାହରଣ।

# ବୁଦାରୁ ମିଳିଲା ବିପୁଳ ପରିମାଣର ସରକାରୀ ଔଷଧ



ସୁନ୍ଦରଗଡ଼, ୨୭।୩ (ସଂଚାର ବ୍ୟୁରୋ) : ସରକାର ଗରିବ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ସୁନ୍ଦରଗଡ଼ରେ ଏହାର ଏକ ବିପରୀତ ଚିତ୍ର ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ସହରର ଅମଲିପାଲି ବାଏପାସ ରାସ୍ତା କଡ଼ ଜଙ୍ଗଲ ବୁଦା ଭିତରେ ଶୁକ୍ରବାର ସକାଳେ ବିପୁଳ ପରିମାଣର ସରକାରୀ ଔଷଧ ପଡ଼ିରହିଥିବା ଦେଖିବାକୁ ମିଳିଛି।

ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ପ୍ରାୟ ୨.୫ କିଲୋମିଟର ଦୂର ଏବଂ ସରକାରୀ ମେଡ଼ିକାଲ କଲେଜ ନିକଟସ୍ଥ ଅମଲିପାଲି ବାଏପାସ ନିକଟରେ ଫିଙ୍ଗା ଯାଇଥିବା ଔଷଧ ମଧ୍ୟରେ ବିଭିନ୍ନ ପ୍ରକାରର ଟାବଲେଟ ଏବଂ ସିରପ୍ ରହିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଏହି ଔଷଧ ଗୁଡ଼ିକର ଏକ୍ସପାଏରୀ ତାରିଖ ଶେଷ ହୋଇନାହିଁ। ଏହାର ବ୍ୟବହାର ଅବଧି ଆହୁରି ୬ ରୁ ୮ ମାସ ବାକି ଅଛି। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଗଣମାଧ୍ୟମ ପ୍ରତିନିଧିମାନେ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ତେବେ ଆଜି ରାମନବମୀ ଛୁଟି ଥିବାରୁ, ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କିମ୍ବା ଔଷଧ ବ୍ୟାଙ୍କ ଦାୟିତ୍ୱରେ ଥିବା କୌଣସି ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

ଏମିତିରେ ଯେଉଁ ଔଷଧ ରୋଗୀଙ୍କ ଜୀବନ ବଞ୍ଚାଇବା କଥା, ତାହାକୁ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ଜଙ୍ଗଲରେ ଫିଙ୍ଗିଲା? ଏହା ପଛରେ କୌଣସି ବଡ଼ ଧରଣର ଅନିୟମିତତା ରହିଛି କି? ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ): ପାରିବାରିକ କଳହର କରୁଣ ପରିଣତି। ସ୍ତ୍ରୀ ସହ ଝଗଡା କରି ରାଜଧାନୀରେ ଆତ୍ମଦାହ ଉଦ୍ୟମ କରିଛନ୍ତି ସହିଦ ନଗର ଅଞ୍ଚଳର ପିଏଚଡି ସାହିରେ ରହୁଥିବା ସୁଶାନ୍ତ ନାୟକ। ତାଙ୍କ ବୟସ ପ୍ରାୟ ୪୫ ବର୍ଷ। ପ୍ରଥମ ସ୍ତ୍ରୀ ଛାଡ଼ି ଚାଲିଯିବା ପରେ ଢେଙ୍କାନାଳରେ ଦ୍ୱିତୀୟ ବିବାହ କରିଥିଲେ। ଗତ ଦୁଇ ସପ୍ତାହ ହେଲା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ସ୍ତ୍ରୀ ସୁଶାନ୍ତଙ୍କୁ ଛାଡ଼ିଗଲା ପରେ ସେ ଘରେ ରହୁ ନଥିଲେ। ଆଜି ହଠାତ ସେ ରାଜମହଲ ଛକରେ ନିଜ ଦେହରେ



ପେଟ୍ରୋଲ ଢାଳି ହୋଇ ନିଆଁ ଲଗାଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। କ୍ୟାପିଟାଲ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୁଶାନ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲା। ତେବେ ସୁଶାନ୍ତ ଗୁରୁତର ଥିବାରୁ ତାଙ୍କୁ ପରିବାର ଲୋକେ ଏମ୍ସ ଭୁବନେଶ୍ୱରକୁ ନେଇଥିବା ଜଣାପଡ଼ିଛି।

# ଏପ୍ରିଲରେ ମଦ ଦୋକାନ ପାଇଁ ଲଟେରୀ



ଭୁବନେଶ୍ୱର, ୨୭।୩ (ସଂଚାର ବ୍ୟୁରୋ) : ନୂଆ ଅବକାରୀ ନୀତି ଏପ୍ରିଲ୍ ୧ରୁ ଲାଗୁ ହେବାକୁ ଥିବାବେଳେ ମଦ ଦୋକାନ ପାଇଁ ଏପ୍ରିଲରେ ଲଟେରୀ ହେବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଜିଲ୍ଲାପାଳଙ୍କ ଉପସ୍ଥିତିରେ ଏହା ହେବାକୁ ଯାଉଛି । ଆବଶ୍ୟକ ପଡିଲେ ଇଲେକ୍ଟ୍ରୋନିକ୍ସ ଲଟେରୀ କରାଯିବ । ସ୍ୱଚ୍ଛ ପ୍ରକ୍ରିୟା ହେବ । ଯେଉଁ ଦୋକାନ ଗତଥର ଲଟେରୀ ପାଇଥିଲେ, ମାର୍ଚ୍ଚ ୩୧ରେ ସେ ଗୁଡିକର ସମୟସୀମା ସରୁଛି । ତେବେ ସେମାନଙ୍କୁ ଅଧିକ ଦୁଇ ମାସ ସମୟ ମିଳିବ। ୩ ଷ୍ଟାରରୁ ଅଧିକ ହୋଟେଲରେ ବାର୍‌ର ପ୍ରାବଧାନ ଥିବାରୁ, ଅନ୍‌ସପ୍ ଅନୁମତି ମିଳିବ । ହେଲେ ନୂଆ ମଦ ଦୋକାନ ଖୋଲିବ ନାହିଁ । ଯେତିକି ଅଫ୍ ସପ୍ ଥିଲା, ସେ ସବୁର ଏମ୍‌ଜିଇଆର୍ ସ୍ଥିର ହେବ ବୋଲି ଅବକାରୀ ମନ୍ତ୍ରୀ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏପ୍ରିଲ୍ ୧ରୁ ତିନି ବର୍ଷିଆ ନୂଆ ଅବକାରୀ ନୀତି । ନିଶାମୁକ୍ତି ପାଇଁ ଲାଗୁ ହେବ ସ୍ୱତନ୍ତ୍ର ସେସ୍ । ଫଳରେ ମଦ ଦର ବଢ଼ିବ। ନୂଆ ଅବକାରୀ ପଲିସିରେ ମଦ ହୋମ୍ ଡେଲିଭରି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି । ପୁରୀ ବଡ଼ଦାଣ୍ଡରେ ମଦ ଦୋକାନ ମନା । ଏପ୍ରିଲ ୧, ୨୦୨୬ରୁ ମାର୍ଚ୍ଚ ୩୧, ୨୦୨୯ ପର୍ଯ୍ୟନ୍ତ ତିନିବର୍ଷିଆ ନୂଆ ଅବକାରୀ ନୀତି ଆଣିଲେ ରାଜ୍ୟ ସରକାର । ନୂଆ ଅବକାରୀ ନୀତି ଅନୁସାରେ ରାଜ୍ୟରେ ଆଉ ନୂଆ ଅଫ୍ ସପ୍, ଦେଶୀ ମଦ କିମ୍ବା ଆଉଟ୍-ଷ୍ଟିଲ୍ ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ଗ୍ରାମାଞ୍ଚଳରେ ମଧ୍ୟ ନୂଆ 'ଅନ୍ ସପ୍ ' ଦୋକାନ ଖୋଲିବ ନାହିଁ।

# ଘର ଲୋକଙ୍କୁ ମାଡ଼ମାରି ୧୦ ଲକ୍ଷର ସମ୍ପତ୍ତି ଲୁଟ୍

ନୟାଗଡ଼,୨୭।୩(ସଂଚାର ବ୍ୟୁରୋ): ନୟାଗଡ଼ ସଦର ବଳଭଦ୍ରପୁର ଗ୍ରାମର ବୈକୁଣ୍ଠ ସାହୁଙ୍କ ଘରୁ ଗତକାଲି ବିଳମ୍ବିତ ରାତିରେ ଚୋରି ହୋଇଛି। ଲୁଟେରାମାନେ ଘରର ଗ୍ରୀଲ ଓ କବାଟ ଭାଙ୍ଗି ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୩ ଲକ୍ଷ ଟଙ୍କା ଏହିପରି ମୋଟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି କରିନେଇଛନ୍ତି। ବୈକୁଣ୍ଠଙ୍କ ଦେହ ଖରାପ ଥିବାରୁ ସେ ଭୁବନେଶ୍ୱରରେ ଚିକିତ୍ସାଧୀନ ଅଛନ୍ତି। ତେବେ ଘରେ ତାଙ୍କ ପୁଅ ବସନ୍ତ, ବୋହୂ ଓ ନାତି ଥିବା ବେଳେ ଚୋରମାନେ ସେମାନଙ୍କୁ ମାଡ଼ ମାରିବା ସହ ଲୁଟ୍ କରିଛନ୍ତି। ଚୋରମାନଙ୍କ ଆକ୍ରମଣରେ ବସନ୍ତଙ୍କ ସହ ବୋହୂ ଓ ନାତି ଆହତ ହୋଇଛନ୍ତି। ସେପଟେ ସାଇଣ୍ଟିଫିକ ଟିମ୍ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ମରଣାନ୍ତକ ଆକ୍ରମଣରେ ଯୁବକ ଗୁରୁତର

ଡୁଙ୍ଗୁରିପାଲି,୨୭।୩(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଇଚ୍ଛାପୁର ସାନ ଫଟାମୁଣ୍ଡାରେ ଜଣେ ଯୁବକଙ୍କୁ ଭୁଜାଲି ମାଡ଼ ହୋଇଛି। ଏଥିରେ ଯୁବକ ଜଣଙ୍କ ଗୁରୁତର ଭାବେ ଆହତ ହୋଇଥିବାରୁ ତାଙ୍କୁ ପ୍ରଥମେ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭିମସାର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ହୋଇଥିବା ଯୁବକ ଜଣଙ୍କ ସାନ ଫଟାମୁଣ୍ଡା ଗ୍ରାମର ଗୋଲାପ ଭୋଇ ବୋଲି ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ଡୁଙ୍ଗୁରିପାଲି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଆକ୍ରମଣର କାରଣ ସ୍ପଷ୍ଟ ହୋଇପାରିନଥିଲେ ପୂର୍ବ ଶତ୍ରୁତାରୁ ଏହା ହୋଇଥିବା ସନ୍ଦେହ କରାଯାଉଛି। ସୂଚନାନୁସାରେ, ଗୋଲାପ ଶୋଇଥିବା ସମୟରେ ଅଚାନକ ତିନି ଜଣ ଦୁର୍ବୃତ୍ତ ଘରେ ପଶି ତାଙ୍କୁ ଭୁଜାଲିରେ ଅତର୍କିତ ଆକ୍ରମଣ କରିଥିଲେ। ପରେ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ।

# ସ୍କୁଲ୍‌ରେ ନବମ ଶ୍ରେଣୀ ଛାତ୍ରଙ୍କୁ ନିସ୍ତୁକ ମାଡ଼

## ଇନଷ୍ଟାଗ୍ରାମ୍‌ରେ ଭିଡିଓ ଅପଲୋଡ୍, ପୀଡ଼ିତଙ୍କୁ ଧମକଚମକ




ସୁବର୍ଣ୍ଣପୁର,୨୭।୩(ସଂଚାର ବ୍ୟୁରୋ): ସ୍କୁଲ ପରିସରରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି ତିନି ସହପାଠୀ ଓ ଦୁଇ ଜଣ ବାହାର ପିଲା। ବିଧା, ଗୋଇଠା ସହ ଚାପୁଡା ମାରି ସେମାନେ ଛାତ୍ର ଜଣଙ୍କୁ ଆହତ କରିଛନ୍ତି। ଏଥିସହ ଉକ୍ତ ମାଡ଼ ସମୟର ଭିଡିଓ ମଧ୍ୟ ସହପାଠୀମାନେ ସୋସିଆଲ୍ ମିଡିଆ ଇନଷ୍ଟାଗ୍ରାମ୍‌ରେ ଅପଲୋଡ୍ କରିଛନ୍ତି। ଏତିକିରେ ସେମାନଙ୍କ ମନ ବୁଝିନଥିଲା। ପରେ ସେମାନେ ପୀଡ଼ିତ ଛାତ୍ରଙ୍କୁ ଧମକଚମକ ଦେଇଥିବା ଅଭିଯୋଗ ମଧ୍ୟ ଆସିଛି। ସୁବର୍ଣ୍ଣପୁର ଜିଲ୍ଲାର ଏକ ବିଦ୍ୟାଳୟରେ ଏପରି ଅମାନବୀୟ ଘଟଣା ଘଟିଛି। ଆସିଛି ଅମାନବୀୟ ଭିଡିଓ। ଭାଇରାଲ୍ ହୋଇଥିବା ଭିଡିଓରେ ଉକ୍ତ ଛାତ୍ରଙ୍କୁ ତିନି ଜଣ ସହପାଠୀ ଓ ଅନ୍ୟ ଦୁଇ ଜଣ ଭୀଷଣ ମାଡ଼ ମାରୁଥିବାର ଦୃଶ୍ୟରହିଛି। ଛାତ୍ରଙ୍କୁ ଘେରିଯାଇ ସେମାନେ ବିଧା ଗୋଇଠା ମାରୁଛନ୍ତି। ଏହି ସମୟର ଦୃଶ୍ୟକୁ ସେମାନଙ୍କ ମଧ୍ୟରୁ ଜଣେ ପିଲା ଭିଡିଓ ରେକର୍ଡିଂ କରୁଥିବା ମଧ୍ୟ ଦେଖାଯାଇଛି। ପରେ ସେମାନେ ଉକ୍ତ ଭିଡିଓକୁ ଇନଷ୍ଟାଗ୍ରାମରେ ଅପଲୋଡ୍ କରିଛନ୍ତି। ଏଥିସହ ଇନଷ୍ଟାଗ୍ରାମ୍‌ରେ ସେମାନେ ଛାତ୍ର ଜଣଙ୍କୁ ଖୁଲମ୍‌ଖୁଲ୍ଲା ଧମକ ମଧ୍ୟ ଦେଇଛନ୍ତି। ସେମାନେ କହୁଛନ୍ତି, ଏଥର ବଞ୍ଚିଗଲୁ, କିନ୍ତୁ ଆର ଥରକୁ ନୁହେଁ। ଏହି ଭିଡିଓ ଭାଇରାଲ୍ ହେବା ପରେ ଛାତ୍ରଙ୍କ ବାପା ଉଲୁଣ୍ଡା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଅଭିଯୁକ୍ତ ଛାତ୍ରମାନଙ୍କୁ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡ଼ିଛି। ତେବେ ଏପରି ଏକ ସମ୍ବେଦନଶୀଳ ଘଟଣାରେ ଉକ୍ତ ସ୍କୁଲ୍‌ର ପ୍ରଧାନଶିକ୍ଷୟିତ୍ରୀ କିମ୍ବା ବିଭାଗୀୟ ଅଧିକାରୀ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। କିନ୍ତୁ ଖୁବ୍‌ଶୀଘ୍ର ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଏସ୍‌ପି ନାରାୟଣ ନାୟକ କହିଛନ୍ତି।

# ବେଆଇନ ଖନନ ବିରୋଧରେ କଠୋର ଆଭିମୁଖ୍ୟ

● ୨ ବର୍ଷରେ ୨.୫ ହଜାରରୁ ଅଧିକ ମାମଲା ରୁଜୁ

● ୧୦୦ କୋଟିରୁ ଅଧିକ ଜରିମାନା ଆଦାୟ



ଭୁବନେଶ୍ୱର,୨୭।୩(ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ବେଆଇନ ଖଣି କାରବାର ଉପରେ ଚାଲିଛି ଜୋରଦାର ଚଢ଼ାଉ। ଗତ ୨ ବର୍ଷ ମଧ୍ୟରେ ଅବୈଧ ଖଣି ଖନନ ଓ ଖଣିଜ ପଦାର୍ଥର ଚୋରାଚାଲାଣ ନେଇ ପ୍ରାୟ ଅଢ଼େଇ ହଜାର ମାମଲା ରୁଜୁ ହୋଇଛି। ଏଥିସହ ପ୍ରାୟ ୧୦୦ କୋଟି ଟଙ୍କାର ଜୋରିମାନା ମଧ୍ୟ ଆଦାୟ ହୋଇଥିବା ଜଣାପଡ଼ିଛି।

ବିଧାନସଭାରେ ରାଜ୍ୟ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଦେଇଥିବା ଲିଖିତ ଉତ୍ତରରୁ ଜଣାପଡ଼ିଛି ଯେ, ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଫେବୃଆରୀ ମାସ ଶେଷ ସୁଦ୍ଧା ବେଆଇନ ଖଣି କାରବାର ଓ ପରିବହନର ମୋଟ ୧୪୨୧ଟି ମାମଲା ରୁଜୁ ହୋଇଛି। ୫୦୪୫ଟି ଗାଡ଼ି ମଧ୍ୟ ଜବତ କରାଯାଇ ମୋଟ ୫୨.୪୨ କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୨୦୨୪-୨୫ ଆର୍ଥିକ ବର୍ଷରେ ବେଆଇନ ଖଣି କାରବାର ଓ ପରିବହନ ନେଇ ମୋଟ ୧୦୬୨ଟି ମାମଲା ରୁଜୁ ହେବା ସହ ମୋଟ ୪୬୭୬ଟି ଗାଡ଼ି ଜବତ କରାଯାଇଥିଲା। ଜରିମାନା ବାବଦରେ ୪୮.୧୬ କୋଟି ଟଙ୍କା ମଧ୍ୟ ଆଦାୟ ହୋଇଥିଲା।

ସରକାର ବେଆଇନ ଖଣିଜ କାରବାର ଓ ପରିବହନ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବିଶେଷକରି ଲଘୁ ଖଣିଜ ଖନନ ଓ ପରିବହନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏବେ ଏହି କାରବାର ଉପରେ ଅଙ୍କୁଶ ଲାଗିଥିବା ଜଣାପଡ଼ିଛି। ବାଲେଶ୍ୱର, ମୟୂରଭଞ୍ଜ ଓ କଟକ ଭଳି ଜିଲ୍ଲାରେ ବେଆଇନ ପରିବହନ ସବୁଠାରୁ ଅଧିକ ରହିଛି। ବାଲେଶ୍ୱର ଜିଲ୍ଲାରେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଜବତ ଗାଡ଼ି ଓ ଏଫଆଇଆର ସଂଖ୍ୟାରେ ବଡ଼ ଧରଣର ବୃଦ୍ଧି ପରିଲକ୍ଷିତ ହୋଇଛି।

ମନ୍ତ୍ରୀ କହିଛନ୍ତି ଯେ ଲଘୁ ଖଣିଜ ପଦାର୍ଥର ବେଆଇନ ଉତ୍ତୋଳନ ହେଉଥିବା କେତେକ ନିର୍ଦ୍ଦିଷ୍ଟ 'ହଟସ୍ପଟ୍' ବା ସମ୍ବେଦନଶୀଳ ତହସିଲକୁ ମଧ୍ୟ ଚିହ୍ନଟ କରାଯାଇଛି। ଏହି ତାଲିକାରେ ଅନୁଗୁଳର କଣିହା, ବାଲେଶ୍ୱରର ଜଳେଶ୍ୱର, କଟକର ବାରଙ୍ଗ, ଯାଜପୁରର ଧର୍ମଶାଳା ଓ ଖୋର୍ଦ୍ଧାର ଟାଙ୍ଗୀ ଭଳି ତହସିଲଗୁଡ଼ିକୁ ସବୁଠାରୁ ସମ୍ବେଦନଶୀଳ ବୋଲି ଦର୍ଶାଯାଇଛି। ଏହି ତହସିଲ ଅଞ୍ଚଳରେ ବାଲି, ମୋରମ୍ ଓ ପଥର ଖଣିର ବେଆଇନ ଖନନ ଓ ପରିବହନ ହେଉଥିବାରୁ ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ ଓ ଚଢ଼ାଉକୁ ଆହୁରି ଜୋରଦାର କରାଯାଇଛି।

# ପୂର୍ବତନ ସାଂସଦ ନାରାୟଣ ସାହୁଙ୍କ ପରଲୋକ



ଢେଙ୍କାନାଳ,୨୭।୩(ସଂଚାର ବ୍ୟୁରୋ): ପୂର୍ବତନ ସାଂସଦ ତଥା ୨ ଥର ବିଧାୟକ ଡ. ନାରାୟଣ ସାହୁଙ୍କର ଆଜି ୮୮ ବର୍ଷ ବୟସରେ ପରଲୋକ ହୋଇଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ଆଜି ମୃତ୍ୟୁବରଣ କରିଛନ୍ତି। ୪ ଦିନ ତଳେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ତାଙ୍କୁ ଭୁବନେଶ୍ୱରର ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱର୍ଗତଃ ଡ. ସାହୁଙ୍କ ଘର ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ଗେହ୍ଲେଇକାଟେଣୀ ଗ୍ରାମରେ ହୋଇଥିବା ବେଳେ ସେ ୧୯୭୧ରୁ ୧୯୭୭ ପର୍ଯ୍ୟନ୍ତ ପାଲଲହଡ଼ା ଆସନରୁ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିରୁ କ୍ରମାଗତ ଭାବେ ଦୁଇ ଥର ବିଧାୟକ ହୋଇଥିଲେ। ପରେ ଭାରତୀୟ ଜାତୀୟ କଂଗ୍ରେସରୁ ମଧ୍ୟ ୧୯୮୦ରୁ ୧୯୮୪ ପର୍ଯ୍ୟନ୍ତ ଦେବଗଡ଼ ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।। ଜଣେ ଲୋକ ପ୍ରତିନିଧି ଭାବେ ଡ. ସାହୁ ଉଭୟ ପାଲଲହଡ଼ା ବିଧାନସଭା ଓ ଦେବଗଡ଼ ଲୋକସଭା ନିର୍ବାଚନମଣ୍ଡଳୀରେ ବେଶ ଲୋକପ୍ରିୟ ଥିଲେ। ତେବେ ତାଙ୍କୁ ପାଠପଢ଼ା ନିଶା ଘାରିବା ଫଳରେ ଡ. ସାହୁ ୧୯୮୪ରେ ରାଜନୀତିରୁ ସନ୍ନ୍ୟାସ ନେଇ ପୁଣି ଥରେ ଛାତ୍ର ଜୀବନକୁ ଫେରିଥିଲେ। ୮୧ ବର୍ଷ ବୟସରେ ୨୦୦୯ରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ପିଜି କରିବା ସହ ଦର୍ଶନ ଶାସ୍ତ୍ରରେ ମଧ୍ୟ ଡକ୍ଟରେଟ ଲାଭ କରିଥିଲେ। ଏପରିକି ସେ ଅନେକ ବହି ଓ ଉପନ୍ୟାସ ମଧ୍ୟ ରଚନା କରିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ



## ନିବେଶକ ହରାଇଲେ ୮.୫ ଲକ୍ଷ କୋଟି

# ସେନ୍‌ସେକ୍ସ ୧୬୯୦ ପଏଣ୍ଟ୍ ଖସିଲା



ମୁମ୍ବାଇ, ୨୭।୩: ଇରାନ-ଆମେରିକା ଯୁଦ୍ଧକୁ ନେଇ ଲାଗିରହିଥିବା ଅନିଶ୍ଚିତତାର ପ୍ରଭାବ ଆଜି ସେୟାର ବଜାରରେ ଦେଖିବାକୁ ମିଳିଥିଲା। ନିବେଶକମାନେ ବିପୁଳ ସେୟାର ବିକ୍ରି କରିବାରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୧୬୯୦ ପଏଣ୍ଟ୍ ହ୍ରାସ ପାଇ ୭୩,୫୮୧ ପଏଣ୍ଟ୍‌ରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍‌ଟି ୪୮୬ ପଏଣ୍ଟ୍ ହ୍ରାସ ପାଇ ୨୨,୮୧୯ ପଏଣ୍ଟ୍‌ରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ ୮.୫ ଲକ୍ଷ କୋଟି ଟଙ୍କା ହରାଇଥିବା ଆକଳନ କରାଯାଇଛି।

ପାଞ୍ଚଦିନ ପାଇଁ ଇରାନ ତୈଳ ଭିତ୍ତିଭୂମି ଉପରେ କୌଣସି ଆକ୍ରମଣ କରାଯିବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଯୁଦ୍ଧ ଶୀଘ୍ର ସରିବ ବୋଲି ଆଶା ଜାଗ୍ରତ ହୋଇଥିଲା। କିନ୍ତୁ ସେ ଦିଗରେ ବାସ୍ତବରେ କୌଣସି କଥା ଆଗକୁ ବଢ଼ୁନଥିବାରୁ ଆଜି ନିବେଶକମାନେ ଚିନ୍ତିତ ହୋଇପଡ଼ିଥିଲେ। ମଧ୍ୟପ୍ରାଚ୍ୟରେ ସାମରିକ ଗତିବିଧି ବଢ଼ିବା ଖବର ମଧ୍ୟ ସାମ୍ନାକୁ ଆସୁଛି। ନିବେଶକମାନେ ଏବେ ସ୍ଥିତିକୁ ନେଇ ସ୍ପଷ୍ଟ ସଙ୍କେତ ଚାହୁଁଛନ୍ତି। ଆଜିର ହ୍ରାସ ପଛରେ ଆହୁରି ଅନେକ କାରଣ ରହିଛି। ଗତକାଲି ରାମ ନବମୀ ପାଇଁ ଷ୍ଟକ୍ ବଜାରରେ କାରବାର ବନ୍ଦ ଥିଲା। ଆଜି ଥିଲା ଚଳିତ ସପ୍ତାହର ଶେଷ କାରବାର ଦିନ। କିଛି ନିବେଶକ ଲାଭ ପାଇବା ଆଶାରେ ସେୟାର ବିକ୍ରି କରିଛି। ଆଉ କିଛି ସୋମବାର ବେଳକୁ ସ୍ଥିତି ଅଧିକ ବିଗିଡ଼ିବା ଆଶଙ୍କା କରି ସେୟାର ବିକିଛନ୍ତି। ଏସିଆର ଅନ୍ୟ ଦେଶଗୁଡ଼ିକର ସେୟାର ବଜାର ହ୍ରାସ ପାଇଛି। ଆମେରିକାରେ ସେୟାର ବଜାର ଅସ୍ଥିର ରହିଛି। କିନ୍ତୁ ବଜାର ପାଇଁ ସବୁଠୁ ବଡ଼ ଚିନ୍ତା ହେଉଛି ଅଶୋଧିତ ତୈଳ ଦର ଯାହା ବ୍ୟାରେଲ୍ ପିଛା ୧୧୦ ଡଲାରକୁ ବୃଦ୍ଧି ପାଇଛି। ତେଲ ମହଙ୍ଗା ରହିଲେ ତାହା ଭାରତର ମୁଦ୍ରାସ୍ଫୀତି ଓ କର୍ପୋରେଟ୍ ସଂସ୍ଥାର ଲାଭକୁ ପ୍ରଭାବିତ କରିବା ଆଶଙ୍କା ଥିବାରୁ ନିବେଶକମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଆଜି ସେୟାର ବଜାରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ସେୟାର ମୂଲ୍ୟ ୪ ପ୍ରତିଶତ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୩ ପ୍ରତିଶତ, ଏଲ୍‌ଆଣ୍ଡ୍‌ଟିର ୨ ପ୍ରତିଶତ ହ୍ରାସ ପାଇଥିଲା। ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ, ଏସ୍‌ବିଆଇ, ମାରୁତି ଓ ଟାଇଟାନ୍‌ର ସେୟାର ମୂଲ୍ୟ ମଧ୍ୟ ହ୍ରାସ ପାଇଛି।



# ରୁପା ମୂଲ୍ୟରେ ୧୫ ହଜାର ଟଙ୍କା ହ୍ରାସ

ଭୁବନେଶ୍ୱର: ଆଜି ଭୁବନେଶ୍ୱରରେ ରୁପା ମୂଲ୍ୟ ୧୫ ହଜାର ଟଙ୍କା ହ୍ରାସ ପାଇଛି। ଫଳରେ ତାହାର କେଜି ପିଛା ଦାମ ୨,୪୫,୦୦୦ ଟଙ୍କା ହୋଇଛି। ଗତ କିଛି ଦିନ ଧରି ଉଭୟ ସୁନା ଓ ରୁପା ଦର ଅସ୍ଥିର ରହିଛି। ଯୁଦ୍ଧକୁ ନେଇ ଅନିଶ୍ଚିତତା ଲାଗି ରହିଥିବାରୁ ଏଭଳି ହେଉଥିବା ବିଶେଷଜ୍ଞମାନେ କହିଛନ୍ତି। ତେବେ ଆଜି ୨୨ କ୍ୟାରେଟ ସୁନା ଦାମ ୧୫୦ ଟଙ୍କା ବଢ଼ି ୧,୩୨,୬୫୦ ଟଙ୍କା ହୋଇଛି। ସେହିପରି ୨୪ କ୍ୟାରେଟ ସୁନା ମୂଲ୍ୟ ୧୬୦ ଟଙ୍କା ବଢ଼ି ୧,୪୪,୭୧୦ ଟଙ୍କା ହୋଇଛି। ଯୁଦ୍ଧପାଇଁ ନିବେଶ ବଜାରରେ ଅନିଶ୍ଚିତତା ସହ କ୍ଷତିର ପରିବେଶ ଦେଖାଦେଇଛି। ହେଲେ ଏବେ ପାଞ୍ଚଦିନର ଯୁଦ୍ଧ ବିରତି ସେୟାର୍ ବଜାର ଉପରେ ଭଲ ପ୍ରଭାବ ପକାଇବ ବୋଲି ନିବେଶକମାନେ ଆଶାବାଦୀ ଅଛନ୍ତି। ଇରାନ-ଇସ୍ରାଏଲ୍-ଆମେରିକା ମଧ୍ୟରେ ଯୁଦ୍ଧ ପାଇଁ ଏବେ ବିଶ୍ୱ ବଜାରରେ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଛି। ଅଶୋଧିତ ତୈଳ ଦରରେ ବୃଦ୍ଧି, ବିଭିନ୍ନ ଆବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଓ ଟଙ୍କାର ମୂଲ୍ୟରେ ବଡ଼ ହ୍ରାସ ଆମ ଅର୍ଥନୀତିକୁ ଅଡୁଆରେ ପକାଇ ଦେଇଛି। ଇରାନ ଯୁଦ୍ଧ ପରଠାରୁ ଏବେ ବିଶ୍ୱ ବଜାରରେ ତୈଳ ଓ ଗ୍ୟାସ୍ ସଂକଟ ବି ଦେଖିବାକୁ ମିଳିଛି।

# 'ମାଲାବାର'ର ୨୦୦ କୋଟିର ସିଏସ୍ଆର୍ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୨୭।୩: ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍ସ ପକ୍ଷରୁ ନୂଆଦିଲ୍ଲୀର ଆମ୍ବେଦକର ଇଣ୍ଟରନ୍ୟାସନାଲ୍ ସେଣ୍ଟର୍‌ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୨୦୦ କୋଟି ଟଙ୍କାର ସିଏସ୍ଆର୍ କାର୍ଯ୍ୟକ୍ରମ ଉନ୍ମୋଚନ କରାଯାଇଛି। ଏହି ଅବସରରେ ଅତିଥି ଭାବେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍ ପି ଅହମ୍ମଦ, ପରିଚାଳନା ନିର୍ଦ୍ଦେଶକ ଅସିର୍, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିଷାଦ ଏ କେ ଓ ଅବଦୁଲ୍ଲା ଇବ୍ରାହିମ ଓ କେରଳ ହାଉସ୍ ରେସିଡେଣ୍ଟ୍ କମିସନର ପୁନିତ କୁମାର, ପ୍ରଥମର ସିଇଓ ରୁକ୍ମିଣୀ ବାନାର୍ଜୀ ଓ ଥାନାଲ୍‌ର ଅଧ୍ୟକ୍ଷ ଡ. ଇଡ୍ରିସ୍ ଉପସ୍ଥିତ ଥିଲେ।ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗୋୟଲ କହିଥିଲେ ଯେ ମାଲାବାରର ଏହି ସିଏସ୍ଆର୍ କାର୍ଯ୍ୟକ୍ରମ ଦେଶର ପ୍ରଗତିକୁ ଅଧିକ ମଜବୁତ କରିବ। ସେ କମ୍ପାନିର ଉଦ୍ୟମକୁ ପ୍ରଶଂସା କରିଥିଲେ। ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଶ୍ରୀ ଅହମ୍ମଦ କହିଥିଲେ ଯେ ଉଲ୍ଲେଖନୀୟ ସିଏସ୍ଆର୍ ନିବେଶ ଜରିଆରେ ଦୀର୍ଘକାଳୀନ ସାମାଜିକ ପ୍ରଭାବ ସୃଷ୍ଟି କରିବାକୁ ମାଲାବାର ଗ୍ରୁପ୍ ପ୍ରତିବଦ୍ଧ ରହିଛି। ୨୦୨୬-୨୭ରେ କମ୍ପାନି ଦେଶର ୧୯ଟି ରାଜ୍ୟର ୩୦୦୦ରୁ ଅଧିକ ସ୍ଥାନରେ ୧୫ଟି ପ୍ରମୁଖ କାର୍ଯ୍ୟକ୍ରମରେ ସିଏସ୍ଆର୍ ପାଣ୍ଠି ଖର୍ଚ୍ଚ କରିବ। ଶିକ୍ଷା ପାଇଁ ୧୧୪ କୋଟି ଟଙ୍କା, କ୍ଷୁଧା ମୁକ୍ତ ବିଶ୍ୱ ପାଇଁ ୩୦ କୋଟି ଟଙ୍କା, ସ୍ୱାସ୍ଥ୍ୟ ପାଇଁ ୧୪.୨ କୋଟି ଟଙ୍କା, ଗ୍ରାଣ୍ଡ୍‌ମା ହୋମ୍ ପାଇଁ ୨୫ କୋଟି ଟଙ୍କା, ମାନବିକ କାର୍ଯ୍ୟକଳାପ ପାଇଁ ୬.୮ କୋଟି ଟଙ୍କା ଓ ପରିବେଶ ସୁରକ୍ଷା ଅଭିଯାନ ପାଇଁ ୧୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି।

## ଇପିଏଫଓର ନୂତନ ନିଯୁକ୍ତି ବିଜ୍ଞପ୍ତି

# ଦଶମ ପାସ୍ ଛାତ୍ରଛାତ୍ରୀ ବି କରିପାରିବେ ଆବେଦନ

ନୂଆଦିଲ୍ଲୀ, ୨୭।୩: ସରକାରୀ ଚାକିରି ପାଇଁ ଇଚ୍ଛୁକ ଥିବା ପ୍ରାର୍ଥୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆସିଛି। କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ୨୦୨୬ ବର୍ଷ ପାଇଁ ଏକ ନୂତନ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରିଛି। ଯାହା ଅଧୀନରେ ମୋଟ ୧୫୩ଟି ପଦବୀରେ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯିବ। ଇପିଏଫଓ ହେଉଛି ଭାରତ ସରକାରଙ୍କ ଏକ ସାମ୍ବିଧାନିକ ସଂସ୍ଥା, ଯାହା ବେତନଭୋଗୀ କର୍ମଚାରୀଙ୍କ ପାଇଁ ପିଏଫ ଆକାଉଣ୍ଟ ପରିଚାଳନା କରେ ଏବଂ ସାମାଜିକ ସୁରକ୍ଷା ଯୋଗାଇଦିଏ । ଏହା ସାଢ଼େ ୭ କୋଟିରୁ ଅଧିକ ସଦସ୍ୟଙ୍କୁ ପିଏଫ, ପେନସନ ଏବଂ ବୀମା ସୁବିଧା ପ୍ରଦାନ କରେ । ଆଗ୍ରହୀ ଏବଂ ଯୋଗ୍ୟ ପ୍ରାର୍ଥୀମାନେ




ଇପିଏଫଓର ସରକାରୀ ୱେବସାଇଟ୍, epfindia.gov.in କୁ ଯାଇ ଅନଲାଇନରେ ଆବେଦନ କରିପାରିବେ। କୌଣସି ଅସୁବିଧା ଏଡାଇବା ପାଇଁ ପ୍ରାର୍ଥୀମାନଙ୍କୁ ଶେଷ ତାରିଖ ପୂର୍ବରୁ ସେମାନଙ୍କର ଆବେଦନ ପୂରଣ କରିବାକୁ ପରାମର୍ଶ ଦିଆଯାଇଛି। ଏହି ନିଯୁକ୍ତି ଅଧୀନରେ ମୋଟ ୧୫୩ ପଦବୀ ପୂରଣ କରାଯିବ। ଏଥିରେ ଲୋୟର ଡିଭିଜନ କ୍ଲର୍କ (ଏଲଡିସି) ଏବଂ ଜୁନିଅର ସେକ୍ରେଟାରିଆଲ୍ ଆସିଷ୍ଟାଣ୍ଟ (ଏଏସଏ) ପଦବୀ ଅନ୍ତର୍ଭୁକ୍ତ ରହିଛି।

ଏହି ନିଯୁକ୍ତି ପାଇଁ ଆବେଦନ କରିବାକୁ, ପ୍ରାର୍ଥୀମାନେ ଏକ ସ୍ୱୀକୃତିପ୍ରାପ୍ତ ବୋର୍ଡରୁ ଦଶମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ଏହାସହିତ, ପ୍ରାର୍ଥୀମାନଙ୍କର ମୌଳିକ କମ୍ପ୍ୟୁଟର ଜ୍ଞାନ ରହିବା ଉଚିତ। ଏହି ନିଯୁକ୍ତିରେ ଚୟନ ହେବା ପରେ ପ୍ରାର୍ଥୀମାନେ ପ୍ରତି ମାସରେ ୧୮୦୦୦ ରୁ ୫୬,୯୦୦ ପର୍ଯ୍ୟନ୍ତ ଦରମା ପାଇ ପାରିବେ। ପ୍ରାର୍ଥୀମାନଙ୍କୁ ଅନେକ ପର୍ଯ୍ୟାୟ ମାଧ୍ୟମରେ ଚୟନ କରାଯିବ। ପ୍ରଥମେ, ଏକ ଅନଲାଇନ୍ ଲିଖିତ ପରୀକ୍ଷା ହେବ, ଯେଉଁଥିରେ ସଫଳ ପ୍ରାର୍ଥୀମାନଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରାଯାଇ ଦସ୍ତାବିଜ ଯାଞ୍ଚ ହେବ। ସମସ୍ତ ପର୍ଯ୍ୟାୟ ସଫଳତାର ସହ ସମାପ୍ତ ହେବା ପରେ ହିଁ ଅନ୍ତିମ ଚୟନ କରାଯିବ। ପ୍ରାର୍ଥୀମାନେ ପ୍ରଥମେ ଇପିଏଫଓର ସରକାରୀ ୱେବସାଇଟ୍, epfindia.gov.inକୁ ଯିବେ। ସେଠାରେ ନିଯୁକ୍ତି ବିଜ୍ଞପ୍ତି ଖୋଲିବେ। ଏଠାରେ ଲେଖାଥିବା 'ଆପଲାଏ ଅନଲାଇନ' ଉପରେ କ୍ଲିକ୍ କରିବେ। ପ୍ରାର୍ଥୀମାନଙ୍କୁ ପ୍ରଥମେ ପଞ୍ଜୀକରଣ କରିବାକୁ ପଡିବ।ଏହାପରେ ଲଗ୍‌ଇନ୍ କରି ଆବେଦନ ଫର୍ମ ପୂରଣ କରିବାକୁ ହେବ। ସମସ୍ତ ଆବଶ୍ୟକୀୟ ସୂଚନା ଠିକ୍ ଭାବରେ ପ୍ରବେଶ କରି ଆବଶ୍ୟକୀୟ ଡକ୍ୟୁମେଣ୍ଟ୍ ଅପଲୋଡ୍ କରିବେ। ଫର୍ମ ଦାଖଲ କରିବା ପରେ, ଏକ ପ୍ରିଣ୍ଟଆଉଟ୍ ବାହାର କରି ନିଜ ପାଖରେ ରଖିବେ।

# ମୋବାଇଲ୍ ଆଇ ଟେଷ୍ଟିଂ ଭ୍ୟାନର ଶୁଭାରମ୍ଭ

ଭୁବନେଶ୍ୱର, ୨୭।୩: ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର କଳିଙ୍ଗା ଏବଂ ଇଣ୍ଡିଆନ ବ୍ୟାଙ୍କର CSR ପଦକ୍ଷେପ ସହଯୋଗରେ ଏକ ବିଶେଷ ଭାବେ ପ୍ରସ୍ତୁତ ମୋବାଇଲ୍ ଆଇ ଟେଷ୍ଟିଂ ଭ୍ୟାନର ଶୁଭାରମ୍ଭ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଜୟଦେବ ବିହାର ସ୍ଥିତ ଓଡ଼ିଶା ଜ୍ଞାନ କର୍ପୋରେସନ ଲିମିଟେଡ (ଓକେସିଏଲ) ପରିସରରେ ଏହାର ଶୁଭାରମ୍ଭ ହୋଇଛି। ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ଡିଷ୍ଟ୍ରିକ୍ଟ ଗଭର୍ନର, ଆରଆଇ ଡିଷ୍ଟ୍ରିକ୍ଟ ୩୨୬୨, ଭ୍ୟାନଟିକୁ ଔପଚାରିକ ଭାବେ ଶୁଭାରମ୍ଭ କରିଥିଲେ। ସେହିପରି ଶ୍ରୀମତୀ ଅରୁଣା ଏମ୍, ଫିଲ୍ଡ ଜେନେରାଲ ମ୍ୟାନେଜର, ଇଣ୍ଡିଆନ ବ୍ୟାଙ୍କ ଏହି ଭ୍ୟାନଟିକୁ କଟକ ଜେପିଏମ ରୋଟାରୀ ଆଇ ହସ୍ପିଟାଲକୁ ଔପଚାରିକ ଭାବେ ହସ୍ତାନ୍ତର କରିଥିଲେ। ଏହି ହସ୍ପିଟାଲ ଭ୍ୟାନଟିକୁ ପରିଚାଳନା କରି ଓଡ଼ିଶାର ଦୂର- ଦୂରାନ୍ତ ତଥା ସେବାରୁ ବଞ୍ଚିତ ଅଞ୍ଚଳଗୁଡ଼ିକରେ ନିଶୁଳ୍କ ଆଖି ଚିକିତ୍ସା ସେବା ପ୍ରଦାନ କରିବ। ପୂର୍ବତନ ସଭାପତି ରୋଟାରିଆନ୍ ଅଜିତ କୁମାର ମହାପାତ୍ର, ''ପ୍ରୋଜେକ୍ଟ ରାଇଟ୍ସ ସାଇଟ୍''ର ଅଧ୍ୟକ୍ଷ ଭାବେ ଏହି ପ୍ରକଳ୍ପର ସମନ୍ୱୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ରୋଟାରିଆନ ଡ. ମନୋରଞ୍ଜନ ପୁଥାଳ, ଅଧ୍ୟକ୍ଷ ରୋଟାରୀ କ୍ଲବ୍ ଅଫ ଭୁବନେଶ୍ୱର କଳିଙ୍ଗା ଏବଂ ଓକେସିଏଲ ପ୍ରବନ୍ଧ ନିର୍ଦ୍ଦେଶକ, କହିଥିଲେ- "ଏହି 'ରାଇଟ୍ସ ସାଇଟ୍' ପଦକ୍ଷେପ ରୋକି ପାରିବା ଯୋଗ୍ୟ ଅନ୍ଧତ୍ୱକୁ ଦୂର କରିବାରେ ଏକ ମାଇଲ ଷ୍ଟୋନ ସାବ୍ୟସ୍ତ ହେବ। ମୋବାଇଲ୍ ଆଇ ଟେଷ୍ଟିଂ ଭ୍ୟାନ ମାଧ୍ୟମରେ ଗୁଣାତ୍ମକ ଆଖି ସେବା ସିଧାସଳଖ ଭାବରେ ଅବହେଳିତ ଓ ଅସହାୟ ଲୋକମାନଙ୍କ ପାଖକୁ ପହଞ୍ଚିବ।" ଡିଷ୍ଟ୍ରିକ୍ଟ ଗଭର୍ନର ରୋଟାରିଆନ ମନୋଜ କୁମାର ତ୍ରିପାଠୀ ମତ ପ୍ରକାଶ କରିଥିଲେ ଯେ, ଏପରି ପଦକ୍ଷେପ ସମାଜକୁ ଗୁଣାତ୍ମକ ସେବା ପହଞ୍ଚାଇବାରେ ଅତ୍ୟାବଶ୍ୟକ ଏବଂ ସେ ଏହି ପ୍ରକଳ୍ପର ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଜଣାଇଥିଲେ।






# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୬,୮୯୦ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୪,୬୫୦ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୬,୮୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୩୪,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୪୬,୮୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୩୪,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୪୭,୦୪୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୩୪,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୬,୭୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୬,୮୯୦ ଓ ୧,୩୪,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୦,୦୦୦ ଟଙ୍କା ହୋଇଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୭ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୮ ପଇସା ରହିଛି ।

# ସୋଆ ଆଇବିସିଏସ୍ ପକ୍ଷରୁ କନ୍‌ଭର୍ଜେନ୍ସ-୨୦୨୬ ଆୟୋଜିତ

ଭୁବନେଶ୍ୱର,୨୭।୩ (ସଂଚାର ବ୍ୟୁରୋ)ଃ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ (ଆଇବିସିଏସ୍) ପକ୍ଷରୁ ଗତ ମାର୍ଚ୍ଚ ୨୪ ଏବଂ ୨୫ ଦୁଇ ଦିନ ଧରି ବାର୍ଷିକ ଉତ୍ସବ 'କନ୍‌ଭର୍ଜେନ୍ସ -୨୦୨୬' ଆୟୋଜିତ ହୋଇଯାଇଥିବା ବେଳେ ଭୁବନେଶ୍ୱରର ୧୪ଟି ବିଭିନ୍ନ ବି-ସ୍କୁଲ ଏବଂ କଲେଜରୁ ପ୍ରାୟ ୧୨୫ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଯୋଗଦେଇଥିବା ଛାତ୍ରଛାତ୍ରୀମାନେ ସଙ୍ଗୀତ, ନୃତ୍ୟ, କୁଇଜ୍, ଅଭିନୟ ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର - କର୍ପୋରେଟ ଆଫେୟାର୍ସ ଆଣ୍ଡ ଗଭର୍ଣ୍ଣମେଣ୍ଟ ରିଲେସନ୍ସ ଶ୍ରୀ ସୁଧୀ ରଞ୍ଜନ ମିଶ୍ର ଯୋଗ ଦେଇଥିବା ବେଳେ ୯୩.୫ ରେଡ ଏଫ୍‌ଏମ୍ ରେଡିଓର ଆରଜେ ନୀଲ୍ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।



କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିବା ବେଳେ ଫ୍ୟାକଲ୍ଟି ମେମ୍ବର, ଗବେଷକ ଓ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ।

କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି, ଆସୋସିଏଟ୍ ଡିନ୍ ପ୍ରଫେସର ମନୋରଞ୍ଜନ ଦାସ ଏବଂ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ବକ୍ତବ୍ୟ ରଖିଥିଲେ।

କନ୍‌ଭର୍ଜେନ୍ସ ୨୦୨୬ର ସଂଯୋଜକ ଭାବେ ଡକ୍ଟର ଆଶୀଷ ମହାନ୍ତି କାର୍ଯ୍ୟ କରିଥିବା ବେଳେ ଡକ୍ଟର ପାର୍ଥୋ ପ୍ରତୀମ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଅଧ୍ୟକ୍ଷତା କରିଥିବା ବେଳେ ଜେପିଏଚ୍ ଏକ୍ସପୋର୍ଟ୍ସ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ, ଏକ୍ସପୋର୍ଟ ଡିଭିଜନ୍ ଶ୍ରୀ ଜେ.ପି ସିଂ ଯୋଗ ଦେଇଥିଲେ। କନ୍‌ଭର୍ଜେନ୍ସ -୨୦୨୬ର ସଂଯୋଜକ ଡକ୍ଟର ବସନ୍ତ ପାଢ଼ୀ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିବା ବେଳେ କୃତି ପ୍ରତିଯୋଗୀ, ଫ୍ୟାକଲ୍ଟି, କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ମହାବୀର ସେବା ଟ୍ରଷ୍ଟର ରାମନବମୀ ପାଳନ



ସୁନ୍ଦରଗଡ଼,୨୭।୩ (ସଂଚାର ବ୍ୟୁରୋ)ଃ ରାମନବମୀ ପାଇଁ ଅଟଳ ଛକ ଠାରେ ଥିବା ମହାବୀର ସେବାଟ୍ରଷ୍ଟ ପକ୍ଷରୁ ଆଜି ରାମନବମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଆଜି ସକାଳ ୮ଟାରେ ପୂଜା ଆରମ୍ଭ ହୋଇଥିଲା। ପୂଜକ ଦୀନବନ୍ଧୁ ଦାସ ଓ କର୍ତ୍ତା ଭାବେ ଜିତେନ୍ଦ୍ର ରଣା ପୂଜାରେ କଳସ ସ୍ଥାପନା ସହ ପୂଜା ଆରମ୍ଭ ହୋଇଥିଲା। ଶହଶହ ଭକ୍ତ ମହାବୀରଙ୍କ ଦର୍ଶନ କରିଥିଲେ। ରାମନବମୀ ପାଇଁ ମହାବୀର ସେବାଟ୍ରଷ୍ଟ ପକ୍ଷରୁ ଅଟଳ ଛକକୁ ଗେରୁଆମୟ କରାଯାଇଛି। ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ସହ ସୁନ୍ଦରକାଣ୍ଡ, ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଆଜି ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଛି। ପ୍ରତିଦିନ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା କୁସୁମ ଟେଟେ, ପୌର ଅଧକ୍ଷା ତନୟା ମିଶ୍ର, ସଦର ଉପଖଣ୍ଡ ପୋଲିସ ଅଧିକାରୀ ନିର୍ମଳ ମହାପାତ୍ର , ଯୁବ କଂଗ୍ରେସ ନେତା ରିତେଶ ପଟେଲ, ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଅଜୟ ପଟେଲ ପ୍ରମୁଖ ଯୋଗଦେଇଛନ୍ତି। ରାମନବମୀ ପରେ ମନ୍ଦିର ର ଉନ୍ନତିକରଣ ସହ ଆଗାମୀ ଦିନରେ ମହାବୀର ଟ୍ରଷ୍ଟ ପକ୍ଷରୁ ବ୍ୟପକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଟ୍ରଷ୍ଟର ସଭାପତି ଶୋଭନ ହୋତା ସୂଚନା ଦେଇଛନ୍ତି।

## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମ ନବମୀ ପାଳିତ



ବେତନଟୀ,୨୭।୩ (ସଂଚାର ବ୍ୟୁରୋ)ଃ ବେତନଟୀ ପ୍ରଖଣ୍ଡ ବିଶ୍ୱ ହିନ୍ଦୁପରିଷଦ ପକ୍ଷରୁ ଶ୍ରୀରାମ ନବମୀ ବ୍ଲକ ପରିସରରେ ବାବା ଶ୍ରୀଶ୍ରୀ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ପ୍ରଖଣ୍ଡସଭାପତି ଶ୍ରୀ ଅଜୟ କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱନାଥ ହେମ୍ବ୍ରମ ୩୪ନଂ ଜିଲ୍ଲାପରିଷଦ, ଅବସରପ୍ରାପ୍ତ ବି ସେ ଏନ୍‌ଏଲ ସୁପରଭାଇଜର ପରମାନନ୍ଦ ବେହେରା, ବଜରଙ୍ଗ ଦଳ ପ୍ରମୁଖ ସୁବ୍ରତ ନନ୍ଦ ଗୋସ୍ୱାମୀ, ପଣ୍ଡିତ ପୂଜକ ଚନ୍ଦ୍ରକାନ୍ତ ଆଚାର୍ଯ୍ୟ,ନରେନ୍ଦ୍ର ନନ୍ଦଗୋସ୍ୱାମୀ ଯୋଗଦାନ କରିଥିଲେ ମନ୍ଦିର ପୂଜକ ଚନ୍ଦ୍ରକାନ୍ତ ଆଚାର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ ଶେଷରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

## ଗଞ୍ଜାମ ସହରରେ ଶ୍ରୀରାମ ନବମୀ ପାଳିତ



ଛତ୍ରପୁର,୨୭।୩ (ସଂଚାର ବ୍ୟୁରୋ)ଃ ଶ୍ରୀରାମ ନବମୀ ପାଳନ କରିବା ଅବସରରେ, ଗଞ୍ଜାମ ସହରସ୍ଥିତ ମିନି ଷ୍ଟାଡିୟମ୍‌ରେ ଅନ୍ତର୍ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ଗଞ୍ଜାମ ଶାଖା ପକ୍ଷରୁ ବିଶେଷ ସଭା ଆୟୋଜିତ ହୋଇଯାଇଛି। ସଭାରେ ଅନ୍ତର୍ରାଷ୍ଟ୍ରୀୟ ହିନ୍ଦୁ ପରିଷଦର ସଂସ୍ଥାପକ ଅଧ୍ୟକ୍ଷ ଡ଼ଃ ପ୍ରବୀଣ ଭାଇ ତୋଗାଡ଼ିଆ ଯୋଗଦେଇ ଉଦବୋଧନ ଦେଇଥିଲେ। ସେ ଧାର୍ମିକ ଏକତା, ସମାଜିକ ସଚେତନତା ଓ ଯୁବପିଢ଼ୀରେ ନେତୃତ୍ୱ ଗୁଣବଳୀ ବିକାଶ ପାଇଁ ଜୋର ଦେଇଥିଲେ। ତାଙ୍କର ଉଦବୋଧନରେ ସମସ୍ତଙ୍କୁ ଏକତା, ସହଯୋଗ ଓ ଧାର୍ମିକ ସମ୍ମାନ ବଢ଼ାଇବାର ଆହ୍ୱାନ କରାଯାଇଥିଲା।

ସଭା ପୂର୍ବରୁ ଡ଼ଃ ପ୍ରବୀଣ ଭାଇ ତୋଗାଡ଼ିଆଙ୍କୁ ସ୍ୱାଗତ କରାଯାଇଥିଲା ଓ ସେ ନଗର ପରିକ୍ରମା ପାଇଁ ବାଇକ୍ ରାଲିରେ ସମର୍ଥକଙ୍କ ସହ ଯୋଗ ଦେଇଥିଲେ। ଏହି ପରିକ୍ରମା ଦ୍ୱାରା ସମର୍ଥକ, ଯୁବ ଓ ହିନ୍ଦୁ ପ୍ରେମୀମାନଙ୍କ ମଧ୍ୟରେ ଉତ୍ସାହ ଓ ଏକତାର ଭାବ ଦେଖାଯାଇଥିଲା।

ସଭାରେ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ବିଶ୍ୱନାଥ ପାତ୍ର, ଅନ୍ତର୍ରାଷ୍ଟ୍ରୀୟ ହିନ୍ଦୁ ପରିଷଦର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଏବଂ ଆସାମ-ଓଡ଼ିଶା ପ୍ରଭାରୀ ମହାମନ୍ତ୍ରୀ ମନୋଜ କୁମାର ସାହୁ, ଓଡ଼ିଶା ପୂର୍ବ ସଭାପତି ଶ୍ରୀ ଦୀପକ କୁମାର ମହନ୍ତ, ଗଞ୍ଜାମ ଜିଲ୍ଲା ସଭାପତି ଶ୍ରୀ ପୀତବାସ ସାହୁ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳର ଜିଲ୍ଲା ଅଧ୍ୟକ୍ଷ ଶ୍ରୀ ସନ୍ତୋଷ କୁମାର ଖଟେଇ ମଧ୍ୟ ସଭାରେ ଉପସ୍ଥିତ ଥିଲେ।

## ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା



ନୀଳଗିରି,୨୭।୩ (ସଂଚାର ବ୍ୟୁରୋ)ଃ ପବିତ୍ର ଶ୍ରୀ ରାମ ନବମୀ ଉପଲକ୍ଷେ ନୀଳଗିରି ଶ୍ରୀରାମ ସେନା ପକ୍ଷରୁ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟା ୬ଘଟିକା ସମୟରେ ଜଗନ୍ନାଥ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରା ରେ ବାହାରି ବଜାର ପରିକ୍ରମା କରି ନୀଳଗିରି ବସ ଷ୍ଟାଣ୍ଡ ଠାରେ ପହଞ୍ଚିଥିଲେ । ପରେ ବସଷ୍ଟାଣ୍ଡ ଠାରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଉତ୍ତର ପ୍ରଦେଶରୁ ବାହୁବଳୀ ହନୁମାନ ଆଜିର ବିଶେଷ ଆକର୍ଷଣ ଥିବାବେଳେ ଏକ ରଥରେ ରାମ, ସୀତା ଓ ଲକ୍ଷ୍ମଣ ବେଶରେ ସୁସଜ୍ଜିତ ହୋଇ ଧନୁ ତୀର ଧରି ତିନିଜଣ ବାଳିକା ରାମ ଲକ୍ଷ୍ମଣ ଓ ସୀତାଙ୍କ ଅଭିନୟ କରିଥିଲେ। ଆଗରେ ନୃତ୍ୟ,ଗୀତ ସହିତ ଜୟ ଶ୍ରୀରାମ ଧ୍ୱନୀ ରେ ନୀଳଗିରି ସହର ପ୍ରକମ୍ପିତ ହୋଇଥିଲା। ଏଥି ସହିତ ରାମ ସେନା ଭାବେ ହନୁମାନ, ଜାମ୍ବବାନ, ବାନର ସେନା ଉପସ୍ଥିତ ଥିଲେ। ଏହି ଶୋଭା ଯାତ୍ରାରେ ବାଲେଶ୍ୱର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଔପଦା ବ୍ଲକ ଦୁଇ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ଉଷାରାଣି ରାଉଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ମନୋରଞ୍ଜନ ବେହେରା, ସାରସ୍ୱତୀ ନନ୍ଦ ପ୍ରମୁଖ ବହୁ ନାରୀନେତ୍ରୀ, ଶ୍ରୀରାମ ଭକ୍ତ ଏହି ପଦ ଯାତ୍ରାରେ ସାମିଲ ଥିଲେ।

## ଧୂମ୍‌ଧାମ୍‌ରେ ପାଳିତ ହେଲା ରାମନବମୀ



କାକଟପୁର/ଅସ୍ତରଙ୍ଗ, ୨୭।୩ (ସଂଚାର ବ୍ୟୁରୋ)ଃ ପବିତ୍ର ରାମ ନବମୀ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ, କାକଟପୁର ବ୍ଲକର ବିଭିନ୍ନ ମନ୍ଦିର ସହ ରାମମନ୍ଦିର ମାନଙ୍କରେ ଭକ୍ତଙ୍କ ଲମ୍ବା ଧାଡି ଲାଗିଥିଲା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ରଘୁନାଥପୁର, ରଘୁନାଥଜୀଉ ମଠ ସହ ହରିଣହୁଳାରେ ରାମନବମୀ ପୂଜା ପାଇ ବେଶ ଚଳଚଞ୍ଚଳ ହୋଇଥିଲା। ନିର୍ଧାରିତ ନୀତିକାନ୍ତି ଅନୁଯାୟୀ ପ୍ରାତଃ ସାଢେ ୫ଟାରେ ମଙ୍ଗଳଆଳତୀ ପରେ ଠାକୁରଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଏହା ସହ ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ଶ୍ରୀଯୁକ୍ତ ସୁଦର୍ଶନ ସ୍ୱାଇଁ, ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ସାଂସଦଙ୍କ ପୁରୀ ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି ରାକେଶ ବିଶ୍ୱାଳ ପ୍ରମୁଖ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଶାଳ ବାଇକ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସମସ୍ତଙ୍କ ପାଇଁ ଭାଇଚାରାର ପ୍ରତୀକ ହେଉ ବୋଲି ସେମାନେ ଆଶା ପ୍ରକାଶ କରିଥିଲେ। ଅସ୍ତରଙ୍ଗ ବ୍ଲକ ସ୍ଥିତ ହୀରାଦେଈପୁର ସ୍ଥିତ ରଘୁନାଥଜୀଉ ମଠ ନିକଟରୁ ଏକ ବିଶାଳ ବାଇକି ଶୋଭାଯାତ୍ରା ବାହାରି ଅସ୍ତରଙ୍ଗ ବଜାର ପରିକ୍ରମା କରିଥିଲା। ପରେ କାକଟପୁର ବିଶ୍ୱମିତ୍ର ଆଶ୍ରମରୁ ମିହିର ରଞ୍ଜନ ଦୀକ୍ଷିତିଙ୍କ ନେତୃତ୍ୱରେ ବିଶାଳ ବାଇକ ରାଲି ସହ ସମ୍ବଲପୁରୀ ବାଦ୍ୟ, ଘଣ୍ଟ ପାଟୁଆ, ଘୋଡା ନାଚ ସହ କାକଟପୁର ବଜାର ପରିକ୍ରମା କରିଥିଲେ।

## ଓଡ଼ିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ




ଯାଜପୁର,୨୭।୩ (ସଂଚାର ବ୍ୟୁରୋ)ଃ ଏପ୍ରିଲ ୧ ରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ଏବଂ ଯାଜପୁର ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ କରିବା ଉପଲକ୍ଷେ ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶ୍ରୀ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦେବୀ ପ୍ରସାଦ ମହାନ୍ତି ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ କାମିନୀ ରଞ୍ଜନ ପଟ୍ଟନାୟକ ଓଡ଼ିଶା ଦିବସ ପାଳନର କାର୍ଯ୍ୟ ଖସଡା ପାଠ କରିଥିଲେ। ଯାଜପୁର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ସମାରୋହରେ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଉତ୍ସବ ପାଳନର ବିଭିନ୍ନ ଦିଗ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଓଡ଼ିଶା ଦିବସ ଅବସରରେ ପ୍ରତ୍ୟୁଷରେ ଉତ୍କଳ ବନ୍ଦନା ଗାନ, ପ୍ରଭାତ ଫେରି, ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ହସ୍ପିଟାଲ ରୋଗୀ, ବାଳାଶ୍ରମ ଏବଂ କାରାଗାର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଫଳ ବଣ୍ଟନ, କାର୍ଯ୍ୟାଳୟରେ ଆଲୋକ ସଜ୍ଜା, ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ବିଷୟ ଆଲୋଚନା ହୋଇଥିଲା। ଏହି ଉପଲକ୍ଷେ ସ୍କୁଲ ଏବଂ କଲେଜ୍ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡ଼ିଶା ଦିବସ ଖୁବ୍ ସୁନ୍ଦର ଭାବେ ଆୟୋଜନ କରିବା ପାଇଁ ଜିଲ୍ଲାପାଳ କହିଥିଲେ। ମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ଯାଏଁ ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳିତ ହେବାକୁ ଯାଉଛି। ଏହି ଦିନମାନଙ୍କରେ ପାରମ୍ପରିକ ପୋଷାକ ପରିଧାନ, ପାରମ୍ପରିକ ଓଡ଼ିଆ ଖାଦ୍ୟର ପ୍ରଚାର, ଓଡ଼ିଶା ଇତିହାସ ସମ୍ବନ୍ଧୀୟ ଆଲୋଚନା ଚକ୍ର ଏବଂ କୁଇଜ୍, ସ୍ୱଚ୍ଛତା ଅଭିଯାନ, ଓଡ଼ିଆରେ ନାମଫଳକ ଅଭିଯାନ, ଯୁବ ଲେଖକ ସମ୍ମିଳନୀ ଭଳି ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ବୈଠକ ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସତ୍ୟବ୍ରତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋଲିଲା ଶାନ୍ତି ଟାଇଲ୍ସ ଓ ମାର୍ବଲ ଶୋ' ରୁମ୍



ଯାଜପୁର ରୋଡ଼, ୨୭।୩(ସଂଚାର ବ୍ୟୁରୋ)ଃ ଯାଜପୁର ରୋଡରେ ଖୋଲିଲା ଶାନ୍ତି ଟାଇଲସ ଏବଂ ମାର୍ବଲ ନୂତନ ଅତ୍ୟାଧୁନିକ ସୋ ରୁମ। ଏହି ସୋ ରୁମଟି ବ୍ୟାସନଗର ଚୋରଦା ସ୍ଥିତ ଭି.ଏନ୍. ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଅବସ୍ଥିତ ହୋଇଥିବା ବେଳେ ଏହି ସୋ ରୁମରେ ଅତ୍ୟାଧୁନି ଡିଜାଇନ ଓ ମଡେଲ ର ଟାଇଲସ ଓ ମାର୍ବଲସ ଉଚିତ ଦାମରେ ମିଳୁଥିବା ବ୍ୟବସାୟ ପ୍ରତିଷ୍ଠାନର ସ୍ୱତାଧିକାରୀ ଅଭିଷେକ ବେହୁରା ସୂଚନା ଦେଇଥିଲେ । ଏକ ଘ ର ସୌନ୍ଦର୍ଯ୍ୟକୁ ବଢ଼ାଇବାକୁ ହେଲେ ଟାଇଲସ ଓ ମାର୍ବଲସ ର ଆବଶ୍ୟକତା ରହିଥିବା ବେଳେ ଶାନ୍ତି ଟାଇଲସ ସମସ୍ତଙ୍କ ପାଇଁ ନେଇଆଣିଛି ଏକ ଅପୂର୍ବ ସମ୍ଭାର। ସକାଳୁ ଅନୁଷ୍ଠାନିକ ଭାବେ ପୂଜକଙ୍କ ଦ୍ୱାରା ପୂଜାକାଯ୍ୟ ଆରମ୍ଭ କରାଯାଇଥିବା ବେଳେ କର୍ତ୍ତା ଓ କର୍ତ୍ତୀ ଭାବେ କାଶୀନାଥ ବେହୁରାଙ୍କ ସୁପୁତ୍ର ରାଜେନ୍ଦ୍ର ବେହୁରା ଓ ବହୁ ବନିତା ହେହୁରା ଯୋଗ ଦେଇଥିଲେ । ଆଜିର ଏହି ଶୁଭ ଉଦ୍ଘାଟନୀ ଅବସରରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଆଇନଜୀବୀ ମାନେ ଉପସ୍ଥିତ ରହିଥିଲେ।

## ବିଧାୟିକାଙ୍କ ହାତ ପାଣ୍ଠିରେ ବାସନ୍ତୀ ମଣ୍ଡପର ପୁନରୁଦ୍ଧାର



ବାଲିଆପାଳ, ୨୭।୩(ସଂଚାର ବ୍ୟୁରୋ)ଃ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ପଞ୍ଚାୟତର ପାରଦିପା ଠାରେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା ପୁରାତନ ବାସନ୍ତୀ ମଣ୍ଡପର ପୁନରୁଦ୍ଧାର ପାଇଁ ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା ବସ୍ତା ବିଧାୟିକା ସୁବାସିନୀ ଜେନା ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟିକା ତାଙ୍କ ହାତ ପାଣ୍ଠିରୁ ୨ ଲକ୍ଷ ୯୦ ହଜାର ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ।ଉକ୍ତ ମଣ୍ଡପକୁ ନବୀକରଣ କରାଯାଇଛି। ଗୁରୁବାର ଅଷ୍ଟମୀ ପୂଜା ଦିନ ଏହାର ଶୁଭ ଉଦ୍ଘାଟନ କରାଯାଇଛି।ଏହା ବ୍ୟତିତ ସାମ୍ବାଦିକ ରାଧାକୃଷ୍ଣ ଜେନା ମହିଳା ମାନଙ୍କ ସୁବିଧା ନିମନ୍ତେ ନାଟ ମଣ୍ଡପ କୁ କଂକ୍ରିଟ କରିବାପାଇଁ ସରପଞ୍ଚଙ୍କୁ ପ୍ରସ୍ତାବ ଦେଇଥିଲେ। ପଞ୍ଚାୟତ ପକ୍ଷରୁ ୧ ଲକ୍ଷ ଟଙ୍କା ଅର୍ଥ ରାଶିରେ ମଧ୍ୟ ନାଟ ମଣ୍ଡପକୁ କଂକ୍ରିଟ କରାଯାଇଛି। ଏହି ଶୁଭ ଉଦ୍ଘାଟନ ସମୟରେ ପୂର୍ବ ତନ ସରପଞ୍ଚ ଶରତ ପ୍ରଧାନ, ସନ୍ୟାସୀ ପ୍ରଧାନ, ଦେବେନ୍ଦ୍ର ଗିରି, ହରେନ୍ଦ୍ର ଗିରି, ପ୍ରସାନ୍ତ ପ୍ରଧାନ, କିଶୋର ପାତ୍ର, ମାନସ ଦାସ, ରାଜୀବ ଜେନା, ବୈକୁଣ୍ଠ ଜେନ ପ୍ରମୁଖ ଉପସ୍ଥିତ ଥିଲେ।

## କଳାକାର ପରିବାର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ



ବାରିପଦା, ୨୭।୩(ସଂଚାର ବ୍ୟୁରୋ)ଃ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ବାରିପଦା କଳାକାର ପରିବାର ଆନୁକୂଲ୍ୟରେ ଆଜି ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଅଛି । ପରିବାରର ସଭାପତି ସନ୍ତୋଷ ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନାଟ୍ୟ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ନାଟକ ମଣିଷର ସାମାଜିକ ଚଳଣିକୁ ପ୍ରଭାବିତ କରିଥାଏ ବୋଲି ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ନାଟକ ସମାଜର ଦର୍ପଣ ଭାବେ କାର୍ଯ୍ୟ କରିଥାଏ ବୋଲି ନିଜର ମତପୋଷଣ କରିଥିଲେ । ମୁଖ୍ୟ ବକ୍ତା ପ୍ରାକ୍ତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ନାଟକର ଇତିହାସ ଉପରେ ଆଲୋକପାତ କରିଥିଲେ ।

ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସମ୍ପାଦକ ଅସିତ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ଓଡିଶା ନାଟ୍ୟ ସଂଘର ମୟୁରଭଞ୍ଜ ଜିଲ୍ଲା ସଂଯୋଜକ ଜ୍ଞାନରଞ୍ଜନ ପଣ୍ଡା ପ୍ରଖ୍ୟାତ ନାଟ୍ୟକାର ଉଇଲେମ ଡାଫୋଙ୍କ ବିଶ୍ୱ ନାଟ୍ୟ ଦିବସ ସନ୍ଦେଶ - ୨୦୨୬ ପାଠକରିଥିଲେ । ଏହି ଅବସରରେ ରାଜ୍ୟସ୍ତରୀୟ "ରବୀନ୍ଦ୍ର ସମ୍ମାନ' ରେ ସମ୍ମାନିତ ହୋଇଥିବା ବିଶିଷ୍ଟ ଅଭିନେତା, ନାଟ୍ୟକାର, ମଞ୍ଚ ଓ ସିନେ ନିର୍ଦ୍ଦେଶକ ତଥା ବାରିପଦା କଳାକାର ପରିବାରର ଉପଦେଷ୍ଟା ଚିନ୍ମୟ ଦାସ ପଟ୍ଟନାୟକଙ୍କୁ କଳାକାର ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି ଡଃ କୁମରମଣି ନାୟକ, ଉପଦେଷ୍ଟା ଶ୍ରୀ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଆଶିଷ କୁମାର ବସା ପ୍ରମୁଖ ଯୋଗଦେଇ ଆଜିର ଦିବସ ଉପରେ ଆଲୋକପାତ କରିବାସହ ବାରିପଦାରେ ମଞ୍ଚ ନାଟକ ପ୍ରତି ଦର୍ଶକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି ବୋଲି ପ୍ରକାଶ କରିଥିଲେ ।

## ସୁନ୍ଦରଗଡ଼ରେ ଧୂମ୍‌ଧାମରେ ପବିତ୍ର ରାମ ନବମୀ ପାଳିତ



ସୁନ୍ଦରଗଡ଼, ୨୭।୩(ସଂଚାର ବ୍ୟୁରୋ)ଃ ପବିତ୍ର ରାମ ନବମୀ ଅବସରରେ ସୁନ୍ଦରଗଡ ସହରରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ଏହି ପବିତ୍ର ଅବସରରେ ଶହଶହ ଶ୍ରଦ୍ଧାଳୁଙ୍କ ଯୋଗଦାନରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ସୁନ୍ଦରଗଡ ସ୍ଥିତ ମାଁ ସମଲେଇ ମନ୍ଦିର ପ୍ରାଙ୍ଗଣରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ହାତରେ ଧ୍ୱଜ ପତାକା, ମୁହଁରେ ଭକ୍ତିର ଉତ୍ସାହ ଓ "ଜୟ ଶ୍ରୀ ରାମ" ନାରାରେ ମୁଖରିତ ହୋଇ ଶହଶହ ଭକ୍ତ ବାଇକ୍ ଯୋଗେ ସହର ପରିକ୍ରମା କରିଥିଲେ।ଶୋଭାଯାତ୍ରାଟି ମା ସମଲେଇ ମନ୍ଦିରରୁ ବାହାରି ପଞ୍ଚମୁଖୀ ହନୁମାନ ମନ୍ଦିର, ରାଉରକେଲା ଛକ, ଡିଆରଡିଏ ଛକ ହୋଇ ହସ୍ପିଟାଲ୍ ଛକ ପର୍ଯ୍ୟନ୍ତ ପହଞ୍ଚିଥିଲା। ପରେ ଏହା ସଙ୍କରା ଅଞ୍ଚଳକୁ ଯାଇ ପୁଣି ହସ୍ପିଟାଲ୍ ଛକକୁ ଫେରିଥିଲା। ଏହାପରେ ରଙ୍ଗାଡିପା ଛକ, ସୁନାରୀପଡ଼ା ଓ ରିଯେନ ମାର୍କେଟ ହୋଇ ସାରା ସହର ପରିକ୍ରମା କରି ପୁଣି ମାଆ ସମଲେଇ ମନ୍ଦିରରେ ଶୋଭାଯାତ୍ରାର ସମାପ୍ତି ହୋଇଥିଲା।ଶୋଭାଯାତ୍ରା ସମୟରେ ସହରର ବିଭିନ୍ନ ସ୍ଥାନରେ ଭକ୍ତମାନେ ଫୁଲବର୍ଷା କରି ଯାତ୍ରାକୁ ସ୍ୱାଗତ କରିଥିଲେ। ଡିଜେ ଓ ଭକ୍ତିମୟ ସଙ୍ଗୀତରେ ସମସ୍ତ ପରିବେଶ ଉତ୍ସବମୟ ହୋଇଯାଇଥିଲା। ବିଶେଷ କରି ଯୁବମାନଙ୍କ ଭାଗୀଦାରି ଏହି ଶୋଭାଯାତ୍ରାକୁ ଆହୁରି ଉତ୍ସାହମୟ କରିଥିଲା। ଶୃଙ୍ଖଳିତ ଭାବେ ବାଇକ୍ ଚଳାଇ ଭକ୍ତମାନେ ନିଜର ଧାର୍ମିକ ଭାବନା ପ୍ରକାଶ କରିଥିଲେ।

ସୁରକ୍ଷା ବ୍ୟବସ୍ଥାକୁ ନଜର ରଖି ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଯାତାୟାତକୁ ସୁଚାରୁ ରଖିବା ପାଇଁ ବିଭିନ୍ନ ଛକରେ ପୋଲିସ କର୍ମଚାରୀ ମୁତାୟନ ହୋଇଥିଲେ।

## ପବିତ୍ର ରାମ ନବମୀରେ ବିଶାଳ ଶୋଭାଯାତ୍ରା



ସତ୍ୟବାଦୀ, ୨୭।୩ (ସଂଚାର ବ୍ୟୁରୋ)ଃ ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରୀରାମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସତ୍ୟବାଦୀ ମହୋତ୍ସବ କମିଟି ଓ ଶ୍ରୀରାମ ଜନ୍ମ ମହୋତ୍ସବ ଅନୁଷ୍ଠାନ ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକ ଛକ ନିକଟସ୍ଥ ବାଟ ମହାବୀର ମନ୍ଦିର ଠାରୁ ସାକ୍ଷୀଗୋପିନାଥ ରାମ ମନ୍ଦିର ପର୍ଯ୍ୟନ୍ତ ଏହି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ଏହି ଶୋଭାଯାତ୍ରାରେ ପାରମ୍ପରିକ ଗୋଟିପୁଅ ନୃତ୍ୟ, ନାଗା ନୃତ୍ୟ, ସଂକୀର୍ତ୍ତନ ମଣ୍ଡଳୀ ଓ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ବେଶରେ କୁନି ପିଲାମାନେ ଶୋଭାଯାତ୍ରାର ଶୋଭା ବର୍ଦ୍ଧନ କରିଥିଲେ। ସତ୍ୟବାଦୀ ମହୋତ୍ସବ କମିଟିର ସଭାପତି ଓମପ୍ରକାଶ ମିଶ୍ର, ସମ୍ପାଦକ ଦୀପକ ଶତପଥୀ, ଯୁଗ୍ମ ସମ୍ପାଦକ ଭବାନୀ ଶଙ୍କର ନନ୍ଦ, ସଂଯୋଜକ ଜାନକୀ ବଲ୍ଲଭ ବରାଳ, କୋଷାଧକ୍ଷ ପ୍ରିୟରଞ୍ଜନଙ୍କ ସମେତ ଶତାଧିକ ଯୁବକ ଓ ମହିଳା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ନାରାରେ ଗୁଞ୍ଜରିତ ହୋଇଥିଲା ସମଗ୍ର ଅଞ୍ଚଳ। ଏହି ଅବସରରେ ଶ୍ରୀରାମ ମନ୍ଦିର ନିକଟରେ ରାମଚନ୍ଦ୍ରଙ୍କ ଆଳତୀ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡଃ ସମ୍ବିତ ପାତ୍ର ସାଂସଦ ପୁରୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ଶ୍ରୀ ରାମ ଜନ୍ମ ମହୋତ୍ସବ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ସତ୍ୟବାଦୀ ଦାଶ ଓ ସମ୍ପାଦକ ଶ୍ରୀ ବାଳକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

ବିଳମ୍ବିତ ରାତି ପର୍ଯ୍ୟନ୍ତ ଆରାଧନା ଭଜନ ସନ୍ଧ୍ୟାର କଣ୍ଠଶିଳ୍ପୀ ସୌଭାଗ୍ୟ ପ୍ରହରାଜ, ଚିତ୍ତରଞ୍ଜନ ସାମନ୍ତରାୟ, କାଜଲ , ଦେବସ୍ମିତା ହୋତା ପ୍ରମୁଖ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ସାକ୍ଷୀଗୋପାଳ ମନ୍ଦିରର ରୋଷଘରର ନବୀକରଣ ପାଇଁ ବିଧାୟକ ଓମ ପ୍ରକାଶ ମିଶ୍ର ନଡ଼ିଆ ବାଡେଇ ଶିଳାନ୍ୟାସ କରିଥିଲେ। ସେଠାରେ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସଭ୍ୟ ରତିକାନ୍ତ ମିଶ୍ର ମନ୍ଦିର ର ସେବାୟତମାନେ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲ।

## ଡେରାବିଶ ବ୍ଲକର ବିଭିନ୍ନ ସ୍ଥାନରେ ମା' ବାସନ୍ତୀଙ୍କ ପୂଜା ଉତ୍ସବ



ଡେରାବିଶ, ୨୭।୩(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତର ନାଲୁବାବା ଆଶ୍ରମ, ଚାନ୍ଦୋଳ ପଞ୍ଚାୟତର ଚାନ୍ଦୋଳ, ବସପୁର ପଞ୍ଚାୟତର ଆରିପଦା ଠାରେ ମା ବାସନ୍ତୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇ ଆସୁଛି। ଗତ ମଙ୍ଗଳବାର ମହାଷ୍ଠୀ ତିଥି ଅବସରରେ ମାଙ୍କ ବିଲ୍ୱବରଣ ରିତୀନୀତି ଅନୁସାରେ ଆରମ୍ଭ ହେବା ପରେ ଗତକାଲି ମହାସପ୍ତମୀ ପୂଜା ଓ ଗୁରୁବାର ମହାଷ୍ଟମୀ ଓ ସନ୍ଧିପୂଜା ଅନୁଷ୍ଠିତ ହୋଇଯାଇଛି। ଆଜି ମହାଷ୍ଟମୀ ଓ ସନ୍ଧୀପୂଜା ପାଇଁ ମାନସିକଧାରୀମାନେ ପଣାହାଣ୍ଡି ଭୋଗ କରିବା ନିମନ୍ତେ ପୂଜା ମଣ୍ଡପମାନଙ୍କରେ ପ୍ରବଳ ଭିଡ଼ ଜମାଇଥିଲେ। ଶ୍ରଦ୍ଧାଳୁମାନେ ଉପବାସ ରହି ମାଙ୍କ ଦର୍ଶନ ସହିତ ପୂଜାର୍ଚ୍ଚନା ପରେ ପ୍ରସାଦ ସେବନ କରିଥିଲେ। ଆସନ୍ତା କାଲି ଶୁକ୍ରବାର ନବମୀ ପୂଜା ଓ ଶନିବାର ଦଶହରା ପର୍ବ ପରେ ମାଙ୍କ ବିସର୍ଜନ କରାଯିବ। ଏହି ଅବସରରେ ସମସ୍ତ ପୂଜା ମଣ୍ଡପରେ ସନ୍ଧ୍ୟାରେ ଭଜନକୀର୍ତ୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଉଛି।

## ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ



ଡେରାବିଶ, ୨୭।୩(ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ପାଣିଓଳା-୨ ଗ୍ରାମ ସ୍ଥିତ ଶ୍ରୀରାମମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଯାଇଛି। ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବ ଅବସରରେ ଚାରିଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଅଛି। ଗତକାଲି ଶତାଧିକ ଶ୍ରଦ୍ଧାଳୁ ନିକଟସ୍ଥ ପବିତ୍ର ଲୁଣାନଦୀରୁ ପୂଜାର୍ଚ୍ଚନା ପୂର୍ବକ ଜଳପୂର୍ଣ୍ଣ କଳସ ବାଜାବାଣ ଓ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମ କରି ଯଜ୍ଞସ୍ଥଳକୁ ଆଣିଥିଲେ। ପରେ ପରିବତ୍ର କଳସ ସ୍ଥାପନ କରାଯାଇ ଯଜ୍ଞର ଶୁଭାଧିବାସ, ଅଙ୍କୁରାରୋପଣ ଓ ନାମଯଜ୍ଞ ହୋଇଥିବା ବେଳେ ଆଜି ସୂର୍ଯ୍ୟପୂଜା, ଅଗ୍ନିସ୍ଥାପନ, ପ୍ରଭୁ ଶ୍ରୀରାମଙ୍କ ନବଯୌବନ ଦର୍ଶନ ହୋଇଥିବା ବେଳେ ଆସନ୍ତା କାଲି ଭଗବାନ ରାମଙ୍କ ପୁଣ୍ୟ ପ୍ରକଟ କର୍ମ, ଅଭିଷେକ ଓ ନାମସଂକୀର୍ତ୍ତନ କରାଯାଇ ଶନିବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତୀ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ ଜଣାଇଛନ୍ତି। ଏଥିସହିତ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମୂହିକ ପ୍ରସାଦ ସେବନର ବ୍ୟବସ୍ଥା ରହିଛି।

# ଖରାଦିନେ ଅଧିକ ମାତ୍ରାରେ ଫଳ ଖାଆନ୍ତୁ

ଶରୀରକୁ ସୁସ୍ଥ ରଖିବାକୁ କିଏ ବା ନ ଚାହେଁ। ଶରୀରରେ ଜଳୀୟ ଅଂଶକୁ ଠିକ୍ ରଖିବା ପାଇଁ ଲୋକମାନେ ବିଶେଷ କରି ଗରମ ଦିନରେ ଅତ୍ୟଧିକ ଫଳ ସେବନ କରିଥାନ୍ତି। ବର୍ତ୍ତମାନ କିନ୍ତୁ ସମସ୍ତେ ଡାଏଟ ପାଇଁ ମଧ୍ୟ ଫଳକୁ ବ୍ୟବହାର କରୁଛନ୍ତି। ଆପଣମାନେ ଜାଣିଥିବେ ଫଳରେ ମିନେରାଲ୍ସ ଓ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ। ଅନେକ ସମୟରେ ଡାକ୍ତର ମଧ୍ୟ ଫଳ ଖାଇବାକୁ ପରାମର୍ଶ ଦେଇଥାନ୍ତି। ଯାହା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ। ପ୍ରତିଦିନ ଫଳ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢିଥାଏ। କିନ୍ତୁ ଆପଣ ଜାଣିଛନ୍ତି କି ଗ୍ରୀଷ୍ମଋତୁରେ କେଉଁ ଫଳକୁ ଅତ୍ୟଧିକ ଖାଇବା ଦ୍ୱାରା କଣ ସବୁ କ୍ଷତି ହୋଇଥାଏ। ତେବେ ଆସନ୍ତୁ ସେହି ୫ଟି ଫଳ ବିଷୟରେ ଜାଣିବା।

ଲିଚୁଃ ଲିଚୁ କୋଳି ଖାଇବାକୁ ସାଧାରଣତଃ ସମସ୍ତେ ଭଲପାଆନ୍ତି। ବିଶେଷ କରି ଖରାଦିନେ ଲିଚୁ କୋଳି ଦେଖିଲେ ପାଟିରେ ପାଣି ମଧ୍ୟ ଆସିଯାଏ। ଏଥିରେ ସୁଗାରର ମାତ୍ରା ଅଧିକ ଥାଏ। କିନ୍ତୁ ଏହାକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଝାଡା ଓ ପେଟ ଯନ୍ତ୍ରଣା ଭଳି ସମସ୍ୟା ହୋଇପାରେ।

ସପୁରୀଃ ଖଟା ମିଠାକୁ ପସନ୍ଦ କରୁଥିବା ଲୋକେ ସପୁରୀ ଖାଇବା ପାଇଁ ବେଶ ଭଲ ପାଆନ୍ତି। ସପୁରୀରେ ଖଟା ଅଂଶ ଥିବାରୁ ଏସିଡିଟି ଏବଂ ପେଟ ଜଳାପୋଡା ଭଳି ସମସ୍ୟା ଦେଖା ଦେଇପାରେ। କିନ୍ତୁ ଯଦି ଆପଣ ସପୁରୀ ଅଧିକ ଖାଆନ୍ତି ତେବେ ପେଟ ଜନିତ ସମସ୍ୟା ହୋଇପାରେ।

ତରଭୁଜଃ ଖରାଦିନରେ ତରଭୁଜ ଖାଇଦେଲେ ଆତ୍ମାକୁ ଶାନ୍ତି ମିଳିଥାଏ। ତରଭୁଜ ଏକ ଏଭଳି ଫଳ ଯାହାକୁ ଖାଇବା ଦ୍ୱାରା ଭୋକ ଓ ଶୋଷକୁ ମେଣ୍ଟାଇଦେଇଥାଏ। ଏହା ଡାଇବେଟିସ୍ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଆଦୌ ଉପଯୋଗୀ ନୁହେଁ।

କଖାରୁଃ କଖାରୁରେ ଅନେକ ଭିଟାମିନ ଭରପୁର ରହିଥାଏ। କଖାରୁର ଅଧିକ ବ୍ୟବହାର ଦ୍ୱାରା ପେଟ ବଥା ହୋଇଥାଏ। ସେଥିପାଇଁ ଖରା ଦିନେ ଅଧିକ କଖାରୁ ଖାଇବା ଠିକ ନୁହେଁ।

ଆମ୍ବଃ ଫଳ ଭିତରେ ଆମ୍ବକୁ ରାଜା ବୋଲି କୁହାଯାଏ। ଆମ୍ବ ଖାଇବାକୁ ସମସ୍ତେ ଖୁବ ଭଲପାଆନ୍ତି। କିନ୍ତୁ ଏଥିରେ ମିଠା ଅଂଶ ଅଧିକ ଥିବାରୁ ଡାଇବେଟିସ ରୋଗୀଙ୍କ ପାଇଁ କ୍ଷତିକାରକ ହୋଇଥାଏ।

ଅମୃତଭଣ୍ଡାଃ କଞ୍ଚା ଅମୃତଭଣ୍ଡାକୁ ଆମେ ରୋଷେଇରେ ବ୍ୟବହାର କରିଥାଉ। ସେହିଭଳି ପାଚିଲା ଅମୃତଭଣ୍ଡା ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ। କିନ୍ତୁ ଏହାର ଅଧିକ ସେବନ ଦ୍ୱାରା ପେଟ ଗରମ ହୋଇଥାଏ। ଯାହା ଫଳରେ ଆପଣଙ୍କ ସ୍ୱାସ୍ଥ୍ୟ ଆହୁରି ଖରାପ ହୋଇପାରେ। ସେଥିପାଇଁ ଖରାଦିନେ ଏହି ସବୁ ଫଳ ଅଧିକ ଖାଇବା ଉଚିତ ନୁହେଁ।



# ରକ୍ତଚାପ ରୋଗୀଙ୍କ ପାଇଁ ପନିର ବେଶ୍ ଫଳପ୍ରଦ

ଆମ ଶରୀର ପାଇଁ ଉତ୍ତମ ଖାଦ୍ୟର ଆବଶ୍ୟକତା ରହିଛି। ତେଣୁ ସୁସ୍ଥ ଶରୀର ପାଇଁ ଆମେ ଅନେକ କିଛି ଜିନିଷ ଖାଇଥାଉ। ଯାହା ଖାଇବା ଦ୍ୱାରା ଉତ୍ତମ ଶରୀର ଗଠନ କରିବାରେ ସହାୟକ ହୋଇଥାଏ। କ୍ଷୀର ଆମ ସୁସ୍ଥ ଶରୀର ପାଇଁ ବେଶ୍ ଲାଭକାରୀ। ପନିର କ୍ଷୀରରୁ ହେଉଥିବାରୁ ଏହା ମଧ୍ୟ ସ୍ୱାସ୍ଥ୍ୟ ପାଇଁ ହିତକର ହୋଇଥାଏ। ପନିର କଞ୍ଚା ହେଉ ଅବା ଭଜା। ଉଭୟକୁ ଲୋକେ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି। କମ କରେ। ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ସମସ୍ତେ ଷ୍ଟ୍ରେସରେ ରହିଥାନ୍ତି। ଯାହା ଷ୍ଟ୍ରେସର ଶିକାରରୁ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପନିର ଏହି ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ଏହା ବ୍ୟତୀତ କଞ୍ଚା ପନିର ମାନସିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସହାୟକ କରିଥାଏ। ଯଦି ହାଡ ଦୁର୍ବଳ ରହିଛି, ତେବେ ଆପଣ କଞ୍ଚା ପନିର ଖାଇବା ଆରମ୍ଭ କରନ୍ତୁ। ଏଥିରେ କ୍ୟାଲସିୟମ ଏବଂ ଫସଫରସ ଥିବାରୁ ହାଡ ପାଇଁ ଲାଭକାରୀ ହୋଇଥାଏ। ଯାହା ଦୁର୍ବଳ ହାଡକୁ ମଜବୁତ କରିଥାଏ। ଯଦି ଆପଣ ଶରୀରରେ କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ କରୁଛନ୍ତି, ତେବେ ଆପଣଙ୍କୁ ଆପଣଙ୍କ ଖାଦ୍ୟରେ ପୁଷ୍ଟିକର ଖାଦ୍ୟ ଖାଇବା ଉଚିତ। ଆପଣଙ୍କୁ ଜଣାଇ ଦେଉଛୁ ଯେ କଞ୍ଚା ପନିରରେ ପ୍ରୋଟିନ ସହିତ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ଆପଣଙ୍କ ଶରୀରର କ୍ଲାନ୍ତି ଏବଂ ଦୁର୍ବଳତା ଦୂର କରିବାରେ ସାହାଯ୍ୟ କରିପାରେ। ଏତିକି ନୁହେଁ ରକ୍ତଚାପ ରୋଗୀଙ୍କ ପାଇଁ ବେଶ୍ ଫଳପ୍ରଦ ହୋଇଥାଏ। ତେଣୁ ଯଦି ଆପଣ ଏହି ସବୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ କଞ୍ଚା ପନିର ଖାଇବା ଲିଷ୍ଟରେ ଆଡ୍ କରନ୍ତୁ। କିନ୍ତୁ ହଁ ଆଜ୍ଞା ପନିର ଖରାପ ହୋଇ ନଥିବା ଆବଶ୍ୟକ।



ନିରାମିଷ ତରକାରୀ ନାଁ ଆସିଲେ ପ୍ରଥମେ ଲୋକେ ପନିର ତରକାରୀକୁ ବାଛିଥାନ୍ତି। ଏହା ଯେତିକି ସ୍ୱାଦିଷ୍ଟ ସେତିକି ଶରୀର ପାଇଁ ହିତକର। ଏଥିରୁ ଆମକୁ ଅନେକ ପୋଷକ ତତ୍ତ୍ୱ ମିଳିଥାଏ। ଯାହା ଆମ ସୁସ୍ଥ ଶରୀର ପାଇଁ ଲାଭକାରୀ ହୋଇଥାଏ। ପନିରରେ ସେଲେନିୟମ୍, କ୍ୟାଲସିୟମ୍, ଫସଫରସ୍ ଏବଂ ପୋଟାସିୟମ୍ ମିଳିଥାଏ। ଯାହା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିପାରେ। ବିଶେଷ କରି ଆମ ବ୍ରେନ୍ ପାଇଁ ଏହା ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ତେଣୁ ଆସନ୍ତୁ ଆଜି ଆମେ ଆପଣଙ୍କୁ କଞ୍ଚା ପନିର ଖାଇବାର ଲାଭ ସମ୍ପର୍କରେ ଜାଣିବା। ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ଓଜନ ପାଇଁ ଚିନ୍ତାରେ ରହିଥାନ୍ତି। ସେଥିପାଇଁ କିଛି ଲୋକେ ଡାଏଟ କରନ୍ତି ତ ଆଉ କିଏ ପୁଣି ଏକ୍ସରସାଇଜ କରିଥାନ୍ତି। କଞ୍ଚା ପନିର ଓଜନ ହ୍ରାସ କରିବାର ସବୁଠାରୁ ସହଜ ଉପାୟ। ଏହା ଓଜନ ନିୟନ୍ତ୍ରଣ କରେ ଏବଂ ଖାଦ୍ୟ ପାଇଁ ଭୋକ ମଧ୍ୟ ସେଥିପ୍ରତି ଧ୍ୟାନ ଦେବା ଜରୁରୀ। ତାଜା ପନିର ସୁସ୍ଥ ଶରୀର ପାଇଁ ଉପଯୋଗୀ। ପନିର ଖାଇବା ପୂର୍ବରୁ ଭଲ ପାଣିରେ ଧୋଇ ଦିଅନ୍ତୁ। ଅଧିକ ପନିର ଖାଆନ୍ତୁ ନାହିଁ କାରଣ ଏହା ଅନ୍ୟାନ୍ୟ ସମସ୍ୟା ସୃଷ୍ଟି କରିପାରେ।

# ଅଧିକ ପାଣି ପିଇବା ଦ୍ୱାରା କିଡନି ଷ୍ଟୋନ୍ ରୋକାଯାଇପାରିବ



କିଡନି ଷ୍ଟୋନ୍ ଏକ ସାଧାରଣ କିନ୍ତୁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ସମସ୍ୟା। ଯେଉଁମାନେ ଏହି ସମସ୍ୟାରେ ପୀଡ଼ିତ ସେମାନେ ପ୍ରାୟତଃ ରିପୋର୍ଟ କରନ୍ତି ଯେ ଏହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ଏହା କେବଳ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରେ ନାହିଁ ବରଂ କେତେକ ସମୟରେ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ମଧ୍ୟ ବାଧ୍ୟ କରିପାରେ। ପରିସଂଖ୍ୟାନ ଦର୍ଶାଏ ଯେ ବହୁ ସଂଖ୍ୟକ ଲୋକ ସେମାନଙ୍କ ଜୀବନର କୌଣସି ସମୟରେ ଏହି ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ବିଶ୍ୱାସ କରାଯାଏ ଯେ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ଦ୍ୱାରା ପରିସ୍ରା ପତଳା ରହିଥାଏ, ଯାହା ମିନେରାଲ୍ସକୁ ଏକାଠି ଲାଗି ରହି ପଥର ସୃଷ୍ଟି ହେବାରୁ ରୋକିଥାଏ। କିନ୍ତୁ ସମସ୍ୟା ହେଉଛି ଯେ ଅଧିକାଂଶ ଲୋକ ଏହି ଅଭ୍ୟାସକୁ ଅଧିକ ସମୟ ଧରି ବଜାୟ ରଖିପାରନ୍ତି ନାହିଁ। ଏହାକୁ ବୁଝିବା ପାଇଁ, ଏକ ବଡ଼ ଅଧ୍ୟୟନ କରାଯାଇଥିଲା। ଯାହା ୟୁରିନାରି ଷ୍ଟୋନ୍ ଡିଜିଜ୍ ରିସର୍ଚ୍ଚ ନେଟୱାର୍କ ଦ୍ୱାରା ପରିଚାଳିତ ଏବଂ ଡ୍ୟୁକ୍ କ୍ଲିନିକାଲ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଦ୍ୱାରା ସମନ୍ୱିତ। ଏହି ଗବେଷଣା ପ୍ରତିଷ୍ଠିତ ମେଡିକାଲ୍ ଜର୍ଣ୍ଣାଲ୍ ଦି ଲାନସେଟରେ ପ୍ରକାଶିତ ହୋଇଥିଲା। ଏହି ଅଧ୍ୟୟନରେ ଯୁକ୍ତରାଷ୍ଟ୍ରର ଛଅଟି ପ୍ରମୁଖ ଚିକିତ୍ସା କେନ୍ଦ୍ରରୁ ମୋଟ ୧୬୫୮ ଜଣ ଅଂଶଗ୍ରହଣକାରୀ ଥିଲେ। ସେଥିରେ କିଶୋର ଏବଂ ବୟସ୍କ ଉଭୟଙ୍କୁ ସାମିଲ କରାଯାଇଥିଲା। ଗବେଷଣାର ଲକ୍ଷ୍ୟ ଥିଲା ଅଧିକ ପାଣି ପିଇବା ପାଇଁ ନିର୍ଦ୍ଦିଷ୍ଟ ପ୍ରେରଣା ବୃକକ୍ ପଥର ପୁନରାବୃତ୍ତିକୁ ରୋକିପାରିବ କି ନାହିଁ ତାହା ନିର୍ଣ୍ଣୟ କରିବା। ଅଂଶଗ୍ରହଣକାରୀମାନଙ୍କୁ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା। ଗୋଟିଏ ଗୋଷ୍ଠୀ ସାଧାରଣ ପରାମର୍ଶ ପାଇଥିଲା, ଯେତେବେଳେ ଅନ୍ୟଟି ଏକ ସ୍ୱତନ୍ତ୍ର "ଜଳହାଇଡ୍ରେସନ୍ ପ୍ରୋଗ୍ରାମ"ରେ ପଞ୍ଜିକୃତ ହୋଇଥିଲା। ପ୍ରାୟ ଦୁଇ ବର୍ଷ ଧରି ଚାଲିଥିବା ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଏହି କାର୍ଯ୍ୟକ୍ରମ ଅନୁସରଣ କରୁଥିବା ଲୋକମାନେ ସେମାନଙ୍କର ପାଣି ପିଇବାକୁ ବୃଦ୍ଧି କରିଛନ୍ତି। ତଥାପି, ଏହି ବୃଦ୍ଧି ବୃକକ୍ ପଥର ପୁନରାବୃତ୍ତିର ବିପଦକୁ ସମ୍ପୂର୍ଣ୍ଣ ହ୍ରାସ କରିବା ପାଇଁ ଯଥେଷ୍ଟ ନୁହେଁ। ଗବେଷକମାନେ କହିଛନ୍ତି ଯେ ପ୍ରକୃତ ଚ୍ୟାଲେଞ୍ଜ ହେଉଛି ଲୋକମାନଙ୍କୁ ଦୀର୍ଘକାଳୀନ ଭାବରେ ଏହି ଅଭ୍ୟାସ ବଜାୟ ରଖିବା। ଯଦିଓ ଲୋକମାନେ ଏହାର ଲାଭ ବୁଝନ୍ତି ଏବଂ ସମର୍ଥନ ପାଆନ୍ତି, ତଥାପି ପ୍ରତିଦିନ ଅଧିକ ପାଣି ପିଇବା ସହଜ ନୁହେଁ। ଏହା ବ୍ୟତୀତ ଏହା ପ୍ରକାଶ ପାଇଲା ଯେ ସମାନ ଲକ୍ଷ୍ୟ ସମସ୍ତଙ୍କ ପାଇଁ ଉପଯୁକ୍ତ ହୋଇନପାରେ। ଶରୀର ଗଠନ, ଜୀବନଶୈଳୀ, ପାଣିପାଗ ଏବଂ ସ୍ୱାସ୍ଥ୍ୟ ଅବସ୍ଥା ଭଳି ଅନେକ କାରଣ ଜଣେ ବ୍ୟକ୍ତିଙ୍କୁ ଆବଶ୍ୟକ ପାଣିର ପରିମାଣ ନିର୍ଣ୍ଣୟ କରେ।

# ପିଲା ରାତି ଅନିଦ୍ରା ହୋଇ ପଢୁଛି କି ?



ପରୀକ୍ଷା ସମୟରେ ପିଲାମାନେ ରାତି ଅନିଦ୍ରା ହେବା ହାନିକାରକ ହୋଇପାରେ। ଗବେଷଣାରୁ ଜଣାପଡିଛି ଯେ ପର୍ଯ୍ୟାପ୍ତ ନିଦ ନ ନେବା ଦ୍ୱାରା ୨୦ରୁ ୪୦ ପ୍ରତିଶତ ଯାଏ ସ୍ମରଣ ଶକ୍ତି କିମିଥାଏ। ଜାଣନ୍ତି କି ପରୀକ୍ଷାରେ ସଫଳତା ପାଇଁ ନିଦ ଜରୁରି ? ପ୍ରାୟ ପିଲା ପଢା ଚକ୍କରରେ ନିଦକୁ ବଳି ଦେଇଥାନ୍ତି, କିନ୍ତୁ ଏହା ଉଭୟ ସ୍ୱାସ୍ଥ୍ୟ ଓ ମସ୍ତିଷ୍କ ଉପରେ କ୍ଷତି ପହଞ୍ଚାଇଥାଏ ବୋଲି ଗବେଷଣାରୁ ଜଣାପଡିଛି। ୨୦୨୧ରେ ସାଇକୋଲୋଜିକାଲ୍ ବୁଲେଟିନ୍ ଜର୍ଣ୍ଣାଲ୍ରେ ପ୍ରକାଶିତ ଏକ ସର୍ଭେ ଅନୁସାରେ ଯଦି ପଢିବା ପରେ ଠିକ୍ ଭାବେ ଆବଶ୍ୟକ ନିଦରେ ନ ଶୁଅନ୍ତି, ତେବେ ପଢିଥିବା ଜିନିଷ ଭିତରୁ ପ୍ରାୟ ୨୦ରୁ ୪୦ ପ୍ରତିଶତ ଯାଏ କମ୍ ମନେ ରହିଥାଏ। ତେଣୁ ମସ୍ତିଷ୍କକୁ ଆରାମ ଦେବା ଖୁବ୍ ଜରୁରି। ଫଳରେ ସ୍ମରଣ ଶକ୍ତି ତୀବ୍ର ହେବା ସହ ପରୀକ୍ଷାରେ କମ୍ ଭୁଲ୍ ହେବାର ଆଶଙ୍କା ରହିଥାଏ। ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ହେଲେ କେବଳ ପଢା ନୁହେଁ, ଭଲ ନିଦ ମଧ୍ୟ ଜରୁରି। ଅନ୍ୟ ଏକ ଗବେଷଣାରୁ ଜଣାପଡିଛି ଯେ ଭଲ ନିଦରେ ଶୋଇବା ଦ୍ୱାରା ପଢିଥିବା ପାଠ ବହୁ ଦିନଯାଏ ମନେ ରହିଥାଏ। ନିଦର ଅଭାବ ରହିଲେ ମସ୍ତିଷ୍କ ସମସ୍ତ ତଥ୍ୟକୁ ମନେ ରଖିବାକୁ ସମୟ ପାଇ ନଥାଏ। ଫଳରେ ପିଲା ତା' ପର ଦିନକୁ ପଢିଥିବା ପାଠର ଅଧାରୁ ଅଧିକ ଭୁଲିଯାଇଥାଏ। ମୋବାଇଲ୍ ଓ ଇଣ୍ଟରନେଟ୍ର ପ୍ରଭାବ ପିଲାଙ୍କ ଉପରେ ଅଧିକ ଦେଖିବାକୁ ମିଳିଥାଏ। ଆଜିକାଲି ସୋସିଆଲ୍ ମିଡିଆରେ ଆସୁଥିବା ଲଗାତାର ନୋଟିଫିକେସନ୍ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇପଡିଛି। ଏହା ପିଲାଙ୍କ ଧ୍ୟାନକୁ ଭାଙ୍ଗିବାର କାମ କରିଥାଏ। ଫଳରେ ପିଲାର ସ୍ଲିପ୍ ସାଇକେଲ୍ ବିଗିଡ଼ି ଚାଲେ। ସ୍ଲିପ୍ ସାଇକେଲ୍ ବିଗିଡ଼ିବା ଦ୍ୱାରା ପିଲାକୁ ଡେରିରେ ଶୋଇବା ସହଜ ଲାଗିଥାଏ। ଏହାବ୍ୟତୀତ ପରୀକ୍ଷା ସମୟରେ ପ୍ରାୟ ପିଲା ଡେରିଯାଏ ପଢିବା ପାଇଁ ରାତିରେ କଫି ବା ଏନର୍ଜି ପାନୀୟର ସାହାରା ନେଇଥାନ୍ତି। ଆରମ୍ଭରେ ଏହା ଖୁସି ଦେଇଥାଏ, କିନ୍ତୁ ପରେ ଲଗାତାର ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ଓ ନିଦ ଉଭୟ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। କିଶୋରବସ୍ଥା ଏମିତି ଏକ ସମୟ, ଯେଉଁ ସମୟରେ ପିଲାମାନେ ନୂଆ ନୂଆ ଜିନିଷ ଶିଖିବା ଓ ବୁଝିବା ପାଇଁ ମସ୍ତିଷ୍କର ବିକାଶ ଜରୁରି ହୋଇଥାଏ। ତେଣୁ ଭରପୂର ନିଦ ଆବଶ୍ୟକ। କାରଣ ଶାନ୍ତିରେ ଶୋଇବା ଦ୍ୱାରା ମସ୍ତିଷ୍କ ସମ୍ପୂର୍ଣ୍ଣ ଭାବେ ଶାନ୍ତ ପଡିଯାଇଥାଏ। ଫଳରେ ଦିନରେ ମସ୍ତିଷ୍କ ସମସ୍ତ ଜିନିଷକୁ ନିଜ ଭିତରେ ଷ୍ଟୋର କରବା ସହଜ ହୁଏ।

# ସୋରିଷ ସ୍ୱାସ୍ଥ୍ୟ ପାଇଁ ବେସ୍ ଉପଯୋଗୀ



ରୋଷେଇରେ ଆମେ ଅନେକ ଜିନିଷ ବ୍ୟବହାର କରୁ। ଏମିତି ଅନେକ ଜିନିଷ ରହିଛି ଯାହା ସ୍ୱାସ୍ଥ୍ୟ ଉପଯୋଗୀ ହୋଇଥାଏ। ରୋଷେଇରେ ମସଲା ଭାବରେ ଆମେ ସୋରିଷକୁ ବ୍ୟବହାର କରିଥାଉ। ଯାହା ଖାଦ୍ୟର ସ୍ୱାଦ ବଢାଇବା ସହିତ ସ୍ୱାସ୍ଥ୍ୟକୁ ମଧ୍ୟ ଠିକ୍ ରଖିଥାଏ। ଏହା ଦେଖିବାକୁ ଖୁବ୍ ଛୋଟ ହୋଇଥିଲେ ମଧ୍ୟ ଏହା ଆମକୁ ଅନେକ ଲାଭ ପ୍ରଦାନ କରିଥାଏ। ପୋଷକ ତତ୍ତ୍ୱରେ ଭରପୁର ହୋଇଥିବା ସୋରିଷ ଖାଦ୍ୟ ପ୍ରସ୍ତୁତ କରିବାରେ ବ୍ୟବହାର କରାଯାଏ। ଏହାକୁ ଖାଦ୍ୟରେ ଛୁଙ୍କ କରିବା ପାଇଁ ବ୍ୟବହାର କରାଯାଏ। ସୋରିଷ ମଞ୍ଜିରେ ଆଇରନ୍, କ୍ୟାଲସିୟମ୍, ସେଲେନିୟମ୍, ଫସଫରସ୍ ଭଳି ଅନେକ ପୋଷକ ତତ୍ତ୍ୱ ମିଳିଥାଏ। ଯାହା ହାଡକୁ ସୁସ୍ଥ ରଖିବା ସହ ହଜମ ଶକ୍ତି ପାଇଁ ମଧ୍ୟ ଭଲ ହୋଇଥାଏ। ଏହା ବ୍ୟତୀତ ସୋରିଷ ସ୍ୱାସ୍ଥ୍ୟକୁ ଆହୁରୀ ଅନେକ ଲାଭ ମଧ୍ୟ ଦେଇଥାଏ। ତେବେ ଆସନ୍ତୁ ଜାଣିବା ସୋରିଷ ସ୍ୱାସ୍ଥ୍ୟ ପାଇଁ କିଭଳି ଲଭଦାୟକ ହୋଇଥାଏ। ସୋରିଷ ହଜମ ପ୍ରକ୍ରିୟା ପାଇଁ ମଧ୍ୟ ବହୁତ ଭଲ ହୋଇଥାଏ। ଯେଉଁ ଲୋକଙ୍କୁ ହଜମ ହେବାରେ ସମସ୍ୟା ଅଛି, ସେମାନଙ୍କ ପାଇଁ ସୋରିଷ ଏକ ଭଲ ଉପଚାର ହୋଇଥାଏ। ବାସ୍ତବରେ ଏହା ଫାଇବରରେ ଭରପୂର ହୋଇଥାଏ। ଯାହା ଅନ୍ତନାଳୀର ଗତିକୁ ସହଜ କରିବାରେ ସାହାଯ୍ୟ କରେ। ଯାହାଦ୍ୱାରା ହଜମ ଶକ୍ତି ବୃଦ୍ଧି ହୋଇଥାଏ। ସୋରିଷ ହାଡକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରିଥାଏ। ଏଥିରେ ସେଲେନିୟମ ନାମକ ତତ୍ତ୍ୱ ଅଛି, ଯାହା ଆପଣଙ୍କ ହାଡକୁ ଶକ୍ତିଶାଳୀ କରିଥାଏ। ଏହା ବ୍ୟତୀତ, ଏହି ମଞ୍ଜିରେ ଥିବା ଅଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ମଧ୍ୟ ନଖ ଓ ଦାନ୍ତକୁ ସୁସ୍ଥ କରିଥାଏ। ପ୍ରାୟତଃ ଭାରତୀୟଙ୍କ ରୋଷେଇ ଘରେ ସୋରିଷ ତେଲ ବ୍ୟବହାର କରାଯାଏ। ଏହା ଆପଣଙ୍କ ହାର୍ଟକୁ ସୁସ୍ଥ ରଖିବା ସହ ଖରାପ କୋଲେଷ୍ଟ୍ରଲ ସ୍ତରକୁ କମ୍ କରିଥାଏ। ସୋରିଷ ମ୍ୟାଗ୍ନେସିୟମ୍ରେ ଭରପୁର ହୋଇଥାଏ, ଯାହା ଶରୀରକୁ ଯନ୍ତ୍ରଣା ଓ ଚାପରୁ ମୁକ୍ତି କରିଥାଏ। ଯଦି ଆପଣ ମଧ୍ୟ ମୁଣ୍ଡବିନ୍ଧାକୁ ନେଇ ଚିନ୍ତିତ ଅଛନ୍ତି, ତାହେଲେ ସୋରିଷ ଯଥେଷ୍ଟ ଲାଭଦାୟକ ହୋଇପାରେ। ଋତୁର ପରିବର୍ତ୍ତନ ହେବା ଦ୍ୱାରା ତ୍ୱଚାର ସମସ୍ୟା ହେବା ସ୍ୱଭାବିକ । ସେଥିପାଇଁ ଆପଣ ଆପଣଙ୍କ ସ୍କିନ୍ କେୟାର ରୁଟିନ୍ରେ ସୋରିଷ ସାମିଲ କାରିପାରିବେ। ଯାହା ତ୍ୱଚାକୁ ହାଇଡ୍ରେଟ୍ କରିବା ସହ ମୁହଁରେ ବ୍ରଣ ହେବାକୁ ଦିଏ ନାହିଁ। ଏହି ମଞ୍ଜିରେ ଥିବା ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ମୁହଁ ଫୁଲାକୁ କମ୍ କରିବାରେ ସାହାଯ୍ୟ କରେ।

# ଆଧାର କାର୍ଡ ନଥିବାରୁ ହେଲାନି ବଦ୍ରୀନାଥ ଆଡମିସନ



**କନ୍ଧମାଳ,୨୭।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରିମାଣ୍ଡୁ ପଞ୍ଚାୟତ ଅନ୍ତର୍ଗତ କୁଆଘରା ଗ୍ରାମର ଦୃଶ୍ୟ କୁଆଘରା ଗ୍ରାମର ନକୁଳ ଙ୍କ ପୁତ୍ର ବଦ୍ରୀନାଥ କହଁର ପାଠ ପଢାରେ ଡୋରି ବାନ୍ଧି ବାଧ୍ୟ ହେଉଛନ୍ତି ଖବର ନେବାରୁ ଜଣାପଡ଼ିଛି ବଦ୍ରୀନାଥ ଗବରନଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ଅଷ୍ଟମ ଶ୍ରେଣୀ ପାସ କରିଛି ପରେ ସେ ଅନେକ ବିଦ୍ୟାଳୟ କୁ ନବମ ଶ୍ରେଣୀ ପାଇଁ ଯାଇଥିଲେ କିନ୍ତୁ ବିଦ୍ୟାଳୟ ମାନଙ୍କର ପ୍ରଧାନ ଶିକ୍ଷକ ଆଧାର କାର୍ଡ ନହେଲେ ନାମ ଲେଖାଯାଇ ପାରିବ ନାହିଁ ବୋଲି ରୋକଠୋକ୍ ମନା କରି ବିଦା କରିଦେଲେ ଫଳରେ ଅନ୍ୟ କୌଣସି ଉପାୟ ନ ପାଇ ବଦ୍ରୀନାଥ କହଁର ଆଜକୁ ଏକ ବର୍ଷ ହେବ ପାଠ ପଢ଼ାରେ ଡୋରି ବାନ୍ଧି ଦେବାକୁ ବାଧ୍ୟ ହେଲେ ବଦ୍ରୀନାଥ ଙ୍କ ବର୍ତ୍ତମାନ୍ ବୟସ ପନ୍ଦର ବର୍ଷ ଛୁଇଁଲା ସେହିପରି ଆଧାର କାର୍ଡ ନଥିବା ଯୋଗୁଁ ସରକାର ଯୋଗାଇ ଦେଉଥିବା ମୁଣ୍ଡ ପିଛା ପାଞ୍ଚ କିଲ ଚାଉଳ ମଧ୍ୟ ବଦ୍ରୀନାଥ କହଁର ପାଇପାରୁ ନଥିବା କଥା କହିଛନ୍ତି। ବାପା ନକୁଳ କହଁର ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି। କନ୍ଧମାଳ ଜିଲ୍ଲା ରୁ ରାଜିବ କୁମାର ଦିଗାଲ ଙ୍କ ରିପୋର୍ଟ।

# ବାଲିପାଟଣାରେ ରାମନବମୀ ପାଳିତ



**ବାଲିପାଟଣା,୨୭।୩(ସଂଚାର ବ୍ୟୁରୋ):** ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପବିତ୍ର ଜନ୍ମୋତ୍ସବ ବା 'ରାମ ନବମୀ' ଆଜି ବାଲିପାଟଣା ବ୍ଲକର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଭକ୍ତି ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ପରିପେକ୍ଷୀରେ ଆଜି ବନମାଳୀପୁର ଗଡ଼ ଚାରିପଡା ଗ୍ରାମରେ ଥିବା ମହାବୀର ଙ୍କ ମନ୍ଦିରରୁ ତାରେଣି ପ୍ରସାଦ ପାତ୍ର, ଶକ୍ତି ସୌରଭ ପାତ୍ର, ଦିବ୍ୟଜ୍ୟୋତି ପାତ୍ର, ସୁନୀଲ ପାତ୍ର, ଶୁଭମ ଛୋଟରାୟ ଓ ଶତାଧିକ ରାମ ଭକ୍ତ ସକାଳୁ ଏକ ମଟର ସାଇକେଲ ଶୋଭାଯାତ୍ରା କରିଥିଲେ। ବାଲିପାଟଣା ଅଞ୍ଚଳର ପ୍ରତ୍ୟେକ ରାମମନ୍ଦିର ଓ ହନୁମାନ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ସମଗ୍ର ଅଞ୍ଚଳ ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ବିଭିନ୍ନ ଗ୍ରାମାଞ୍ଚଳରେ ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ଭବ୍ୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି।ହାତରେ ହନୁମାନ ପତାକା ଧରି ଶତାଧିକ ଶ୍ରଦ୍ଧାଳୁ ସଂକୀର୍ତ୍ତନ ମଣ୍ଡଳୀ ସହ ପରିକ୍ରମା କରିଥିଲେ। ଅନେକ ସ୍ଥାନରେ ସୁସଜ୍ଜିତ ତୋରଣ ଓ ଆଲୋକମାଳାରେ ମନ୍ଦିରଗୁଡ଼ିକୁ ସଜାଯାଇଥିଲା, ଯାହା ଶ୍ରଦ୍ଧାଳୁଙ୍କ ମନରେ ଏକ ଦିବ୍ୟ ଅନୁଭୂତି ସୃଷ୍ଟି କରିଥିଲା।

# ୪୦% ପ୍ରତିଶତ ଭିନ୍ନକ୍ଷମ ସଦାନନ୍ଦଙ୍କୁ ମିଳୁନି ଭତ୍ତା



**କନ୍ଧମାଳ,୨୭।୩(ସଂଚାର ବ୍ୟୁରୋ):** ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଭିନ୍ନକ୍ଷମ ଦୃଷ୍ଟିହୀନ ବିଧବା ଭତ୍ତା ଦେଉଥିବା ବେଳେ ଆଜି ପର୍ଯ୍ୟନ୍ତ ସଦାନନ୍ଦ ପାତ୍ର ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ହେଲେ ସରକାର ପରେ ସରକାର ବଦଳଉଛି ହେଲେ ସରକାର ଯୋଜନା ସଠିକ୍ ଭାବରେ ଲୋକଙ୍କ ପାଖରେ ପହଞ୍ଚିବାକୁ ଅସୁବିଧା ରହୁଛି କୋଉଠି ନା ଜାଣି ଶୁଣି ପ୍ରଶାସନ ନିରବ ରହିଛି ବୋଲି ଅଞ୍ଚଳରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳୁଛି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ପାତ୍ର ସାହିର ଭିନ୍ନକ୍ଷମ ସଦାନନ୍ଦ ପାତ୍ର। ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ଅନ୍ୟପଟେ କାମ ନକରି ପାରିବାରୁ ଚଳିବା ପାଇଁ ବହୁତ କଷ୍ଟକର ବୋଲି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ନିଜେ କହିଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ସଠିକ୍ ଦୃଷ୍ଟି ଆକର୍ଷଣ କରିବା ସହ ସଦାନନ୍ଦ ପାତ୍ରଙ୍କୁ ଭିନ୍ନକ୍ଷମ ଭତ୍ତା ଯୋଗାଇ ଦେବା ପାଇଁ ବୃଦ୍ଧି ଜିବୀ ମହଲରୁ ଅନୁରୋଧ କରିଛନ୍ତି।

# ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

- ଅବସରପ୍ରାପ୍ତ ଶିକ୍ଷକଙ୍କ ଉଦ୍ୟମକୁ ଭୂୟଂସୀ ପ୍ରଶଂସା



**କନ୍ଧମାଳ,୨୭।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ପରିସରରେ ଆଜି ଏକ ସ୍ପୃହାଦାୟକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକମାନଙ୍କ ନିଜସ୍ୱ ଦାନରେ ଆୟୋଜିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ଭବିଷ୍ୟତ ପିଢି ପାଇଁ ସବୁଜ ସନ୍ଦେଶ ନେଇ ଏହି କାର୍ଯ୍ୟକ୍ରମ ଅଞ୍ଚଳରେ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛି।କାର୍ଯ୍ୟକ୍ରମରେ ମା ବରାଳ ଦେବୀ ଉଚ୍ଚ ବିଦ୍ୟାଳୟ, କଲାଡୀର ପୂର୍ବତନ ପ୍ରଧାନ ଶିକ୍ଷକ ରମାକାନ୍ତ ପୃଷ୍ଟି ସପେତା ଫଳ ବୃକ୍ଷ ରୋପଣ କରିଥିବାବେଳେ, ଶ୍ରୀଦେବୀ ଉଚ୍ଚ ବିଦ୍ୟାଳୟ, ବିସିପଡାର ପୂର୍ବତନ ବିଜ୍ଞାନ ଶିକ୍ଷକ ଓ ଜିଲ୍ଲା ଓସ୍ତା ସଂଘ ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଲେମ୍ବୁ ଗଛ ଲଗାଇଥିଲେ। ସେହିପରି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଆଡାସିପଡାର ପୂର୍ବତନ ପ୍ରଧାନ ଶିକ୍ଷକ ଓ ଜିଲ୍ଲା ଓସ୍ତା ସଂଘ ସଭାପତି ଚତୃଭୁଜ ରାଉତ ଆମ୍ବ ଗଛ ରୋପଣ କରିଥିଲେ। ଏହାସହ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଫୁଲବାଣୀ ଶାଖାର ୟୁନିଟ୍ ହେଡ୍ ଦୀପ୍ତି ପ୍ରସାଦ ରଥ ଲିଚୁ ବୃକ୍ଷ ଲଗାଇ କାର୍ଯ୍ୟକ୍ରମକୁ ଆହୁରି ସାର୍ଥକ କରିଥିଲେ। ଏହି ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସମସ୍ତ କର୍ମଚାରୀଙ୍କର ସକ୍ରିୟ ସହଯୋଗ ଦେଖିବାକୁ ମିଳିଥିଲା। ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଏହାକୁ ଭୂୟଂସୀ ପ୍ରଶଂସା କରାଯାଇଥିଲା।

# ମୃତ୍ୟୁ ପରେ ଚକ୍ଷୁଦାନ କରି ଅମର ରହିଲେ ଚାଷୀ



**ବାଲିପାଟଣା,୨୭।୩(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଗାରେଡି ପାଞ୍ଚଣ ଗ୍ରାମ ର ଜଣେ ଯୁବ ଚାଷୀ ଫସଲ କିଆରୀ ରେ କାମ କରୁଥିବା ସମୟରେ ମୃତ୍ୟୁ ଘଟିଛି। ମୃତ ଚାଷୀ ହେଲେ ମନୋରଞ୍ଜନ ବାରିକ ଓରଫ ବିଜୟ (୫୨)। ସୂଚନା ଅନୁସାରେ ବିଜୟ ଜଣେ ସଫଳ ଚାଷୀ ଅଟନ୍ତି। ଧାନ ଏବଂ ବିଭିନ୍ନ ପ୍ରକାର ପରିବା ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ଗୁରୁବାର ଏବଂ ରବିବାର ସ୍ଥାନୀୟ ବାଲିପାଟଣା ହାଟରେ ସେ ଚାଷ କରିଥିବା ପରିବା ବିକ୍ରି କରନ୍ତି। ଆଜି ସକାଳୁ ଗାରେଡିପାଞ୍ଚଣ ମୌଜାର ମାଣିକ ପୋଖରୀ ନିକଟରେ ଥିବା ପରିବା କିଆରୀ ରେ କାମ କରିବାକୁ ଯାଇଥିଲେ। ଖେତରେ କିଛି ସମୟ କାମ କରିବା ପରେ ବିଜୟ ଙ୍କ ଛାତି ରେ ଯନ୍ତ୍ରଣା ହୋଇଥିଲା। ଶରୀର ଅସୁସ୍ଥ ଲାଗିବାରୁ ସେ କାମ ବନ୍ଦ କରି ଘରକୁ ଯିବା ପାଇଁ ବାହାରିଥିଲେ।ହଠାତ ତାଙ୍କ ମୁହଁ ରୁ ପ୍ରଚୁର ରକ୍ତସ୍ରାବ ଆରମ୍ଭ ହୋଇଥିଲା। କିଛି ବାଟ ଆସିବା ପରେ ଏକ ଜଙ୍ଗଲିଆ ବଣରେ ଟଳି ପଡ଼ିଥିଲେ। ସ୍ଥାନୀୟ ଗ୍ରାମ ର ଜନୈକ ବ୍ୟକ୍ତି ତାଙ୍କ ଚପଲ ପଡ଼ିଥିବା ଦେଖିଥିଲେ। ଖୋଜାଖୋଜି କରିବା ପରେ ବିଜୟଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଚିକିତ୍ସା ଦାୟିତ୍ୱ ରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ ଲାଗି କ୍ୟାପିଟାଲ ହସ୍ପିଟାଲ କୁ ପଠାଇଛି।

## ପୋତି ହୋଇଯାଉଛି ବିରୂପା ନଦୀଶଯ୍ୟା

# ଜଳପଥ ନିର୍ମାଣ ପ୍ରସ୍ତାବ ସନ୍ଧିହାନ



**ଚଣ୍ଡିଖୋଲ,୨୭।୩(ସଂଚାର ବ୍ୟୁରୋ):** ମହାନଦୀର ଶାଖା ନଦୀ ହେଉଛି ବିରୂପା ଓ ଗେଙ୍ଗୁଟି। ଦୀର୍ଘ ବର୍ଷ ହେବ ଏହି ନଦୀଖନନ ନ ହେବା ଦ୍ୱାରା ନଦୀ ଶଯ୍ୟା ସମ୍ପୂର୍ଣ୍ଣ ପୋତି ହୋଇ ଗଲାଣି, ଯଦ୍ୱାରା ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ପ୍ରାଧିକରଣ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ୫ ଜଳପଥ ନିର୍ମାଣ ପ୍ରସ୍ତାବ ସନ୍ଧିହାନ ହୋଇପଡ଼ିଛି। ବିରୂପା ନଦୀ କଟକ ଜିଲା ଜଗତପୁରଠାରୁ ବାହାରି ଯାଜପୁର ଜିଲା ଦେଇ କେନ୍ଦ୍ରାପଡ଼ା ଜିଲାର ଇନ୍ଦୁପୁରଠାରେ ବ୍ରାହ୍ମଣୀ ନଦୀରେ ମିଶିଛି। ଏହି ନଦୀ ଜଗତପୁରଠାରୁ ଇନ୍ଦୁପୁର ମଧ୍ୟରେ ୫୫ କି.ମି. ଲମ୍ବ ରହିଛି। ଏଥିରେ ଯାଜପୁର ଜିଲା ବଡ଼ଚଣା ବ୍ଲକରେ ୧୪ କି.ମି. ପ୍ରବାହିତ ହୋଇଛି। ସେହିଭଳି ଗେଙ୍ଗୁଟି ନଦୀ ହେଉଛି ବିରୂପାର ଶାଖାନଦୀ। ଏହା କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ବାଜପୁରାଠାରୁ ବାହାରି ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଆଠାରେ କେଲୁଅ ନଦୀରେ ମିଶିଛି। ଏହାର ଲମ୍ବ ପାଖାପାଖି ୩୦ କି.ମି. ରହିଛି। ତେବେ ଏହି ନଦୀ ଦୁଇଟିର ଶଯ୍ୟା ପୋତି ହୋଇ ବିରାଟ ବିରାଟ କୁଦ ସୃଷ୍ଟି ହୋଇଗଲାଣି। ନଦୀ ଗର୍ଭ ପୋତି ହୋଇ ଯିବାଦ୍ୱାରା ଚାଷ କାର୍ଯ୍ୟ ପ୍ରଭାବିତ ହେଉଛି। ଚାଷଜମିକୁ ପାଣି ଯୋଗାଇବା ଚାଷୀ ପକ୍ଷେ ସମ୍ଭବ ହେଉନାହିଁ। ପୂର୍ବରୁ ଏହି ନଦୀକୂଳ ଜମିଗୁଡ଼ିକରେ ବର୍ଷକ ବାରମାସ ବିଭିନ୍ନ ପ୍ରକାରର ଫସଲ ଅମଳ ହେଉଥିବାବେଳେ ଏବେ ନଦୀ ଉଭୟ ପାର୍ଶ୍ୱ ଜମିପଡିଆ ପଡୁଛି। ନଦୀ ଗର୍ଭ ପୋତି ହେବାଦ୍ୱାରା ପୂର୍ବରୁ ଏହାକୁଳରେ ବସିଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପଗୁଡିକ ଅଚଳ ଅବସ୍ଥାରେ ପଡ଼ିରହିଛି। ସେହିଭଳି କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଗୁଡିକ ମଧ୍ୟ ଅଚଳ ହୋଇଯାଇଛି। ଇନଲାଣ୍ଡ ୱାଟର ୱେ ଅଥରିଟି ଅଫ ଇଣ୍ଡିଆ(ଆଇଡବ୍ଲ୍ୟୁଏଆଇ) ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ଦ୍ୱାରା ବ୍ରାହ୍ମଣୀ, ବିରୂପା ଓ ଗେଙ୍ଗୁଟି ନଦୀରେ ଜଳପଥ ନିର୍ମାଣ ନେଇ ଗାଇଡ ଲାଇନ ପ୍ରସ୍ତୁତ ହୋଇଛି। ସେଥିପାଇଁ ଗତ ଡିସେମ୍ବରରେ ଏହି ନଦୀରେ ନିର୍ମାଣାଧୀନ ସେତୁର ଉଚ୍ଚତା ବୃଦ୍ଧି ନେଇ ଜଳପଥ ପ୍ରାଧିକରଣ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି ରିପୋର୍ଟ ଦେବାକୁ ଅନୁରୋଧ କରିଥିଲା। ଏହି ନଦୀ ଗୁଡିକରେ ଜଳପଥ ଦେଇ ବୋଟ, ମୋଟର ଲଞ୍ଚ ଓ ବଡ଼ବଡ଼ ଡଙ୍ଗା ସାହାଯ୍ୟରେ ଯାତାୟାତ ସହ ସାମଗ୍ରୀ ପରିବହନ କରାଯିବ। ପୂର୍ବରୁ ଏହି ନଦୀର ଓସାର ୫୦୦ମିଟରରୁ ଅଧିକ ଥିବାବେଳେ ଏବେ ଏହା ୫୦ ମିଟରରେ ସୀମିତ ହୋଇଯାଇଛି। ଏପରିକି ଗ୍ରୀଷ୍ମ ଋତୁରେ ଜଳ ପ୍ରବାହ ମଧ୍ୟ ବନ୍ଦ ହୋଇଗଲାଣି।

## ବିଦ୍ୟୁତ୍ ମରାମତି କରୁଥିବାବେଳେ ଜଳିଗଲେ

# ଖୁଣ୍ଟରେ ଲାଖି ରହିଛି ମୃତଦେହ

**ଦେବଗଡ଼,୨୭।୩(ସଂଚାର ବ୍ୟୁରୋ):** ବିଦ୍ୟୁତ୍ ମରାମତି କରୁଥିବାବେଳେ ୧୧ କେଭି ତାରରେ ଲାଗି ଜଣଙ୍କର ଜୀବନ ଚାଲିଯାଇଛି। ବିଦ୍ୟୁତ୍ ଖୁଣ୍ଟ ଉପରେ ଲାଖି ରହିଛି ମୃତଦେହ। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଦେବଗଡ଼ ଥାନା ପୁରୁକୁଣ୍ଡା ଗ୍ରାମରେ। ମୃତକ ଜଣକ ଶୁକ୍ରବାର ମରାମତି କାମ କରୁଥିବା ବେଳେ ଏହି ଅଘଟଣ ଘଟିଛି। ମୃତକ ଖଜୁରୀବାହାଲ ଗ୍ରାମର ଘନଶ୍ୟାମ ନାୟକ। ଘଟଣାସ୍ଥଳରେ ଦେବଗଡ଼ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ଶ୍ରୀରାମ ନବମୀ ପାଇଁ ଚଳଚଞ୍ଚଳ ଦିଗପହଣ୍ଡି

**ଦିଗପହଣ୍ଡି,୨୭।୩(ସଂଚାର ବ୍ୟୁରୋ):** ଆଜି ପବିତ୍ର ଶ୍ରୀରାମ ନବମୀ। ଏ ନେଇ ଗଞ୍ଜାମ ଜିଲା ଦିଗପହଣ୍ଡି ଚଳଚଞ୍ଚଳ ହୋଇ ଉଠିଛି। ତେବେ ଗୁରୁବାର ସାରେ ଶ୍ରୀରାମ ନବମୀ ମହୋତ୍ସବ ସମିତି ପକ୍ଷରୁ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।ଘୋଡ଼ାହାଡ଼ ପାଣିପଞ୍ଚାୟତ ଶୀର୍ଷ କମିଟି କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରି ବଜାର ଗାନ୍ଧୀ ଛକ ସଭାସ୍ଥଳରେ ପହଞ୍ଚିଥିଲା। ସଭାରେ ଦିଗପହଣ୍ଡି ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର, ବିଶ୍ୱହିନ୍ଦୁ ପରିଷଦର କାର୍ଯ୍ୟକର୍ତ୍ତା ରମାକାନ୍ତ ରଥ,ଅରୁଣ କୁମାର ପାଢ଼ୀ, ସ୍ୱାମୀ ଶର୍ମିଷ୍ଠା ନନ୍ଦ ସରସତୀ,ମହନ୍ତ ଚିନ୍ମୟାନନ୍ଦ ଦାସ,ଯୋଗୀ ଦେବଦତ୍ତ ମେକାପ,ମହନ୍ତ କୃଷ୍ଣ ଚନ୍ଦ୍ର ଶାସ୍ତ୍ରୀ ପ୍ରମୁଖ ଯୋଗଦେଇ ଶ୍ରୀରାମ ନବମୀ ମହୋତ୍ସବ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେବାସହ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀ ରାମଚନ୍ଦ୍ରଙ୍କ ଜୀବନୀ ସମ୍ପର୍କରେ ସମ୍ବୋଧିତ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କାର୍ଯ୍ୟକର୍ତ୍ତା ପ୍ରହ୍ଲାଦ ଡାକୁଆ, ପ୍ରକାଶ କୁମାର ପ୍ରଧାନ,ନାରାୟଣ ସାବତ ପ୍ରମୁଖ ଉପସ୍ଥିତ ଥିଲେ।

## ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଯୁବକଙ୍କ ମୃତ୍ୟୁ ଘଟଣା

# ଆଶା ନର୍ସିଂ ହୋମକୁ ସିଲ୍ କଲା ପ୍ରଶାସନ



**ସୁବର୍ଣ୍ଣପୁର,୨୭।୩(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ସହରର ଆଶା ନର୍ସିଂ ହୋମ ଠାରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ତରଭା ସହରର ମହାବୀର ଅଗ୍ରୱାଲ(୪୩)ଙ୍କ ମୃତ୍ୟୁ ଘଟଣାରେ ଆଜି ନର୍ସିଂ ହୋମ କୁ ସିଲ୍ କଲା ପ୍ରଶାସନ। ଏ ନେଇ ମହାବୀରଙ୍କ ପରିବାର ପକ୍ଷରୁ ପୂର୍ବରୁ ଅଭିଯୋଗ କରାଯାଇ ଥିବା ବେଳେ ଗତକାଲି ପୁଣି ତାଙ୍କ ଛୋଟ ପୁଅ ଓ ପରିବାର ପକ୍ଷରୁ ଜିଲ୍ଲାପାଳ ଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ସାକ୍ଷାତ କରି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବୀ କରିଥିଲେ। ଆଜି ଦିନ ୨ ଟା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଚଢ଼ାଉ କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ଉଷାରାଣୀ ଦାଶ, ଅଧିକ୍ଷକ ଡା. ଦୁର୍ଗାଦତ୍ତ ଦାଶ, ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରକାଶ ଦଣ୍ଡସେନ, ଡିପିଏମ ରୂପକ କୁମାର ମହାପାତ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ହିତେଶ କୁମାର ତ୍ରିପାଠୀ, ସେକ୍ସନ ଅଫିସର ପ୍ରସନ୍ନ ବେହେରା ଙ୍କ ଉପସ୍ଥିତିରେ ସିଲ୍ କରିଛି ପ୍ରଶାସନ। କିଛି ଦିନ ପୂର୍ବରୁ ଜିଲ୍ଲାପାଳ ଡ. ନୃପରାଜ ସାହୁ ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପହଞ୍ଚି ମେଡିକାଲ ପରିଦର୍ଶନ କରିବା ସହ ପଞ୍ଜୀକରଣ କାଉଣ୍ଟରରେ ବସି ତଥ୍ୟ ଅନୁଧ୍ୟାନ କରିବା ପରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ମେଡିକାଲ୍ ଅଧିକ୍ଷକଙ୍କ ସହ ଆଲୋଚନା କରି ଶ୍ରୀ ଅଗ୍ରୱାଲଙ୍କ ଚିକିତ୍ସାର ସମସ୍ତ ତଥ୍ୟ ବୁଝିଥିଲେ । ମୁଖ୍ୟ ଚିକିତ୍ସାଳୟରୁ ରେଫର୍ କରି ସ୍ଥାନୀୟ ଆଶା ନର୍ସିଂ ହୋମକୁ ନେଇ ଚିକିତ୍ସା କରିଥିବା ଉଭୟ ଡାକ୍ତର ହଠାତ୍ ଛୁଟିରେ ପଳେଇଥିବାରୁ ଏଥିରୁ ତାଙ୍କର ତୃଟିପୂର୍ଣ୍ଣ ଚିକିତ୍ସାର ଗନ୍ଧ ବାରି ହେଉଛି ବୋଲି ବିସ୍ମିତ ହୋଇଥିଲେ । ଏହି ସବୁ ଘଟଣା ବିଷୟ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ କରି ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଥିଲେ । ପରେ ସେଠାରୁ ତୁରନ୍ତ ଘରୋଇ ଆଶା ନର୍ସିଂ ହୋମକୁ ପରିଦର୍ଶନ କରି ଶ୍ରୀ ଅଗ୍ରୱାଲଙ୍କ ଚିକିତ୍ସା ବିଷୟରେ ବିଭିନ୍ନ ପ୍ରଶ୍ନ ସହ ତଦନ୍ତ କରିଥିଲେ । ଏବଂ ତ୍ରୁଟି ପୂର୍ଣ୍ଣ ଚିକିତ୍ସାରେ ସାମିଲ୍ ଥିବା ଡାକ୍ତର ଓ ନର୍ସିଂ ହୋମ ମାଲିକଙ୍କ ଉପରେ ମଧ୍ଯ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡ଼. ସାହୁ କହିଥିଲେ ।

# ବେଧଡ଼କ ବାଲି ଉଠାଣ: ଆଗକୁ ଉତ୍କଟ ହେବ ଜଳ ସଙ୍କଟ



**ଲୋଇସିଂହା,୨୭।୩(ସଂଚାର ବ୍ୟୁରୋ):** ବଲାଙ୍ଗୀରର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତରେ ପାଇପ ଜଳ ଯୋଗାଣରେ ବାଧାପ୍ରାପ୍ତ ସୃଷ୍ଟି ହୋଇଛି। ପଞ୍ଚାୟତ ଅଧୀନ ଛେଲବାହାଲ ସୁକତେଲ ନଦୀ ପଠା ପାନୀୟଜଳ ପ୍ରକଳ୍ପର ଗ୍ୟାଲେରୀ ଉପରୁ ବେଧଡକ ଭାବେ ବାଲି ଉଠାଣ ଯୋଗୁ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏନେଇ ପଞ୍ଚାୟତ ମାସିକ ବୈଠକରେ ପାରିତ ହୋଇ ବଲାଙ୍ଗୀର ଜିଲାପାଳ ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏହା ସତ୍ତ୍ୱେ ବାଲି ଉଠାଣ ବନ୍ଦ ହୋଇ ନ ଥିବାରୁ ଆଗକୁ ଜଳ ସଙ୍କଟ ଘନୀଭୂତ ହେବ ଓ ପିଇବା ପାଣିର ହାହାକାର ପରିସ୍ଥିତି ଦେଖାଦେବା ଅଭିଯୋଗ ହୋଇଛି। ପ୍ରକାଶଯେ, ଯୋଗୀସର୍ଡା,ଗୁର୍ଜିଭଟା, କେଉଁଟପାଲି, ଛଲବାହାଲ, ମାହାରପାଲି, କରନପାଲି ଆଦି ୬ଗ୍ରାମକୁ ନେଇ ଯୋଗୀସର୍ଡା ପଞ୍ଚାୟତ ଗଠିତ। ପଞ୍ଚାୟତ ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ପାଇଁ ପଞ୍ଚାୟତ ଅଧୀନ ଛେଲବାହାଲ ସୁକତେଲ ନଦୀ ପଠାରେ ୨ଟି ପାଣି ଟାଙ୍କି(ଇନଟେକ ୱେଲ) ବସିଛି। ୬ଟି ଗ୍ରାମର ୧୦ ହଜାର ଲୋକଙ୍କୁ ପ୍ରତ୍ୟେହ ଏଠାରୁ ପାନୀୟ ଜଳ ଯୋଗାଣ କରାଯାଉଛି। ହେଲେ ସୁକତେଲ ନଦୀ ପଠାର ଇନଟେକ ୱେଲ ବସିଥିବା ଗ୍ୟାଲେରୀ ଉପରୁ ନିୟମିତ ଭାବେ ମେସିନ ସାହାଯ୍ୟରେ ହାଇୱା ଯୋଗେ ବାଲି ଉଠାଣ କରି ଜିଲା ତଥା ଜିଲା ବାହାରକୁ ଚାଲାଣ ହେଉଛି। ଏହି ସ୍ଥାନରୁ ବାଲି ଉଠାଣ ଯୋଗୁ ଜଳସ୍ରୋତ ବନ୍ଦ ହୋଇଯାଉଛି।

# ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ସଂକ୍ରାନ୍ତ ସଭା



**ଦିଗପହଣ୍ଡି,୨୭।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି (ଟିଏଲଏସସି) ପକ୍ଷରୁ ଗୁରୁବାର ସ୍ଥାନୀୟ ମିଶନ ଶକ୍ତି ଭବନ ପରିସରରେ ଏକ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ହର ପ୍ରସାଦ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନ ସେବା କମିଟି ଅଧ୍ୟକ୍ଷା ତଥା ସିଭିଲ ଜଜ ସିନିୟର୍ ଡିଭିଜନ କୋର୍ଟର ମାଜିଷ୍ଟ୍ରେଟ ମହାଶତୋ ପରିଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ, ଦିଗପହଣ୍ଡି ଥାନା ଆଇଆଇସି କିଶୋର କୁମାର ସାମଲ, ସରକାରୀ ଓକିଲ ହେମନ୍ତ କୁମାର ପାଣିଗ୍ରାହୀ,ପରେଶ ଚନ୍ଦ୍ର ରଥ, ମିଶନ ଶକ୍ତି ବ୍ଲକ ସଂଯୋଜକ ଦୁର୍ଯ୍ୟୋଧନ ମଲ୍ଲିକ, ଆଇନଜୀବି କୁରେଶୁ ପଣ୍ଡା, ପ୍ରଦୀପ କୁମାର ନାୟକ, ବିଚାର ବିଭାଗୀୟ କର୍ମଚାରୀ ପ୍ରଦୀପ କୁମାର ଶତପଥୀ, ଅଶ୍ୱିନୀ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଯୌତୁକ ନିରୋଧ ଆଇନ, ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ ଉପରେ ଆଲୋକପାତ କରାଯିବା ସହ ମାଗଣା ଆଇନ ସହାୟତା ବ୍ୟବସ୍ଥା ଉପରେ ମଧ୍ୟ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀ ଓ ମହିଳାମାନଙ୍କୁ ସଚେତନ କରାଯାଇଥିଲା।

# କାଉଗୁଡ଼ା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ଲାଞ୍ଜିଗଡ଼,୨୭।୩(ସଂଚାର ବ୍ୟୁରୋ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ କାଉଗୁଡ଼ା ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ପିଏ ଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର, ପୂର୍ବତନ ଶିକ୍ଷକ ଉମାଶଙ୍କର ପଣ୍ଡା, ସୁରେଶ ଚନ୍ଦ୍ର ସାହୁ, ପ୍ଲାଷ୍ଟିକୁଡି ପ୍ରଧାନ ଶିକ୍ଷକ ଅରୁଣ କୁମାର ସାହୁ, ବରିଷ୍ଠ ସୂର୍ଯ୍ୟ ନାରାୟଣ ପଣ୍ଡା, ପରିଚାଳନା କମିଟି ସଭାପତି କଳାକୃଷ୍ଣ ଶବର ପ୍ରମୁଖ ଯୋଗଦେଇ ଥିଲେ।

# ମୟୂର ସାହିତ୍ୟ ସଂସଦର ବାର୍ଷିକ ଅଧିବେଶନ ନିମନ୍ତେ ପ୍ରସ୍ତୁତି ବୈଠକ

**ବୈଶିଙ୍ଗା,୨୭।୩(ସଂଚାର ବ୍ୟୁରୋ):** ବେତନଟୀର ପୁରାତନ ସାହିତ୍ୟାନୁଷ୍ଠାନ 'ମୟୂର ସାହିତ୍ୟ ସଂସଦ'ଆଗାମୀ ଉତ୍କଳ ଦିବସ ପାଳନ ସହ ସଂସଦର ବାର୍ଷିକ ଅଧିବେଶନ ମଧ୍ୟ ପାଳନର ନିଷ୍ପତ୍ତି ଗ୍ରହଣ କରିଅଛି।କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମାର୍ଚ୍ଚ ୨୬ ତାରିଖରେ ଅନୁଷ୍ଠିତ କାର୍ଯ୍ୟକାରୀ କମିଟି ବୈଠକରେ ଏହାର ଚୂଡାନ୍ତ ରୂପରେଖ ପ୍ରସ୍ତୁତ ହୋଇଅଛି।ଆଗାମୀ ମଇ ୩ ତାରିଖି ରବିବାରରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ବାଲେଶ୍ୱର ରୁ ଦୁଇଜଣ ପ୍ରଖ୍ୟାତ ସାହିତ୍ୟିକ ଏଥିରେ ଯୋଗ ଦେବାକୁ ସମ୍ମତି ଜଣାଇବା ସହ ଦୁଇଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ମାନିତ କରାଯିବ। ପ୍ରତ୍ୟେକ ବର୍ଷ ଭଳି ସଂସଦର ମୁଖପତ୍ର 'ବନ ମୟୂରୀ'ର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ ହେବ। ଏଥି ନିମନ୍ତେ ଆଗାମୀ ୧୦ ଅପ୍ରେଲ ସୁଦ୍ଧା କବି, ଲେଖକମାନଙ୍କ ଠାରୁ କ୍ଷୁଦ୍ରଗଳ୍ପ, କବିତା ଆହ୍ୱାନ କରାଯାଉଅଛି।ଆଲୋଚନାରେ ଉପସଭାପତି ଗୌତମଚନ୍ଦ୍ର ବେହେରାଙ୍କ ସମେତ ବନମୟୁରୀ ସଂପାଦକ ନୀରଦ ସୁନ୍ଦର ଜେନା, ସହ ସଂପାଦକ ସହଦେବ ଗିରି ଓ ରବୀନ୍ଦ୍ରନାଥ ଖଟୁଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ଲଙ୍କେଶ୍ୱରୀଙ୍କ କଳସଯାତ୍ରା ଓ ନଗର ପରିକ୍ରମା ଉତ୍ସବ

**ସୁବର୍ଣ୍ଣପୁର,୨୭।୩(ସଂଚାର ବ୍ୟୁରୋ):** ସୋନପୁର ସହରର ମହାନଦୀ ଗଣ୍ଡ ରେ ଥିବା ପ୍ରସିଦ୍ଧ ଦେବୀ ମା' ଲଙ୍କେଶ୍ୱରୀଙ୍କ କଳସଯାତ୍ରା ଓ ନଗର ପରିକ୍ରମା ଉତ୍ସବ ଧୂମଧାମ ରେ ସମ୍ପନ୍ନ ହୋଇଯାଇଛି। ପବିତ୍ର ଚୈତ୍ର ବାସନ୍ତିକ ନବରାତ୍ର ତୃତୀୟ ପାଳି ମଙ୍ଗଳାବର ଦିନ ମହାସପ୍ତମୀ ତିଥିରେ ସୋନପୁରର ମାଁ ଲଙ୍କେଶ୍ୱରୀ ଉନ୍ନୟନ କମିଟି ପକ୍ଷରୁ ଏହି ଯାତ୍ରା ଆୟୋଜିତ ହୋଇଯାଇଛି। ଆଜି ଭୋରରୁ ମହାନଦୀ ମଝି ଗଣ୍ଡରେ ଥିବା ମାଁ ଲଙ୍କେଶ୍ୱରୀ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମେ ନଦୀ ଗଣ୍ଡରେ ଥିବା ଲଙ୍କେଶ୍ୱରୀ ଙ୍କ ମନ୍ଦିରରେ ପୂଜାର୍ଚ୍ଚନା ତଥା ସେଠାରେ ପାରମ୍ପରିକ ଢୋଲ, ନିଶାନ, ତାସା ଆଦି ବାଦ୍ୟ ସହ ମାଁଙ୍କୁ ଆବାହାନ ପରେ ବରୁଆଙ୍କ ଦେହରେ ମାଁ ଆର୍ବିଭାବ ହୋଇ କଳା ଓ ଲାଲ ରଙ୍ଗର ଛତ୍ରଧରି ନୃତ୍ୟ କରିବା ସହ ସେଠାରେ ଶ୍ରଦ୍ଧାଳୁଙ୍କୁ



ଦର୍ଶନ ଦେଇଥିଲେ। ପରେ ଦେବୀ ସେଠାରୁ ନୌକାରେ ତେନ୍ତୁଲିଘାଟକୁ ଅସିଥିଲେ। ତାଙ୍କ ସାଙ୍ଗରେ ୭ ଜଣ କୁମାରୀ କନ୍ୟା ପୂର୍ଣ୍ଣ କଳସ ଧରି ମା ଙ୍କ ସାଙ୍ଗରେ ଯାତ୍ରାରେ ସାମିଲ ହୋଇଥିଲେ। ସେଠାରୁ ଶେଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରିକ୍ରମା ସମୟରେ ସମସ୍ତ ଘର ସମ୍ମୁଖରେ ମାଁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ସଂଧ୍ୟାରେ ମାଁ ମହାନଦୀ ମଝିରେ ଥିବା ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏହି ଯାତ୍ରାରେ ସାମିଲ ହୋଇ ମାଁଙ୍କ ଆର୍ଶୀବାଦ ଲାଭ କରିଥିବା ବେଳେ ହଜାର ହଜାର ଲୋକ ମା ଙ୍କ ବିଭୁକୃପା ଲାଭ କରିଥିଲେ।

# ରାମନବମୀରେ ହନୁମାନ ବାଟିକାରୁ ବାଇକ ଶୋଭାଯାତ୍ରା



**ବୈଶିଙ୍ଗା,୨୭।୩(ସଂଚାର ବ୍ୟୁରୋ):** ରାମନବମୀ ଅବସରରେ ଆଞ୍ଚଳିକ ରାମ ନବମୀ ପାଳନ କମିଟୀ ଆନୁକୂଲ୍ୟରେ ଏକ ବିରାଟ ବାଇକ ଶୋଭାଯାତ୍ରା ବୈଶିଙ୍ଗା ହନୁମାନ ବାଟିକା ସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ଗ୍ରାମ ପରିକ୍ରମା କରିଥିଲେ, ଓଡିଶା ବ୍ରାହ୍ମଣ ସମାଜ ବେତନଟୀ ମଣ୍ଡଳ ସଭାପତି ଗୋପିନାଥ କରଙ୍କ ସମେତ ବହୁ ବ୍ରାହ୍ମଣ ଦେବତା ଉପସ୍ଥିତ ରହିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କର୍ମକର୍ତ୍ତା, ଶିକ୍ଷକ/ଶିକ୍ଷିକା ଙ୍କ ସମେତ କୁନି କୁନି ଛାତ୍ର ଛାତ୍ରୀ ମାନେ ଶୋଭାଯାତ୍ରା ରେ ପହଞ୍ଚି ହନୁମାନ ମନ୍ଦିର ନିକଟରେ ଶୋଭାଯାତ୍ରା ରେ ସହଯୋଗ କରିଥିଲେ। ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ସମେତ ଆଞ୍ଚଳିକ ସ୍ତରରେ ଥିବା ବିଭିନ୍ନ ରାମ ନବମୀ କମିଟୀ ର କର୍ମକର୍ତ୍ତା ମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରାମ ନବମୀ ପାଳନ କମିଟୀର ଆବାହକ ରାଜେନ୍ଦ୍ର କୁମାର ବିନ୍ଧାଣୀ ଆହ୍ୱାନ କ୍ରମେ ହଜାର ହଜାର ଶ୍ରଦ୍ଧାଳୁ ଏଥିରେ ଯୋଗ ଦେଇଥିଲେ।

# ତୃଷାର୍ତ୍ତ ବାଟୋଇଙ୍କୁ ଜଳଦାନ



**ନିଶ୍ଚିନ୍ତକୋଇଲି,୨୭।୩(ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଗୋଡରା ପଞ୍ଚାୟତ ଆପିଲୋ ଉପରପଡ଼ା ଗ୍ରାମର ଆପିଲୋ ଏବିସିସି କ୍ରିକେଟ କ୍ଲବ ପକ୍ଷରୁ ଶ୍ରୀରାମ ନବମୀ ଅବସରରେ ମହତ୍ ଜଳଦାନ କାର୍ଯ୍ୟକ୍ରମ କରାଯାଇଥିଲା। ପ୍ରବଳ ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ତୃଷାର୍ତ୍ତ ଭକ୍ତ ଏବଂ ବାଟୋଇ ମାନଙ୍କୁ ଏହି କ୍ଲବର ଯୁବକମାନଙ୍କ ପକ୍ଷରୁ ଲେମ୍ବୁ ଦହି ମିଶ୍ରିତ ସରବତ ପାଣି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ବିକ୍ରମକେଶରୀ ଷଡଙ୍ଗୀ, ସିଦ୍ଧାର୍ଥ ଶଙ୍କର ଷଡଙ୍ଗୀ, ଦିଲ୍ଲୀପ ପାତ୍ର, ରମାକାନ୍ତ ବାରିକ, ସୁନାକର ପ୍ରଧାନ, ପ୍ରତାପ ଷଡଙ୍ଗୀ, ସାମ୍ବାଦିକ ଦେବେନ୍ଦ୍ର ଷଡଙ୍ଗୀ, ଲକ୍ଷ୍ମୀଧର ବାରିକ, ଅନନ୍ତକିଶୋର ବାରିକ, ଶାରଦାପ୍ରସାଦ ସେଠୀ, ଅରକ୍ଷିତ ସେଠୀଙ୍କ ସମେତ ସ୍ଥାନୀୟ ଗ୍ରାମର ଯୁବକ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନା ପୂର୍ଣ୍ଣ ସହଯୋଗ କରିଥିଲେ।

# ସରପଞ୍ଚ, ସମିତି ସଭ୍ୟଙ୍କ ପ୍ରତିନିଧିଙ୍କୁ ଅଟକ ଘଟଣାର ପ୍ରତିବାଦ: ପୂର୍ବତନ ଏମପିଙ୍କ ଧାରଣା

**ଲୋଇସିଂହା,୨୭।୩(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରାମପୁର ଗ୍ରାମରେ ରାମନବମୀ ଉପଲକ୍ଷେ ଅନୁଷ୍ଠିତ ଷୋହଳ ପ୍ରହର ନାମ ଯଜ୍ଞରେ ଶୁକ୍ରବାର ସ୍ୱାସ୍ଥ୍ୟ ମନ୍ତ୍ରୀ ଯୋଗଦାନ କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ସାସ୍ଥ୍ୟ ମନ୍ତ୍ରୀଙ୍କ ଫଟୋ ପୋଷ୍ଟର ହଟାଇବା ଅଭିଯୋଗରେ ଗୁରୁବାର ରାତିରେ ଲୋଇସିଂହା ପୋଲିସ ବେନ୍ଦ୍ରା ସରପଞ୍ଚ ରବୀନ୍ଦ୍ର ସାହୁ ଓ ସମିତି ସଭ୍ୟଙ୍କ ସ୍ୱାମୀ ଉତ୍ତମ ଭୋଇଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ଏହି ଖବର ପାଇ ପୂର୍ବତନ ଏମପି ମିଶ୍ର ଥାନାକୁ ଆସି ସେମାନଙ୍କୁ ବିନା କାରଣରେ କାହିଁକି ଅଟକ ରଖାଯାଇଛି କହି ମଧ୍ୟାହ୍ନରେ ଧାରଣା ଦେଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ରାମପୁର ଗସ୍ତ ସରିବା ପରେ ଅପରାହ୍ନ ୨ଟାରେ ଅଟକଙ୍କୁ ପୋଲିସ ବ୍ୟକ୍ତିଗତ ମୁଚଲିକାରେ ଛାଡିଥିଲା। ଏହାପରେ ଧାରଣାରେ ବସିଥିବା ପୂର୍ବତନ ଏମପି ମିଶ୍ର ୨ ଘଣ୍ଟା ପରେ ଧାରଣାରୁ ଓହରିଥିଲେ। ଏହି ଅଟକକୁ ଅଗଣତାନ୍ତ୍ରିକ କହି ପୋଲିସ ଉପରେ ବର୍ଷିଥିଲେ। ଅଭିଯୋଗ ପାଇବା ପରେ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଅଟକ ରଖାଯାଇଥିବା ଆଇଆଇସି ଲୁଗୁନ କହିଛନ୍ତି।

